
'ରାମାୟଣ'
ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'

▶ପୃଷ୍ଠା-୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-42 ♦WEDNESDAY ♦5 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୪୨ ♦ବୁଧବାର ♦୫ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ତାମିଲନାଡୁ ବିରୋଧୀ ଦଳ ନେତା ଉଦୟନିଧିଙ୍କୁ ଗିରଫ ପରେ ଜାମିନ୍

■ ଚେନ୍ନାଇ, ୪।୮ (ଏଜେନ୍ସି): ତାମିଲନାଡୁର ଚର୍ଚ୍ଚିତ ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଅଶାଳୀନ ଏବଂ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ରାଜ୍ୟର ବିରୋଧୀ ଦଳ ନେତା ତଥା ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୁଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କ ବିରୋଧରେ ମାମଲା ରୁଜୁ ହେବାର କିଛି ସମୟ ମଧ୍ୟରେ ଚେନ୍ନଇ ପୁଲିସ ତାଙ୍କ ବାସଭବନ ବାହାରୁ ତାଙ୍କୁ ହେପାଜତକୁ ନେଇଥିଲା। ସୂଚନା ଅନୁଯାୟୀ, କାବେରୀ ନଦୀ ଜଳ ବଣ୍ଟନ ବିବାଦକୁ ନେଇ ଆୟୋଜିତ ଏକ



**ଅଭିନେତ୍ରୀ ତ୍ରିଶାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଅଭିଯୋଗ**

ପ୍ରତିବାଦ ସଭାରେ ଉଦୟନିଧି ଷ୍ଟାଲିନ୍ ଭାଷଣ ଦେଉଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାରକୁ ସମାଲୋଚନା କରିବା ସହ ଅଭିନେତ୍ରୀ ତ୍ରିଶାଙ୍କ ସମ୍ପର୍କରେ ଏକ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ। ସଭାରେ ଉପସ୍ଥିତ କେହି ଜଣେ 'ତ୍ରିଶା, ତ୍ରିଶା' ବୋଲି ଚିତ୍କାର କରିବା ପରେ ଉଦୟନିଧି ଏହି ପ୍ରତିକ୍ରିୟା ରଖିଥିଲେ। ଏହି ଘଟଣାକୁ ଅଭିନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ବୋଲି ବିବେଚନା କରାଯାଉଛି। ତେବେ ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ପରେ ▶ପୃଷ୍ଠା-୧୦

## ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍; ଗାଡ଼ି ଇଞ୍ଜିନ୍ ପାଇଁ ବିପଦ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତୀୟ ଅଟୋମୋବାଇଲ୍ ନିର୍ମାତାଙ୍କ ସଂଗଠନ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍), ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ଇ-୨୦ ପେଟ୍ରୋଲ (୨୦% ଇଥାନଲ୍ ମିଶ୍ରିତ ଇନ୍ଧନ)ର ଗୁଣବତ୍ତାକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଛି। ସଂଘ କହିଛି ଯେ ଇ-୨୦ ପେଟ୍ରୋଲରେ ଅତ୍ୟଧିକ କ୍ଲୋରାଇଡ୍ ପ୍ରଦୂଷଣ ଏବଂ ଆର୍ଦ୍ରତା ଯାନବାହାନର ଇଞ୍ଜିନ୍ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଉଛି। ଯାହାଫଳରେ ଗାଡ଼ି ଇଞ୍ଜିନ୍ ଖରାପ




**ଅଟୋମୋବାଇଲ୍ ନିର୍ମାତା ସଂଘର ଚେତାବନୀ**

ହେବାର ସମ୍ଭାବନା ରହିଛି। ସିଆମ୍ ଏହି ପ୍ରସଙ୍ଗରେ ଏବେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ଚିଠି ଲେଖିଛି। ଅନ୍ୟପକ୍ଷରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଇନ୍ଧନ ମାନଦଣ୍ଡରେ ବାଧ୍ୟତାମୂଳକ କ୍ଲୋରାଇଡ୍ ସୀମା ରହିଥିବା ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍ସି) ଦ୍ୱାରା କଠୋର ଗୁଣବତ୍ତା ଅନୁପାଳନ କରାଯାଉଥିବା ନେଇ ଦାବି କରିଛି। ସରକାର ମଧ୍ୟ ଏହି ପ୍ରସଙ୍ଗରେ ଇ-୨୦ ପେଟ୍ରୋଲ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ସିଆମ୍‌ର କହିବାନୁଯାୟୀ, ▶ପୃଷ୍ଠା-୧୦

## ମେଳି ବାନ୍ଧିଛନ୍ତି ଚୀନ, ପାକିସ୍ତାନ

# ଭାରତ ସୀମାରେ ସମରସଜ୍ଜା

### ଷ୍ଟିଲ୍‌ଥ ଜେଟ୍, ଅତ୍ୟାଧୁନିକ ତୋପ ମୁତୟନ ■ ସ୍ଥିତି ଉପରେ ନଜର ରହିଛି: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତର ଉତ୍ତର ଓ ପଶ୍ଚିମ ଉଭୟ ସୀମାରେ ଚୀନ ଏବଂ ପାକିସ୍ତାନର ବର୍ଦ୍ଧିତ ସାମରିକ ଗତିବିଧି ଦେଶର ସୁରକ୍ଷା ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ଚୀନ ଭାରତ ସୀମା ନିକଟରେ ଅତିକମରେ ୧୨ଟି ଜେ-୨୦ 'ମାଇଟି ଡ୍ରାଗନ' ଷ୍ଟିଲଥ୍ ଯୁଦ୍ଧ ବିମାନ ମୁତୟନ କରିଛି। ଅନ୍ୟପଟେ, ପାକିସ୍ତାନ ମଧ୍ୟ ଚୀନଠାରୁ କିଣିଥିବା ୨୫୦ଟି ଏସ୍ଏଚ୍-୧୫ ସ୍ୱୟଂଚାଳିତ ହାୱିଜର୍ ତୋପ ଭାରତୀୟ ସୀମାକୁ ଲାଗିଥିବା ଅଞ୍ଚଳରେ ମୁତୟନ କରିଥିବା ଜଣାପଡ଼ିଛି। ଏହି ଦୁଇ ପଡ଼ୋଶୀ ଦେଶର ଏଭଳି ଗତିବିଧି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି। ତେବେ ଭାରତ ସରକାର ଏସଂପର୍କରେ ସଜାଗ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହିଛନ୍ତି।

ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ଚୀନ ଜୁନ୍ ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ୨ଟି ପ୍ରମୁଖ ବାୟୁସେନା ଘାଟିରେ ଏହି ଅତ୍ୟାଧୁନିକ ବିମାନଗୁଡ଼ିକୁ ମୁତୟନ କରିଛି। ସିନଜିଆଙ୍ଗର ହୋଟାନ ଏୟାରବେସରେ ୭ଟି ଏବଂ ତିବ୍ବତର ଦାମସୁଙ୍ଗ ଏୟାରବେସରେ ୪ଟି ଜେ-୨୦ ବିମାନ ଦେଖିବାକୁ ମିଳିଛି। ଏହି ବିମାନଗୁଡ଼ିକୁ ଭାରତ ଆଡ଼କୁ ଲକ୍ଷ୍ୟ କରି ମୁତୟନ କରାଯାଇଛି।



ହୋଟାନ ବେସ୍ ଲଦାଖର ଦୌଲତ ବେଗ ଓଲ୍ଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ଏହି ଜେ-୨୦ ବିମାନଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଷ୍ଟିଲଥ୍ ଗୁଣ। ଏହା ରାଡାର୍ ନଜରରୁ ବଞ୍ଚି ଶତ୍ରୁପକ୍ଷର ଆକାଶମାର୍ଗରେ ପ୍ରବେଶ କରିପାରେ। ଭାରତ ପାଖରେ ବର୍ତ୍ତମାନ ରାଫେଲ ଭଳି ଶକ୍ତିଶାଳୀ ବିମାନ ଥିଲେ ହେଁ, ଏହା ଷ୍ଟିଲଥ୍ ନୁହେଁ। ଭାରତର ନିଜସ୍ୱ ଷ୍ଟିଲଥ୍ ବିମାନ ଏଏମ୍‌ସିଏ ନିର୍ମାଣ ପାଇଁ ଅତିକମରେ ଆହୁରି ୧୦ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

ସେହିଭଳି ବାୟୁସେନା ସହିତ ସ୍ଥଳଭାଗରେ ମଧ୍ୟ ପାକିସ୍ତାନ ନିଜର ଶକ୍ତି ବୃଦ୍ଧି କରୁଛି। ଚୀନରୁ ଆମଦାନୀ ହୋଇଥିବା ୨୫୦ଟି ଏସ୍ଏଚ୍-୧୫ ତୋପକୁ ପାକିସ୍ତାନ ଭାରତୀୟ ସୀମାର ଗୁଜରାନୱାଲା, ସିଆଲକୋଟ ଏବଂ ଜଲାଲପୁର ଜଟ୍ଟାନ ସେକ୍ଟରରେ ମୁତୟନ କରିଛି। ଏହି ୧୫୫ ମିଲିମିଟରର ତୋପଗୁଡ଼ିକ ପ୍ରାୟ ୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏହି ମୁତୟନ ବିଶେଷ କରି ଭାରତର ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ସୀମା ନିକଟରେ କରାଯାଇଛି।

ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ, 'ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଯାହା କିଛି ଆବଶ୍ୟକ, ଭାରତ ସେସବୁ କରିବ'। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୀମାପାର ଆତଙ୍କବାଦକୁ ରୋକିବା ପାଇଁ ଭାରତ ସବୁବେଳେ ସତର୍କ ଅଛି ଏବଂ ପୂର୍ବରୁ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉପଯୁକ୍ତ ଜବାବ ଦିଆଯାଇଛି। ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ମଧ୍ୟ କାର୍ଯ୍ୟ କରୁଛି। ଭାରତୀୟ ସେନା ପକ୍ଷରୁ ଏମ୍୭୭୭ ଅଲଟ୍ରା-ଲାଇଟ୍ ହାୱିଜର୍, କେ-୨ ବଜ୍ର ଏବଂ ସ୍ୱଦେଶୀ ଧନୁଷ ତୋପଗୁଡ଼ିକୁ ସେନାରେ ସାମିଲ କରାଯାଇଛି। ଏହା ବ୍ୟତୀତ ଭାରତ ନିଜସ୍ୱ 'ମାଉଣ୍ଟେଡ୍ ଗନ୍ ସିଷ୍ଟମ୍'ର ବିକାଶ କରୁଛି ଯାହା ଚୀନର ଏସ୍ଏଚ୍-୧୫ ଭଳି ପ୍ରଭାବଶାଳୀ ହେବ। ଚୀନ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ସହଯୋଗ ଭାରତ ପାଇଁ 'ଟୁ-ଫ୍ରଣ୍ଟ ୱାର୍' ବା ଦ୍ୱିମୁଖୀ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିପାରେ। ତଥାପି, ଭାରତ ନିଜର ସୀମା ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛି।

## ଇ-୨୦ ପେଟ୍ରୋଲକୁ ବିରୋଧ

### ପ୍ରଧାନମନ୍ତ୍ରୀ ଆବାସ ଅଭିମୁଖେ କେଜ୍ରିୱାଲଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ



■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଇ-୨୦ ପେଟ୍ରୋଲ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ଆବେଦନ ପତ୍ର ପ୍ରଦାନ କରିବାକୁ ଯାଉଥିବା ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଅଧାବାଟରେ ଅଟକାଇଛି। ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା। କେଜ୍ରିୱାଲ କହିଥିଲେ, 'ଆମେ ଆତଙ୍କବାଦୀ ନୁହେଁ। ଆମେ ଇ୨୦ ଇନ୍ଧନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛୁ'। ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଅନୁଯାୟୀ, ଦେଶର ପ୍ରାୟ ୨ ଲକ୍ଷ ୩୩ ହଜାରରୁ ଅଧିକ ଲୋକ ଇ୨୦ ପେଟ୍ରୋଲ ବିରୋଧରେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

କେଜ୍ରିୱାଲ ଦାବି କରିଛନ୍ତି ଯେ, ଇ୨୦ ବ୍ୟବହାର ଯୋଗୁଁ ଗାଡ଼ିଗୁଡ଼ିକରେ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଉଛି। ଗତ ମାସରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗି ଏକ ପତ୍ର ଲେଖିଥିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ ସେ ବ୍ୟକ୍ତିଗତ ଭାବେ ଏହି ପିଟିସନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପେଟ୍ରୋଲ ପମ୍ପଗୁଡ଼ିକରେ ଶୁଦ୍ଧ ପେଟ୍ରୋଲ ଏବଂ ଇ୨୦ ଇନ୍ଧନ ମଧ୍ୟରୁ ▶ପୃଷ୍ଠା-୧୦

## ବଦଳିବ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀର ନାଁ

# ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

■ ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ)ର ନାମ ବଦଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବାହିନୀକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ କରାଯିବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ରାଜସ୍ୱ ବିଭାଗ ଆଜି ଏନେଇ ଏହି ସୂଚନା ଦେଇଛି। ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ



**ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ, ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ**

**ଏସ୍‌ଡିଆର୍‌ଏଫ୍ ଭାବେ ଓଡ୍ରାଫ୍ ପାଇଁ ଜାରି ହେବ ନୂତନ ଏସ୍‌ଓପି**

ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି।

୧୯୯୯ ମସିହାର ମହାବାତ୍ୟା ପରେ ବିପର୍ଯ୍ୟୟ ସମୟରେ ଓଡ଼ିଶା ସାମ୍ନା କରିଥିବା ବଡ଼ ବିପଦ ଓ ଏହାର ସ୍ଥାୟୀ ମୁକାବିଲା ପାଇଁ ଓଡ୍ରାଫ୍‌ର ପରିକଳ୍ପନା କରାଯାଇଥିଲା। ସେବେଠାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଓଡ୍ରାଫ୍‌କୁ ଆଧୁନିକରଣ ▶ପୃଷ୍ଠା-୧୦

## ରାଜ୍ୟ ସରକାରଙ୍କୁ ଏଲ୍‌ନିନୋ ଚିନ୍ତା

# ବନ୍ଦହେବ ଜଳ ବିଦ୍ୟୁତ୍ ଉତ୍ପାଦନ

■ ଭୁବନେଶ୍ୱର, ୪।୮ (ସମିସ): ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବକୁ ନେଇ ପାଣିପାଗ ବିଜ୍ଞାନୀ ଓ କୃଷି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଆକଳନ ପ୍ରକାଶ କରୁଥିବା ବେଳେ ସରକାରୀ ସ୍ତରରେ ଏହାର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏହିକ୍ରମରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର କମିଲେ ଏଣିକି ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ। ଏହାବଦଳରେ ପାନୀୟ ଜଳ ଏବଂ ଜଳସେଚନକୁ ପ୍ରାଧାନ୍ୟ ଦିଆଯିବ। ଗତ ୨୦ ତାରିଖରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗୁରୁତ୍ୱାରୋପ କରିଥିଲେ। ସେହି ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ମଙ୍ଗଳବାର ଚିଠି ଲେଖାଯାଇ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇଛି।

**◆ ପାନୀୟଜଳ ଓ ଜଳସେଚନକୁ ଦିଆଯିବ ପ୍ରାଥମିକତା**

**◆ ଜଳଭଣ୍ଡାର ଉପରେ ରଖାଯିବ ୨୪ ଘଣ୍ଟିଆ ନଜର**



ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସୁରକ୍ଷାକୁ ଗୁରତର ସହ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ପାନୀୟ ଜଳ ଯୋଗାଣ ଏବଂ କୃଷି ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ଏବଂ ସର୍ବୋଚ୍ଚ ଅଟେ। ସେହି ଅନୁସାରେ ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ଏହି ଅଗ୍ରାଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ସୀମାଠାରୁ କମ୍ ଥିବାର ଜଣାପଡ଼େ, ତେବେ ତତକ୍ଷଣାତ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜଳଭଣ୍ଡାରଗୁଡ଼ିକରେ ପାନୀୟ ଜଳ ଏବଂ କୃଷି ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯିବ। ଯଦି କୌଣସି ଜଳଭଣ୍ଡାରରେ ▶ପୃଷ୍ଠା-୧୦

## ଧାରା ଶ୍ରାବଣରେ ଖରା-ବର୍ଷାର ଲୁଚକାଳି ଖେଳ

■ ଭୁବନେଶ୍ୱର, ୪।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ଗରମ ଗୁଳୁଗୁଳି ଲାଗି ରହିଥିଲା। ତେବେ ଅପରାହ୍ନ ପରେ ପାଗରେ ପରିବର୍ତ୍ତନ ଆସିବା ସହ ଅନେକ ସ୍ଥାନରେ ବର୍ଷା ଅନୁଭବ ହୋଇଛି। ଏହି କ୍ରମରେ ତାଳଚେରରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ରେ ୩୫, ସୁନ୍ଦରଗଡ଼ ୪୧, ଝାରସୁଗୁଡ଼ା ୨୬, ଅନୁଗୁଳ ୩୦ ଓ ଭୁବନେଶ୍ୱରରେ ୧୮ ମିମି ବର୍ଷା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ସହ ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଭାରି ବର୍ଷା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

**ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ; ୮ ତାରିଖ ଯାଏଁ ବର୍ଷା**

ଏବେ ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ହେତୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି। ମୌସୁମୀ ନିମ୍ନ ଚାପ ରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟ ଉପରେ ମୌସୁମୀ ପ୍ରବାହ ଦୁର୍ବଳ ସହ ଉପକୂଳ ଓଡିଶା ସମେତ ବିଭିନ୍ନ ଅଞ୍ଚଳରେ ଗୁଳୁଗୁଳି ଲାଗିରହିଛି। ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିବା ପରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ▶ପୃଷ୍ଠା-୧୦

## ରାଜ୍ୟରେ କମୁଛି କନ୍ୟା ସନ୍ତାନ ଜନ୍ମହାର

■ ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପୁତ୍ରଙ୍କ ଅନୁପାତରେ କମୁଛି କନ୍ୟା ସନ୍ତାନଙ୍କ ଜନ୍ମହାର। ରାଜ୍ୟରେ ସଂପ୍ରତି ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି। ସେହିପରି ଓଡିଶାରେ ଏହି ଜନ୍ମହାର ୧୬ ପ୍ରତିଶତ ଥିବାବେଳେ ଭାରତରେ ଏହା ୧୮.୪ ପ୍ରତିଶତ ରହିଛି। ରାଜ୍ୟରେ ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବା ଏବଂ ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ପୁଣିଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜନ୍ମ ସମୟର ଲିଙ୍ଗ ଅନୁପାତ(ଏସଆରବି)ର ବିଶ୍ଳେଷଣ ସମୀକ୍ଷାରେ ଯାଜପୁର ସବୁଠାରୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ହୋଇଥିବା ବେଳେ ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧା

**ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି**

**ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ**

**ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପାଇଁ ସୂଚନାଦାତାଙ୍କୁ ମିଳିବ ୨୫୦୦୦**



ସବୁଠାରୁ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଚିହ୍ନଟ ହୋଇଛି। ତେବେ ଏହି ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବା, ଫର୍ମ-ଏଫ୍ ରେକର୍ଡର ଶତପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ଉକ୍ତ ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବା ସହ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ପିସିପିଏନ୍‌ଡିଟି ଆଇନ୍ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରୀ ବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଡ. ମହାଲିଙ୍ଗ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କଠୋର ଯାଞ୍ଚ, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରାଯିବାକୁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଏବାବଦରେ ସୂଚନାଦାତା ▶ପୃଷ୍ଠା-୧୦

# ଏୟାର ଇଣ୍ଡିଆ ବିମାନରେ ଭୟଙ୍କର ଝଟ୍‌କା

## ୩୦୦ ଫୁଟ୍ ତଳକୁ ଖସିଲା ବିମାନ; ୧୨ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଥାଇଲାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ମଝି ଆକାଶରେ ପ୍ରବଳ ବାୟୁ ଅସ୍ଥିରତା ବା 'ଟର୍ବୁଲେନ୍ସ'ର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏୟାରବସ ଏ୩୨୦ ଦ୍ୱାରା ପରିଚାଳିତ ଏଆଇ୨୩୭୯ ବିମାନଟି ଦିଲ୍ଲୀରେ ଅବତରଣ କରିବାର କିଛି ସମୟ ପୂର୍ବରୁ ଏହି ଅଘଟଣ ଘଟିଥିଲା। ବିଭିନ୍ନ ରିପୋର୍ଟ ଏବଂ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍‌ର ତଥ୍ୟ ଅନୁଯାୟୀ, ଉକ୍ତ ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା। ଜଣେ ଯାତ୍ରୀଙ୍କ ଅନୁଯାୟୀ, ଯାତ୍ରା ଆରମ୍ଭର ପ୍ରାୟ ଦେଢ଼ ଘଣ୍ଟା ପରେ ହଠାତ୍ ପ୍ରବଳ ଝଟକା ଅନୁଭବ ହୋଇଥିଲା। ବିମାନଟି ପ୍ରାୟ ୨ ରୁ ୩ ମିନିଟ୍ ପର୍ଯ୍ୟନ୍ତ ଭୟଙ୍କର ଭାବେ ଦୋହଲିବାକୁ ଲାଗିଥିଲା। ଏହାସହ ତଳକୁ ଖସିବାରେ ଲାଗିଥିଲା। ଯାହା ଫଳରେ ଅନେକ ଯାତ୍ରୀ ଆହତ ହୋଇଥିଲେ। ଜାତୀୟ ରାଜଧାନୀରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ବିମାନବନ୍ଦରରେ ଥିବା ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ଏୟାର ଇଣ୍ଡିଆର ଜଣେ ପ୍ରବକ୍ତା କହିଛନ୍ତି ଯେ, ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା ଏବଂ ସେମାନେ ପ୍ରଭାବିତ ବ୍ୟକ୍ତିଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାର କିଛି ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ, ଝଟକା ଏତେ ପ୍ରବଳ ଥିଲା ଯେ ବିମାନ କ୍ୟାବିନର ଉପର ଭାଗ ବା ସିଲିଂରେ ଫାଟ ସୃଷ୍ଟି ହୋଇଛି। ଜଣେ ଯାତ୍ରୀ ଦାବି କରିଛନ୍ତି ଯେ ବିମାନରେ ଥିବା ପ୍ରାୟ ୧୫-୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି ଏବଂ ଏଥିପାଇଁ ସେ ଏୟାର ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ବିଚାର କରୁଛନ୍ତି।



## ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ୍‌ଙ୍କୁ 'ବିକ୍ରମ ସାରାଭାଇ' ସମ୍ମାନ


ଫ୍ଲୋରେନ୍ସ, ୪।୮ (ଏଜେନ୍ସି): ବେଙ୍ଗାଲୁରୁ ସ୍ଥିତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏ)ର ନିର୍ଦ୍ଦେଶିକା ପ୍ରଫେସର ସୁବ୍ରମଣ୍ୟମଙ୍କୁ ମହାକାଶ ଗବେଷଣାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନଜନକ 'କୋସପାର୍ ବିକ୍ରମ ସାରାଭାଇ ପଦକ-୨୦୨୬'ରେ ସମ୍ମାନିତ କରାଯାଇଛି। ଇଟାଲୀର ଫ୍ଲୋରେନ୍ସଠାରେ ଆୟୋଜିତ ୪୬ତମ କୋସପାର୍ ସାଧାରଣ ପରିଷଦ ଅଧିବେଶନରେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଥିଲା।



ବିକାଶଶୀଳ ଦେଶଗୁଡ଼ିକରେ ମହାକାଶ ଗବେଷଣାକୁ ଉତ୍ସାହିତ କରିବା ଏବଂ ଏଥିରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ତାଙ୍କୁ ଏହି ବିରଳ ସମ୍ମାନ ମିଳିଛି। ଏହି ସମ୍ମାନଜନକ ପଦକ ହାସଲ କରିବାରେ ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ ହେଉଛନ୍ତି ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଏବଂ ଚତୁର୍ଥ ଭାରତୀୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ କମିଟି ଅନ୍ ସ୍ପେସ୍ ରିସର୍ଚ୍ଚ (କୋସ୍‌ପାର୍)ର ମିଳିତ ସହଯୋଗରେ ମହାନ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ସ୍ମୃତିରେ ପ୍ରତି ଦୁଇ ବର୍ଷରେ ଥରେ ଏହି ପଦକ ପ୍ରଦାନ କରାଯାଇଥାଏ।

## ବିଶିଷ୍ଟ ଶିକ୍ଷାବିତ୍ ଡିୱାଇ ପାଟିଲଙ୍କ ପରଲୋକ

କୋହ୍ଲାପୁର, ୪।୮ (ଏଜେନ୍ସି): ବିଶିଷ୍ଟ କଂଗ୍ରେସ ନେତା, ଜଣାଶୁଣା ଶିକ୍ଷାବିତ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମହାରାଷ୍ଟ୍ରର କୋହ୍ଲାପୁରସ୍ଥିତ ନିଜ ବାସଭବନରେ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପାଟିଲ ଜଣେ ଦକ୍ଷ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ତ୍ରିପୁରା ଏବଂ ବିହାରର ରାଜ୍ୟପାଳ ଭାବରେ ସେବା କରିବା ସହିତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ।



ତାଙ୍କର ରାଜନୈତିକ ଜୀବନ କୋହ୍ଲାପୁରରୁ ଆରମ୍ଭ ହୋଇଥିଲା। ରାଜନୀତି ବ୍ୟତୀତ ଶିକ୍ଷା ଜଗତରେ ତାଙ୍କର ଅବଦାନ ଅତୁଳନୀୟ। ସେ ମହାରାଷ୍ଟ୍ରରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଆଜି ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ଜଣାଶୁଣା। ତାଙ୍କୁ ୧୯୯୧ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## 'ଗଜିନୀ ଫେମ୍' ପ୍ରଦୀପ ରାୱତ୍‌ଙ୍କ ପରଲୋକ

ମୁମ୍ବାଇ, ୪।୮ (ଏଜେନ୍ସି): 'ଲଗାନ' ଏବଂ 'ଗଜିନୀ' ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ନିଜର ଦମଦାର ଅଭିନୟ ପାଇଁ ପରିଚିତ ବରିଷ୍ଠ ଅଭିନେତା ପ୍ରଦୀପ ରାୱତଙ୍କର ୭୪ ବର୍ଷ ବୟସରେ ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘ ୫ ବର୍ଷ ଧରି ରକ୍ତ କର୍କଟ ରୋଗ ସହ ଲଢୁଥିଲେ। ପ୍ରଦୀପ ମହାରାଷ୍ଟ୍ରର ଭିୱାଣ୍ଡି ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୧୯୫୨ ଜାନୁଆରୀ ୨୧ରେ ଜନ୍ମଗ୍ରହଣ



କରିଥିବା ପ୍ରଦୀପ ବିଆର ଚୋପ୍ରାଙ୍କ ପ୍ରସିଦ୍ଧ ପୌରାଣିକ ଧାରାବାହିକ ମହାଭାରତରେ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରି ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଅମିର ଖାନଙ୍କ ଚଳଚ୍ଚିତ୍ର 'ଲଗାନ'ରେ ଦେବା ଏବଂ ଚଳଚ୍ଚିତ୍ର 'ଗଜିନୀ'ରେ ମୁଖ୍ୟ ଖଳନାୟକ ଭୂମିକା ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ, ବଙ୍ଗଳା ଏବଂ ଭୋଜପୁରୀ ସିନେମାରେ ନିଜ ଅଭିନୟର ଛାପ ଛାଡ଼ିଛନ୍ତି। ତାଙ୍କ ପରଲୋକରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।

## ଦୁଇ ସହକର୍ମୀଙ୍କୁ ଗୁଳି ପରେ ସିଆର୍‌ପିଏଫ୍ ଅଧିକାରୀଙ୍କ ଆତ୍ମହତ୍ୟା

ନାଗାଓଁ, ୪।୮ (ଏଜେନ୍ସି): ଆସାମର ନାଗାଓଁ ଜିଲ୍ଲାରେ ଜଣେ ସିଆରପିଏଫ ଅଧିକାରୀ ନିଜର ୨ ଜଣ ସହକର୍ମୀଙ୍କୁ ଗୁଳି କରି ହତ୍ୟା କରିବା ସହ ଅନ୍ୟ ଜଣଙ୍କୁ ଗୁରୁତର ଭାବେ ଆହତ କରି ନିଜେ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କାଟିମାରି ସ୍ଥିତ ୩୪ ବାଟାଲିୟନ କ୍ୟାମ୍ପରେ ଏହି ଅଘଟଣ ଘଟିଛି। ପୁଲିସ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବାସିନ୍ଦା ଏଏସଆଇ ବଲ୍ଲାନି ପ୍ରେମାବରମ ମୁଖ୍ୟ ଫାଟକରେ ଡ୍ୟୁଟି କରୁଥିବା ସମୟରେ ଗାର୍ଡ ରୁମ୍‌ରୁ ଏକ ରାଇଫଲ୍ ନେଇ ହଠାତ ଗୁଳି ଚଳାଇଥିଲେ। ପ୍ରେମାବରମ ପ୍ରଥମେ ହାବିଲଦାର ବିଷ୍ଣୁ ପ୍ରସାଦ ବାଘେଲଙ୍କୁ ଗୁଳି କରିଥିଲେ। ଏଥିରେ ବିଷ୍ଣୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ସେ ଏସଆଇ ରାମନୱାଲ ସିଂ ଯାଦବଙ୍କ ଉପରକୁ ଗୁଳି ଚଳାଇଥିଲେ। ଯାଦବ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡରେ ଅନ୍ୟ ଜଣେ ଅଧିକାରୀ ଏଏସଆଇ ମାନେ ଗୋବିନ୍ଦ ଶ୍ରୀପୁଲ ଗୁରୁତର ଭାବେ ଆହତ ହୋଇଛନ୍ତି। ନିଜ ସହକର୍ମୀଙ୍କୁ ଗୁଳି କରିବା ପରେ ପ୍ରେମାବରମ ନିଜେ ବାରାକ ଭିତରକୁ ଯାଇ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି।

## ଇରାନକୁ ଟ୍ରମ୍ପଙ୍କ 'ଶେଷ ସୁଯୋଗ' ଧମକ

### କୂଟନୈତିକ ସମାଧାନ ନ ହେଲେ ସାମରିକ ଆକ୍ରମଣ

ୱାଶିଂଟନ୍, ୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କୂଟନୈତିକ ବୁଝାମଣା କରିବାକୁ 'ଶେଷ ସୁଯୋଗ' ଦେଇଥିବା କହି ସତର୍କ କରାଇଛନ୍ତି। ଏକ ବଡ଼ ଧରଣର ସାମରିକ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବା ପରେ ସେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ଏହି ପର୍ଯ୍ୟାୟରେ କୌଣସି ବୁଝାମଣା ସ୍ୱାକ୍ଷର ନହୁଏ, ତେବେ ଏହା ଇରାନ ପାଇଁ ଚୂଡ଼ାନ୍ତ ସୁଯୋଗ ବୋଲି ବିବେଚନା କରାଯିବ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ, ଆମେରିକା ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଏହି ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସବୁଠାରୁ ଭୟଙ୍କର ହୋଇଥାନ୍ତା। କିନ୍ତୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କାତାର ଏବଂ ଇରାନ ପକ୍ଷରୁ କୂଟନୈତିକ ଆଲୋଚନା ପାଇଁ ଅନୁରୋଧ ଆସିବା ପରେ ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନକୁ ରୋକାଯାଇଛି।



ଟ୍ରମ୍ପଙ୍କ ଦାବି ଅନୁଯାୟୀ, ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଇରାନର ସମ୍ପୂର୍ଣ୍ଣ ପରମାଣୁ ନିରସ୍ତ୍ରୀକରଣ ହିଁ ଆଲୋଚନାର ମୁଖ୍ୟ ବିଷୟ ହେବା ଆବଶ୍ୟକ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଯଦିଓ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ଅନୁରୋଧ କ୍ରମେ ଆଲୋଚନା ଜାରି ରହିଛି, କିନ୍ତୁ ଇରାନ ଏହାକୁ ଅସ୍ୱୀକାର କରିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ ଆମେରିକା ସହ କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହେଉନାହିଁ। ଅନ୍ୟପଟେ ଟ୍ରମ୍ପ ଇରାନ ନେତୃତ୍ୱକୁ ଅତ୍ୟଧିକ ଛଳନାକାରୀ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଇରାନ ଅଧିକାରୀମାନେ ଆମେରିକା ପ୍ରତିନିଧିଙ୍କ ସହ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ ମଧ୍ୟ ସର୍ବସାଧାରଣରେ ଏହାକୁ ଅସ୍ୱୀକାର କରୁଛନ୍ତି। ବର୍ତ୍ତମାନ ବିଶ୍ୱ ସମୁଦାୟର ନଜର ହର୍ମୁଜ୍ ଉପରେ ରହିଛି, ଯାହା ଆଗାମୀ ଦିନକ ମଧ୍ୟରେ ଖୋଲିପାରେ ବୋଲି ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଯଦି ଏହି କୂଟନୈତିକ ପ୍ରୟାସ ବିଫଳ ହୁଏ, ତେବେ ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ସୃଷ୍ଟି ହୋଇଛି।

## ପଞ୍ଜାବରେ ଆଇଏସ୍‌ଆଇ ଆତଙ୍କବାଦୀ ନେଟ୍‌ୱର୍କ

ଅମୃତସର, ୪।୮ (ଏଜେନ୍ସି): ପଞ୍ଜାବ ପୁଲିସ ୨ଟି ଆଇଏସ୍‌ଆଇ ସମର୍ଥିତ ସୀମାପାର ଆତଙ୍କବାଦୀ ନେଟ୍‌ୱର୍କକୁ ଧରିବାରେ ସଫଳ ହୋଇଛି। ଏହି ଅପରେସନରେ ପୁଲିସ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ସେମାନେ ନିଯୁକ୍ତି, ଗୁପ୍ତଚର କାମ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା କାର୍ଯ୍ୟରେ ସାମିଲ ଥିଲେ। ପଞ୍ଜାବର ପୁଲିସ ମହାନିର୍ଦ୍ଦେଶକ ସାମାଜିକ ଗଣମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ଏଥିରେ ବିଦେଶୀ ସହାୟତା ରହିଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୩ଟି ବେଆଇନ ପିସ୍ତଲ, ୪ଟି ପେଟ୍ରୋଲ ବୋମା ଏବଂ ୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଅଭିଯୁକ୍ତମାନେ ବିଦେଶରେ ରହୁଥିବା ଆଇଏସ୍‌ଆଇ ହ୍ୟାଣ୍ଡଲର୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ କରିବା, ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନଗୁଡିକ ଉପରେ ନଜର ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ରେଳ ଧାରଣା ନିକଟରେ ସିସିଟିଭି କ୍ୟାମେରା ଲଗାଇ ସେହି ଫୁଟେଜ୍‌କୁ ବିଦେଶୀ ହ୍ୟାଣ୍ଡଲର୍‌ମାନଙ୍କ ସହ ସେୟାର କରୁଥିଲେ। ପୁଲିସ ବର୍ତ୍ତମାନ ଏହି ନେଟ୍‌ୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କର ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପର୍କ ବିଷୟରେ ଅଧିକ ଖୋଳତାଡ଼ ଜାରି ରଖିଛି।



୪ ନାବାଳକଙ୍କ ସମେତ ୯ ଗିରଫ

## ଝାଡ଼ଖଣ୍ଡରେ ବି ଜେନ୍-ଜି ଆନ୍ଦୋଳନ ଜୋର ଧରିଲା

ରାଞ୍ଚି, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଛାତ୍ର ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରି ଯୁବ ଛାତ୍ର ନେତା ଦେବେନ୍ଦ୍ର ନାଥ ମାହାତୋ ବର୍ତ୍ତମାନ ଆନ୍ଦୋଳନର ମୁଖ୍ୟ ଚେହେରା ଭାବେ ଉଭା ହୋଇଛନ୍ତି। ରାଞ୍ଚିର ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ହଜାର ହଜାର ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବା ବେଳେ ମାହାତୋ ରବିବାର ରାତିରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜେପିଏସ୍‌ସି ସିଭିଲ ସେବା ପ୍ରାରମ୍ଭିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହି ବିବାଦ ତେଜିଛି। ଦେବେନ୍ଦ୍ର ନାଥ ମାହାତୋ ଏହି ଘଟଣାର ସିବିଆଇ ଏବଂ ଇଡି ଦ୍ୱାରା ତଦନ୍ତ କରାଯିବା ସହ ସ୍ୱଚ୍ଛତା ନ ଆସିବା ପର୍ଯ୍ୟନ୍ତ ପରୀକ୍ଷାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। ମାହାତୋଙ୍କ ଅନୁଯାୟୀ, ଅଧିକାରୀମାନଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନଯିବାରୁ ସେମାନଙ୍କ ପାଖରେ ଅନଶନ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ରାଞ୍ଚିର ଏକ ଗ୍ରାମାଞ୍ଚଳରୁ ଆସିଥିବା ମାହାତୋ ଜଣେ ଉଚ୍ଚଶିକ୍ଷିତ ଯୁବକ। ସେ ସଂସ୍କୃତ ଏବଂ କୁଡ଼ମାଲି ଭାଷାରେ ସ୍ନାତକୋତ୍ତର କରିବା ସହ ବିଇଡି ମଧ୍ୟ କରିଛନ୍ତି। ୨୦୧୫ରୁ ସେ ବିଭିନ୍ନ ଛାତ୍ର ସମସ୍ୟା, ଯଥା- ପ୍ରଶ୍ନପତ୍ର ଲିକ ଓ ନିଯୁକ୍ତି ନିୟମାବଳୀକୁ ନେଇ ସଂଗ୍ରାମ ଜାରି ରଖିଛନ୍ତି। ଏପରିକି ୨୦୨୪ ବିଧାନସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। ତାଙ୍କର ଏହି ନିର୍ଭୀକ ପଦକ୍ଷେପ ପାଇଁ ଅନେକ ତାଙ୍କୁ ସୋନମ ୱାଙ୍ଗଚୁକଙ୍କ ସହ ତୁଳନା କରି 'ୱାଙ୍ଗଚୁକ ୨.୦' ବୋଲି କୁହାଯାଉଛି। ଏହି ଆନ୍ଦୋଳନକୁ ବର୍ତ୍ତମାନ ବିଭିନ୍ନ ମହଲରୁ ସମର୍ଥନ ମିଳିବାରେ ଲାଗିଛି। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେ ମାହାତୋଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

ଛାତ୍ର ଆନ୍ଦୋଳନର ନୂଆ ଚେହେରା ଦେବେନ୍ଦ୍ର ନାଥ ମାହାତୋଙ୍କ ଆମରଣ ଅନଶନ




## ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୮୭କୁ ବୃଦ୍ଧି

ଗୁଆହାଟୀ, ୪।୮ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଅତି ଗୁରୁତର ହେବାରେ ଲାଗିଛି। ରାଜ୍ୟରେ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୮୭ରେ ପହଞ୍ଚିଥିବା ବେଳେ ପ୍ରାୟ ୧.୩ ଲକ୍ଷ ଲୋକ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଗତ ୨୪ ଘଣ୍ଟାରେ ଶିବସାଗର ଜିଲ୍ଲାରୁ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟର ଅଧିକାଂଶ ଅଞ୍ଚଳରୁ ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ହେଁ, ୬ଟି ଜିଲ୍ଲାରେ ପ୍ରାୟ ୧, ୨୮, ୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶିବସାଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ପ୍ରାୟ ୫୫, ୦୦୦ ଗୃହପାଳିତ ପଶୁ ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅନ୍ୟ ୩୫, ୦୦୦ ପଶୁ ପ୍ରଭାବିତ ହୋଇଛନ୍ତି। ନୁମାଲିଗଡ଼ଠାରେ ଧନଶିରି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ନୂତନ ଚେତାବନୀ ଜାରି କରିଛି। ପଡୋଶୀ ରାଜ୍ୟ ଅରୁଣାଚଳ ପ୍ରଦେଶ ଏବଂ ମେଘାଳୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାର ପ୍ରଭାବ ଆସାମର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପଡ଼ିବାର ଆଶଙ୍କା ରହିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ରିଲିଫ୍ କାର୍ଯ୍ୟ ଜାରି ରହିଛି।



## ଥମୁନି ପୁଲିସ କାର୍ଯ୍ୟାନୁଷ୍ଠାନ, ଚାନ୍ଦା ଚୋରି ତାତି

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନରେ ମଙ୍ଗଳବାର ମଧ୍ୟ ଶାସକ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ନିଟ୍ ପ୍ରଶ୍ନପତ୍ର ଲିକ, ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଆତ୍ମସାତ ଏବଂ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ମଧ୍ୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଲୋକସଭା ଓ ରାଜ୍ୟସଭା ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବିଜେପି ପକ୍ଷରୁ ବିରୋଧୀ ଦଳଗୁଡ଼ିକ ଉପରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଅଣାଯାଇଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କହିଛନ୍ତି ଯେ, ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡିକ ଜାଣିଶୁଣି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଜନସାଧାରଣଙ୍କ ପ୍ରସଙ୍ଗରେ ଆଲୋଚନା ହୋଇପାରୁ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତି ଅଧିବେଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶ୍ନକାଳ ଏବଂ ଶୂନ୍ୟକାଳକୁ ଚାଲିବାକୁ ଦିଆଯାଉ ନାହିଁ। ଆଜି ମଧ୍ୟ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦ ସଂସଦ ପରିସରରେ ପ୍ରତିବାଦ କରିଛନ୍ତି। ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଏବଂ ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଛନ୍ତି। ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ଅନୁମତି ଦେବା ଉଚିତ। ହଟ୍ଟଗୋଳ ମଧ୍ୟରେ ମଧ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇଛନ୍ତି। ରାଜ୍ୟସଭାରେ 'ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬' ପାରିତ ହୋଇଛି। ଏହି ନୂତନ ବିଲ୍ ଅନୁଯାୟୀ, ୨ ବର୍ଷରୁ ଅଧିକ ବିଳମ୍ବରେ ଜନ୍ମ ବା ମୃତ୍ୟୁ ପଞ୍ଜୀକରଣ କରିବା ପାଇଁ ଫାଷ୍ଟ କ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଆଦେଶ ଆବଶ୍ୟକ ହେବ। ଫଳରେ ଡେରିରେ ହେଉଥିବା ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ କଠୋର ହେବ। ଏଥିସହ ଲୋକସଭାରେ 'ବ୍ୟୟମଞ୍ଜୁରୀ ବିଲ୍' ପାରିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଲୋକସଭାରେ 'ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬' ଆଗତ କରିଛନ୍ତି।

ରାଜ୍ୟସଭାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍ ପାରିତ




## ପଞ୍ଜାବ ବିଧାନସଭାରେ ଇ-୨୦ ପେଟ୍ରୋଲ୍ ବିରୋଧୀ ପ୍ରସ୍ତାବ ପାରିତ

ଚଣ୍ଡିଗଡ଼, ୪।୮ (ଏଜେନ୍ସି): ପଞ୍ଜାବ ବିଧାନସଭାରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଇ୨୦ ପେଟ୍ରୋଲ୍ ପ୍ରଚଳନ ବିରୋଧରେ ପ୍ରସ୍ତାବ ପାରିତ ହୋଇଛି। ଏହାକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇ ଇ୨୦ ନୀତିକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ପୁରୁଣା ମଡେଲର ଦୁଇ ଚକିଆ, ଚାରି ଚକିଆ ଏବଂ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଉପରେ ଇ୨୦ ପେଟ୍ରୋଲର କୁପ୍ରଭାବ ପଡୁଛି। ଏହା ସାଧାରଣ ଜନତା ଏବଂ ଚାଷୀଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ପଞ୍ଜାବ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାକାର ଗ୍ରାମୀଣ ଅର୍ଥନୀତି ପୁରୁଣା ପେଟ୍ରୋଲ୍ ଚାଳିତ ପମ୍ପ ସେଟ୍ ଏବଂ ହାଲୁକା ପରିବହନ ଗାଡ଼ି ଉପରେ ନିର୍ଭରଶୀଳ। ସବୁଜ ଶକ୍ତି ବା ବାୟୋଫୁଏଲ୍‌କୁ ସମର୍ଥନ କରୁଥିଲେ ମଧ୍ୟ ଗ୍ରାହକଙ୍କୁ ବିକଳ୍ପ ସୁବିଧା ପ୍ରଦାନ କରିବାକୁ ବିଧାନସଭା ଗୁରୁତ୍ୱ ଦେଇଛି। କେନ୍ଦ୍ର ନିକଟରେ ପଞ୍ଜାବ ବିଧାନସଭା ଦ୍ୱାରା ପ୍ରସ୍ତାବିତ ଦାବିଗୁଡ଼ିକ ହେଲା: ପେଟ୍ରୋଲ୍ ପମ୍ପରେ ଇ୨୦ ସହିତ ବିନା ମିଶ୍ରିତ ବା ଇ୧୦ ପେଟ୍ରୋଲର ବିକଳ୍ପ ରହୁ। ଇଥାନଲ୍ ମିଶ୍ରଣ ଦ୍ୱାରା ଇଞ୍ଜିନ ଉପରେ କୁପ୍ରଭାବର ବୈଷୟିକ ମୂଲ୍ୟାଙ୍କନ କରାଯାଉ। ଗାଡ଼ିର ମରାମତି ବା ଇଞ୍ଜିନ ପରିବର୍ତ୍ତନ ପାଇଁ ଆର୍ଥିକ ସହାୟତା ବା ସବ୍‌ସିଡି ପ୍ରଦାନ କରାଯାଉ।



## ୟେମେନରେ ଆକ୍ରମଣ, ବୁଡ଼ିଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଲୋହିତ ସାଗରରେ ୟେମେନ ଉପକୂଳ ନିକଟରେ ଏକ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଅଜଣା କ୍ଷେପଣାସ୍ତ୍ର ମାଡ଼ ହେବା ଫଳରେ ଜାହାଜଟି ବୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ଜାହାଜରେ ଥିବା ସମସ୍ତ ୧୩ ଜଣ ଭାରତୀୟ କର୍ମଚାରୀଙ୍କ ସମେତ ମୋଟ ୧୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, 'ଏମ୍‌ଏସ୍‌ଜି ଫୈଜ ନୁରେ ଓଲିଆ' ନାମକ ଏହି ଭାରତୀୟ ପତାକାଧାରୀ ବାଣିଜ୍ୟିକ ଜାହାଜଟି ମଙ୍ଗଳବାର ୟେମେନ ଜଳସୀମା ନିକଟରେ ଆକ୍ରମଣର ଶିକାର ହୋଇଥିଲା। ଅଜଣା କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଜାହାଜଟି ସମୁଦ୍ରରେ ବୁଡ଼ି ଯାଇଥିଲା। ଜାହାଜରେ ୧୩ ଜଣ ଭାରତୀୟ ଏବଂ ଜଣେ ବିଦେଶୀ ନାଗରିକ ଥିଲେ। ୟେମେନ କୋଷ୍ଟଗାର୍ଡ ସହାୟତା ପାଇଁ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଏହପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ମୋଖା ବନ୍ଦରକୁ ଅଣାଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଅଯଥା କହିବା ସହ ନିରୀହ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଛି।

ଗଞ୍ଜାମ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

# ମା' କନ୍ଧୁଣୀ ଦେବୀଙ୍କ ପୀଠରେ କଲେ ପୂଜାର୍ଚ୍ଚନା

ବ୍ରହ୍ମପୁର/ସାନଖେମୁଣ୍ଡି,୪।୮ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୁବନେଶ୍ୱରରୁ ରେଳ ଯୋଗେ ସେ ବ୍ରହ୍ମପୁର ପହଞ୍ଚିବା ପରେ ତପ୍ତପାଣି ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତପ୍ତପାଣିରେ ପହଞ୍ଚି ସେ କାନ୍ଧୁଣୀ ଦେବୀ ଓ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଉପସ୍ଥିତ ଥିଲେ।



ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ଅବସରରେ ପବିତ୍ର ତପ୍ତପାଣି ଆଜି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇ ଉଠିଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ ରାଷ୍ଟ୍ରପତି। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ବ୍ରହ୍ମପୁର ରେଳ ଷ୍ଟେସନରୁ କଡ଼ା ସୁରକ୍ଷା ବଳରେ ତପ୍ତପାଣି ଗସ୍ତବେଳେ ଆମ୍ବ ବଜାର ନିକଟ ମିନାକ୍ଷୀ ନଗର ସ୍ଥିତ ମହାମାୟୀ ମହାବିଦ୍ୟାଳୟର ଛାତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ। ଏହାକୁ ଦେଖି ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ଗାଡ଼ି ଅଟକାଇବା ସହ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଚକୋଲେଟ ଦେଇଥିଲେ। ଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ପଚାରି ବୁଝିବା ପରେ ସିଧା ତପ୍ତପାଣି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

# କମିଳା ବନ୍ୟା ପ୍ରକୋପ; ଉଜୁଡ଼ିଗଲା ପରିବା ଚାଷ

## ଫସଲହାନୀ ଚାଷୀଙ୍କ ଜୀବନଜୀବିକାକୁ ବିପର୍ଯ୍ୟସ୍ତ କରିଦେଇଛି

ଭଦ୍ରକ,୪।୮ (ଉମାକଲ୍ୟାଣ ମହାପାତ୍ର):





ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ପ୍ରକୋପ ଥମିଛି। ସବୁ ନଦୀର ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ହେଲେ ବନ୍ୟା ଉଜାଡ଼ି ଦେଇଛି ପରିବା ଚାଷ। ଭଦ୍ରକ ଜିଲ୍ଲାରେ ବନ୍ୟା ଯୋଗୁଁ ୬ଟି ବ୍ଲକ୍‌ର ୧୧୧ଟି ପଞ୍ଚାୟତ ଅଧୀନ ୨୯୫ଟି ଗାଁର ୨୯୩ ହେକ୍ଟର ପରିବା ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଆଉ ସର୍ବାଧିକ କ୍ଷତି ବନ୍ୟାପ୍ରବଣ ଧାମନଗର ବ୍ଲକ୍‌ରେ ହୋଇଛି। ପ୍ରାୟ ୯୫ ହେକ୍ଟରରୁ ଅଧିକ ପରିବା ଚାଷ ହୋଇଥିବା ଜମି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ହୃଦୟ ରଞ୍ଜନ ଜେନା ସୂଚନା ଦେଇଛନ୍ତି। ବିଶେଷ କରି ବନ୍ୟା ଯୋଗୁଁ ବାଇଗଣ, କଲରା, କାକୁଡ଼ି, ଲଙ୍କା, କଦଳୀ, ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, ପୋଟଳ ଆଦି ବିଭିନ୍ନ ପରିବା ଚାଷ ଦୀର୍ଘ ସମୟ ଧରି ବନ୍ୟା ପାଣିରେ ବୁଡ଼ି ରହିବା ଫଳରେ ସେଗୁଡ଼ିକ ସଡ଼ି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ବନ୍ୟା ଉପୁଜାଇଥିବା ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀ ନଦୀ ସହ ଏହାର ଶାଖା ନଦୀରେ ବନ୍ୟା ପାଣି ଏବେ ଧୀରେ ଧୀରେ କମିବାରେ ଲାଗିଛି। ବନ୍ୟା ବିପଦରୁ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ ମଧ୍ୟ ଏବେ ଉଜୁଡ଼ି ଯାଇଥିବା ଚାଷ ଜମିକୁ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବନ୍ୟା ପାଣି ଛାଡ଼ିବା ପରେ ଚାଷୀଙ୍କ ଅସଲ ଦୁଃଖ ସାମ୍ନାକୁ ଆସିଛି। ପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଭଦ୍ରକ ଜିଲ୍ଲାର ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ୨୯୫ଟି ଗାଁର ୨୯୩ ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ଚାଷ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷସାରା ଏହି ପରିବା ବିକ୍ରି କରି ପରିବାର ଚଳାଉଥିବା ଚାଷୀମାନେ ଏବେ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ଧାମନଗର ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ସର୍ବାଧିକ ୯୫ ହେକ୍ଟର ପରିବା ଚାଷ ନଷ୍ଟ ହୋଇଛି। ସେହିଭଳି ଭଦ୍ରକ ବ୍ଲକ୍ ଅଞ୍ଚଳରେ ବନ୍ୟା ଯୋଗୁଁ ୬୦ରୁ ୬୨ ହେକ୍ଟର ଜମିରେ ପନିପରିବା ଚାଷ ନଷ୍ଟ ହୋଇଛି। ବାସୁଦେବପୁର ବ୍ଲକ୍‌ରେ ୨୫ ହେକ୍ଟର

**■ ୧୧୧ ପଞ୍ଚାୟତ ଅଧୀନ ୨୯୫ ଗାଁର ୨୯୩ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ**
**■ ଧାମନଗର ବ୍ଲକ୍‌ରେ ସର୍ବାଧିକ ୯୫ ହେକ୍ଟର ଜମିରେ ପରିବା ଚାଷ ନଷ୍ଟ**

ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାନ୍ଦବାଲି ବ୍ଲକ୍‌ରେ ୫୧ ହେକ୍ଟର ଜମି, ଭଣ୍ଡାରିପୋଖରୀ ବ୍ଲକ୍‌ରେ ୪୦ ହେକ୍ଟର ଜମିରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଛି ବନ୍ୟା। ସେହିଭଳି ତିହିଡ଼ି ବ୍ଲକ୍‌ରେ ବନ୍ୟା ଯୋଗୁଁ ୨୦ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାକ୍ କ୍ଷୟକ୍ଷତି ଆକଳନ ଗତ ୨ ତାରିଖ ସୁଦ୍ଧା କରାଯାଇଥିବା ବେଳେ ଏବେ ଏହି କ୍ଷତି ପରିମାଣ ଅଧିକ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି।

ଅଧିକ ଭାବେ ବନ୍ୟା କବଳିତ ଜିଲ୍ଲାର ଧାମନଗର ବ୍ଲକ୍ କରଦା ପଞ୍ଚାୟତ ତେନ୍ତୁଳିଗାଁ ଅଞ୍ଚଳର ଚାଷୀ ମଧୁସୂଦନ ସାହୁ ଜଣେ ବଡ଼ ପରିବା ଚାଷୀ। ସେ ତାଙ୍କ ଦେଢ଼ ଏକରରୁ ଅଧିକ ଜମିରେ କାକୁଡ଼ି ଓ କଦଳୀ ଚାଷ କରିଥିଲେ। ତେବେ ବନ୍ୟା ଯୋଗୁଁ ତାଙ୍କ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ସେ ଏହି ଚିନ୍ତାରେ ଏବେ ଭାଙ୍ଗି ପଡ଼ିଛନ୍ତି। ଧାମନଗର ସୋହଡ଼ା ପଞ୍ଚାୟତ ଅଧୀନ ବାଲିପଦା ଗାଁର ଅଶୋକ ନାୟକ ତାଙ୍କ ଜମିରେ ବିପୁଳ ସଂଖ୍ୟାରେ ଅମୃତଭଣ୍ଡା ଚାଷ କରିଥିଲେ। ତେବେ ଅମୃତଭଣ୍ଡା ଫଳିବା ପରେ ଅମଳ ହେବା ପୂର୍ବରୁ ବନ୍ୟାଜଳ ତାଙ୍କ ଜମିକୁ କବଳିତ କରି ରଖିବାରୁ ଏହା ପଚିସଡ଼ି ନଷ୍ଟ ହୋଇଥିବା ସେ କହିଛନ୍ତି। ସେହିଭଳି ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ବାଲିପଦା ଗାଁର ବଡ଼ ପରିବା ଚାଷୀ ତୁଷାର ପଲାଇ ତାଙ୍କ ୨ ଏକର କ୍ଷେତରେ ବାଇଗଣ ଚାଷ କରିଥିଲେ। ବନ୍ୟା ଯୋଗୁଁ ସମ୍ପୂର୍ଣ୍ଣ ତାଙ୍କ ପରିବା ଚାଷ ନଷ୍ଟ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଳିବିନ୍ଧାରେ ଚାଷୀମାନେ ପନିପରିବା ଚାଷ କରି ମୁଖ୍ୟତଃ ପରିବାର ପ୍ରତିପୋଷଣ କରିଥା'ନ୍ତି। ହେଲେ ସାଳନ୍ଦୀ ଓ ନାଳିଆ ନଦୀରେ ଆସିଥିବା ବନ୍ୟା ପାଣି ଭସାଇ ଦେଇଛି ସେମାନଙ୍କ ଚାଷ ଓ ରୋଜଗାର। ଏହି ଗାଁର ରବୀନ୍ଦ୍ର ମହାଳିକ ଓ ନରେନ୍ଦ୍ର ମହାଳିକ ବାଡ଼ିରେ ଜହ୍ନି, ଭେଣ୍ଡି, ବାଇଗଣ ଓ ଲଙ୍କା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗାଁରେ ବନ୍ୟା ପାଣି ୪ ଫୁଟ୍ ଉଚ୍ଚରେ ଚାଲିଥିବାବେଳେ ଏମାନଙ୍କ ପରିବା ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିଭଳି ଜିଲ୍ଲାର ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ବାସୁଦେବପୁର ବନ୍ୟାଞ୍ଚଳର ଶତାଧିକ ଚାଷୀଙ୍କ ପରିବା ଚାଷକୁ ବନ୍ୟା ଉଜାଡ଼ି ଦେଇଛି।

ପନିପରିବା ଚାଷ କାର୍ଯ୍ୟ ପାଇଁ ଅନେକ ଚାଷୀ ବ୍ୟାଙ୍କ ଓ ବେସରକାରୀ ସଂସ୍ଥାରୁ ଋଣ ନେଇଥିଲେ। ଏବେ ସୁନା ଫସଲ ଉଜୁଡ଼ିଯିବା ପରେ ଋଣ କିପରି ସୁଝିବେ ଏବଂ ପରିବାର କିପରି ଚଳାଇବେ, ସେ ନେଇ ଚାଷୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ବନ୍ୟା ପାଣି ଛାଡ଼ିଥିଲେ ମଧ୍ୟ ଜମିରେ କାଦୁଅ ଏବଂ ବାଲି, ପଟୁମାଟି ଆଦି ଜମି ରହିଥିବାରୁ ତୁରନ୍ତ ପୁନର୍ବାର ଚାଷ କରିବା ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ତୁରନ୍ତ ସଠିକ୍ ଆକଳନ କରାଯାଇ ବିପର୍ଯ୍ୟସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ କୃଷି ଇନ୍‌ପୁଟ୍ ସହାୟତା ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବା ପରେ ଏବେ ବଜାରରେ ପରିବାଦର ଆକାଶଛୁଆଁ ହୋଇପଡ଼ିଛି।

ଆଇନମନ୍ତ୍ରୀଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଆଲୋଚନା

# ରାଜ୍ୟରେ ପ୍ରତିଷ୍ଠା ହେବ ଆଇନ ଏକାଡେମୀ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ଆଇନଜୀବୀମାନଙ୍କ ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା କରାଯିବ। ଏହାସହ ଆଇନଜୀବିମାନଙ୍କ ପାଇଁ ସ୍ୱାସ୍ଥବୀମା ଲାଗୁ ସହ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ରାଜ୍ୟ ସରକାର ଆଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

ରାଜ୍ୟ ସଚିବାଳୟ ପରିସରରେ ଆନୁଷ୍ଠାନିକ ଭାବେ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ପରିଷଦର ସଦସ୍ୟ ଧନଞ୍ଜୟ ମୁଣ୍ଡ, ଆତ୍ମା ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟଙ୍କ ସହିତ ଆଲୋଚନା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଆଇନଜୀବୀମାନଙ୍କ କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ ଓ ଆଇନଜୀବୀ ପରିଷଦ ରାଜ୍ୟ ସରକାରଙ୍କ ସହିତ ଏ ଦିଗରେ କାର୍ଯ୍ୟ କରିବା ଲାଗି ଏହି ଅବସରରେ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଇନଜୀବୀ ସୁରକ୍ଷା ଆଇନ ପାଇଁ ପ୍ରସ୍ତାବିତ ବିଲ୍ ଉପରେ ପରିଷଦର ମତାମତ ଲୋଡ଼ିଛନ୍ତି।

ସେହିପରି ସେମାନଙ୍କର ପେସାଗତ ଦକ୍ଷତା ବୃଦ୍ଧି ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା ହେବାକୁ ଥିବାବେଳେ ରାଜ୍ୟ ଆଇନଜୀବୀ ପରିଷଦକୁ ସରକାର ଆବଶ୍ୟକ ଜମି ଯୋଗାଇଦେବେ। ପ୍ରାରମ୍ଭିକ ସ୍ତରରେ ସରକାର ଏଥିପାଇଁ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପ୍ରଶିକ୍ଷଣ ଗୃହ ପ୍ରଦାନ କରିବେ ବୋଲି ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ଅବସରରେ ଆଇନ ସଚିବ ଡଃ ପବିତ୍ର ମୋହନ ସାମଲ ରାଜ୍ୟ ଆଇନଜୀବୀ ପରିଷଦ କଲ୍ୟାଣ ପାଣ୍ଠିର ବୈଠକ ନିୟମିତ ବ୍ୟବଧାନରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥବୀମା ସାମ୍ବାଦିକମାନଙ୍କ ଭଳି ଯୋଜନା କରିବା ପାଇଁ ଅନୁରୋଧ କରିଥିଲେ। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କରିବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ଉପରଲିଖିତ ପ୍ରସ୍ତାବଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଛନ୍ତି।

**କଲ୍ୟାଣ ପାଣ୍ଠି ୯ ଲକ୍ଷକୁ ବୃଦ୍ଧି ସହ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ସହମତି**

# ଚୋରା ଚାଲାଣ ବେଳେ ୭୨ ବସ୍ତା ସାର ସହ ଗାଡ଼ି ଜବତ



ବାସୁଦେବପୁର,୪।୮ (ସମିସ): ବାସୁଦେବପୁରରୁ ଶୁକଦେବପୁର ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ସହିତ ୭୨ ବସ୍ତା ଚୋରା ସାରକୁ କୃଷି ବିଭାଗର ଅଧିକାରୀ ଜବତ କରିଛନ୍ତି। ଖରିଫ୍‌ରେ ମିଳୁନି ସାର ମାର୍କେଟ୍‌ରେ ମିଳୁନାହିଁ। ସାରର କୃତ୍ରିମ ଅଭାବ ଦେଖାଦେଇଛି। କିଛି ସାର ଦୋକାନୀ କୃତ୍ରିମ ଅଭାବ ଦର୍ଶାଇ ଚୋରାରେ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ଚାଷୀ ବିଲରେ ସାର ପକାଇବାକୁ ଏଠିସେଠି ବୁଲୁଛି। ବାସୁଦେବପୁର ବଜାର ଏକ ସାର ଦୋକାନରୁ ଶୁକଦେବପୁର ଆଡ଼କୁ ପିକ୍‌ଅପ୍ ଭ୍ୟାନ୍‌ରେ ୭୨ ବସ୍ତା ବୋଝେଇ କରି ଯାଉଥିବାବେଳେ ସହକାରୀ କୃଷି ଅଧିକାରୀ ଚଢ଼଼ଉ କରି ଧରିଥିଲେ। ଯାଞ୍ଚ ସମୟରେ ଗାଡ଼ି ଚାଳକ କାଗଜପତ୍ର ଦେଖାଇପାରି ନ ଥିବାରୁ ଗାଡ଼ି ସହିତ ୭୨ ବସ୍ତା ସାର ଜବତ କରାଯାଇଛି। ଗାଡ଼ି ଓ ସାର ଥାନାର ଅଟକ ରଖି ତଦନ୍ତ ଚାଲିଛି।

ସାଂସଦ ମାନସଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ସାରର କୌଣସି ଅଭାବ ନାହିଁ

ନୂଆଦିଲ୍ଲୀ,୪।୮ (ସମିସ): ଓଡ଼ିଶାରେ ଚଳିତ ଖରିଫ ଋତୁରେ କୃଷକଙ୍କ ପାଇଁ ୟୁରିଆ, ଡିଏପି ଏବଂ ଏନପିକେଏସ୍ ସାରର କୌଣସି ଅଭାବ ନଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ ଓଡ଼ିଶା ପାଇଁ ୟୁରିଆ, ଡିଏପି ଏବଂ ଏନପିକେ ସାରର ବଣ୍ଟନ, ରାଜ୍ୟର ଚାହିଦା ପୂରଣ ହୋଇଛି କି ନାହିଁ, କୌଣସି ଅଭାବ ରିପୋର୍ଟ ହୋଇଛି କି ନାହିଁ ଏବଂ ଧାର୍ଯ୍ୟ ସମୟରେ ସାର ଯୋଗାଣ ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ପଟେଲ୍ ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ, ୧ ଏପ୍ରିଲ୍ ୨୦୨୬ରୁ ୨୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାରେ ସମସ୍ତ ପ୍ରମୁଖ ସାରର ଉପଲବ୍ଧତା ରାଜ୍ୟର ଆବଶ୍ୟକତାଠାରୁ ଅଧିକ ରହିଛି। ୟୁରିଆର ଆବଶ୍ୟକତା ୩.୧୧ ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ ୪.୪୭ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି। ଏହାସହିତ ଡିବିଟି ମାଧ୍ୟମରେ ୨.୦୮ ଲକ୍ଷ ମେଟ୍ରିକ ଟନ୍ ବିକ୍ରି କରାଯାଇଥିବା ବେଳେ ୨୯ ଜୁଲାଇ ସୁଦ୍ଧା ଅବଶିଷ୍ଟ ୨.୪୦ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି। ସେହିପରି ଡିଏପିର ଆବଶ୍ୟକତା ୧.୩୯ ଲକ୍ଷ ମେଟ୍ରିକ ଟନ୍ ଓ ଉପଲବ୍ଧ ପରିମାଣ ୧.୭୨ ଲକ୍ଷ ମେଟ୍ରିକ ଟନ୍ ରହିଛି। ୦.୯୬ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହେବା ସହ ୦.୭୬ ଲକ୍ଷ ମେଟ୍ରିକ ଟନ୍ ମହଜୁଦ ଅଛି। ଏନପିକେଏସ୍‌ର ଆବଶ୍ୟକତା ୧.୯୦ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨.୨୯ ଲକ୍ଷ ମେଟ୍ରିକ ଟନ ଉପଲବ୍ଧ ରହିଛି। ୧.୦୧ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହୋଇ ସାରିଥିବା ବେଳେ ଅବଶିଷ୍ଟ ୧.୨୯ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି।

କେନ୍ଦ୍ର ସରକାର କହିଛନ୍ତି, ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଅଧିକ ଥିବା ଏବଂ ଉପଲବ୍ଧତା ବିକ୍ରିଠାରୁ ମଧ୍ୟ ଅଧିକ ରହିଛି। ଓଡ଼ିଶାରେ ସାରର ସ୍ଥିତି ସନ୍ତୋଷଜନକ ରହିଛି ଓ କୌଣସି ଅଭାବର ରିପୋର୍ଟ ନାହିଁ ବୋଲି କୁହାଯାଇଛି। ଏହା ବ୍ୟତୀତ ଚାଷୀଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସମୟସୀମା ଅନୁଯାୟୀ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଇଛି। ସମୟମତେ ସାର ଯୋଗାଣ ପାଇଁ କେନ୍ଦ୍ର ସରକାର ୬ଟି ପ୍ରମୁଖ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଚାହିଦା ଅନୁଯାୟୀ ସାର ଯୋଗାଣ ସୁନିଶ୍ଚିତ କରାଯାଇଥିବାରୁ କୃଷକମାନେ ସାର ଅଭାବର ସମ୍ମୁଖୀନ ହୋଇନାହାନ୍ତି ବୋଲି ସଂସଦରେ ସରକାର ସ୍ପଷ୍ଟ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱରେ ସାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ରଖାଯିବ ବୋଲି ସରକାର ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତି ଭବନରେ ଶୋଭାପାଇବ ରଥ ଚକ

ପୁରୀ,୪।୮ (ସମିସ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଐତିହ୍ୟର ବଡ଼ ସ୍ୱୀକୃତି ସ୍ୱରୂପ ରାଷ୍ଟ୍ରପତି ଭବନରେ ଶୋଭା ପାଇବ ମହାପ୍ରଭୁଙ୍କ ତିନି ରଥର ଗୋଟିଏ ଲେଖାଏଁ ପବିତ୍ର ଚକ। ଏହି ପ୍ରସ୍ତାବକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଉପସ୍ଥାପନ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ଫଳରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର



ଏହି ପ୍ରତୀକ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ବାସଭବନର ଶୋଭାମଣ୍ଡନ କରିବ। ସୋମବାର ଭୁବନେଶ୍ୱରଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଏହାକୁ ତୁରନ୍ତ ଅନୁମୋଦନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ସମୟରେ ଘୋଷଯାତ୍ରାର ରଥତ୍ରୟର ଗୋଟିଏ ଲେଖାଏଁ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ଏହା ଓଡ଼ିଶାବାସୀ ଏବଂ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ମହାପ୍ରଭୁଙ୍କ ରଥର ଚକ ଏବେ ଦେଶର ସର୍ବୋଚ୍ଚ ପ୍ରାସାଦରେ ଶୋଭା ପାଇବ।

**■ ସମ୍ମତି ପ୍ରଦାନ କଲେ ରାଷ୍ଟ୍ରପତି**
**■ ଗୌରବର ବିଷୟ କହିଲେ ମୁଖ୍ୟ ପ୍ରଶାସକ**

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ପବିତ୍ର ରଥ ଏବଂ ଏହାର ଚକ ରାଜ୍ୟର ଅନନ୍ୟ ସାଂସ୍କୃତିକ ପରିଚୟ, ଭକ୍ତି ଓ ବିଶ୍ୱାସର ପ୍ରତୀକ ଅଟେ। ପ୍ରତିବର୍ଷ ରଥଯାତ୍ରା ପରେ ତିନି ରଥକୁ ଭଙ୍ଗାଯାଏ। କିଛି ଅଂଶ ଶ୍ରୀମନ୍ଦିର ରୋଷଘରେ ବ୍ୟବହୃତ ହେଉଥିବାବେଳେ ରଥର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରି କି, ଚକ, ଗୁଜ, ଅଶୁଆରୀ ଆଦି ସଂରକ୍ଷିତ ରଖାଯାଇଥାଏ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନକୁ ଆବେଦନ କରି ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଧାର୍ଯ୍ୟ ଦେୟ ଦେଇ ରଥ ଚକ ନେଇଥା'ନ୍ତି। ସେମାନେ ପୁରୀରୁ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଚକ ନେଇ ସ୍ଥାପନ କରିବା ସହ ପୂଜାର୍ଚ୍ଚନା ମଧ୍ୟ କରିଥା'ନ୍ତି। ଏବେ ପ୍ରଥମଥର ପାଇଁ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନ ପରି ଜାତୀୟସ୍ତରରେ ସ୍ଥାନ ପାଇବାକୁ ଯାଉଛି। ଏହା ପୁରୀ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ରଖିଛନ୍ତି। ଏହି ନିଷ୍ପତ୍ତିକୁ ସ୍ୱାଗତ କରି ବରିଷ୍ଠ ସେବାୟତ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥର ଚକ ଯେତେବେଳେ ରାଷ୍ଟ୍ରପତି ଭବନ ଭଳି ସ୍ଥାନରେ ଶୋଭା ପାଇବ, ସେତେବେଳେ ଏହା ସମଗ୍ର ଦେଶରେ ପୁରୀ ଏବଂ ଓଡ଼ିଶାର ସଂସ୍କୃତିକୁ ଆହୁରି ଉଚ୍ଚକୁ ନେଇଯିବ। ଅନେକ ବିଶିଷ୍ଟ ବ୍ୟକ୍ତି ଏହାକୁ ଦେଖିପାରିବେ। ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱରେ ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପରମ ସୌଭାଗ୍ୟ। ସେହିପରି ଜଣେ ଜଗନ୍ନାଥପ୍ରେମୀ ପ୍ରମୋଦ ସାହୁ କହିଛନ୍ତି, ଆମେ ପ୍ରତିବର୍ଷ ରଥଟଣା ଦେଖି ଧନ୍ୟ ହୋଇଥାଉ। ଆଜି ସେହି ରଥର ଚକ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବ ଶୁଣି ଛାତି ଗର୍ବରେ ଫୁଲି ଉଠୁଛି। ଏହା ପୁରୀ ପାଇଁ ଏକ ବଡ଼ ସମ୍ମାନ।

PARADEEP PARIVAHAN LIMITED
CIN: L52241OR2000PLC006379
Reg. Office- At -Room No 204 Above OBC Building, Bank Street Area, Port Town, Paradeep, Jagatsinghpur-754142, Odisha
Tel/ Fax- 06722-223416, Mail id: ho@paradeepparivahan.com
Corporate Office: A29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail id: info@paradeepparivahan.com
Website: www.paradeepparivahan.com

NOTICE OF 26TH ANNUAL GENERAL MEETING AND REMOTE E-VOTING

NOTICE IS HEREBY GIVEN THAT THE 26TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON WEDNESDAY, 26TH AUGUST, 2026 AT 12:30 PM (ISD) AT NUA SANDHAKUDA, MAYFAIR BAY RESORT, PLOT NO.47(P) & 56(P, MARINE DRIVE ROAD, PARADEEP-754142, ODISHA, INDIA.
Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2026 have been sent in electronic mode on August 04, 2026 to the members whose e-mail IDs are registered with the Company or Depository Participant(s).
Members are hereby informed that the notice of the 26th Annual General Meeting and 26th Annual Report of the company are available on the website of the company **www.paradeepparivahan.com .** The Notice & Annual Report are also available for inspection at the registered office of the company on all working days during business hours of the Company.
Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2025-26.
All members are hereby informed that:
1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 04, 2026;
3. The remote e-voting shall commence on **Saturday, 22nd August, 2026 at 9:00 am (ISD)** and end on **Tuesday, 25th August, 2026 at 5:00 pm (ISD);**
4. The remote e-voting shall not be allowed beyond Tuesday, 25th August, 2026 at 5:00 pm (ISD);
5. The cut-off date for determining the eligibility to vote through remote e-voting or at the AGM will be Wednesday, 19th August, 2026;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at **www.evoting.nsdl.com and https://ivote.bigshareonline.com.** However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Wednesday, 19th August, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
**For PARADEEP PARIVAHAN LIMITED**
SD/-
USHA RANI RAY
Company Secretary & Compliance Officer
ACS No.79021

**Place: Bhubaneswar**
**Date: 04.08.2026**

# ଶ୍ରୀଜଗନ୍ନାଥଙ୍କୁ ନେଇ ବ୍ୟଙ୍ଗ ଓ କାର୍ଟୁନ ସିନେମା ପ୍ରଦର୍ଶନକୁ ବିରୋଧ; ଆନ୍ଦୋଳନ ଚେତାବନୀ

ଅନୁଗୋଳ,୪।୮ (ସମିସ):



ଓଡ଼ିଆଙ୍କ ଅସ୍ମିତା, କୋଟି କୋଟି ଜନତାଙ୍କ ବିଶ୍ୱାସର ପ୍ରତୀକ ବଡ଼ ଠାକୁର ଶ୍ରୀଜଗନ୍ନାଥ ଭକ୍ତବୃନ୍ଦଙ୍କ ଧାର୍ମିକ ଭାବାବେଗକୁ ଅନର୍ଥ କରିବାକୁ ଚେଷ୍ଟା କରୁଥିବା କିଛି ସ୍ୱାର୍ଥନ୍ୱେସୀଙ୍କ ପାଇଁ ଆଜି ପଲ୍ଲୀଠୁ ଦିଲ୍ଲୀ ଯାଏ ଜଗନ୍ନାଥ ସଂସ୍କୃତି ପ୍ରସଙ୍ଗ ଆଲୋଚନାର ପ୍ରସଙ୍ଗ ପାଲଟିଛି। ପରମ୍ପରା, ସଂସ୍କୃତି ଓ ଇତିହାସ ବିଷୟରେ ଅଜ୍ଞ କିଛି ବ୍ୟକ୍ତି ଠିକ ଭାବେ ବିଷୟ ବସ୍ତୁ ଉପରେ ଗବେଷଣା ନ କରି ସମାଜକୁ ପ୍ରଭାବିତ କରିଲା ଭଳି କାର୍ଯ୍ୟ ବିଦେଶୀଙ୍କ ପ୍ରରୋଚନାରେ କରୁଛନ୍ତି। ଓଡ଼ିଆର ପ୍ରାଣ, ଓଡ଼ିଆଙ୍କ ଆରାଧ୍ୟ ବଡ଼ ଠାକୁର ଅଜନ୍ମା ଜଗନ୍ନାଥଙ୍କ ସଂସ୍କୃତି ପ୍ରସାର ପ୍ରଚାର କରିବାରେ ଧର୍ମ ଶାସ୍ତ୍ର ବିରୋଧୀ ଓ ବ୍ୟଭିଚାରକୁ ଆଧାର କରି କାଳ୍ପନିକ ବ୍ୟଙ୍ଗ ଏବଂ କାର୍ଟୁନ ଚଳଚିତ୍ର ପ୍ରଦର୍ଶନକୁ ବିରୋଧ କରିବାକୁ ସନାତନୀଙ୍କୁ ଜାଗ୍ରତ ହେବାକୁ ବିଶ୍ୱ ହିନ୍ଦୁପରିଷଦ ରାଜ୍ୟ ସମ୍ପାଦକ ତଥା ପୁରୀ ଶ୍ରୀମନ୍ଦିର ପରିଚାଳନା ସମିତିର ସକ୍ରିୟ ସଦସ୍ୟ ପଣ୍ଡିତ ମହେଶ ଜୀ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସଦ୍‌ଭାବନା ମଣ୍ଡପଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଶ୍ରୀଜଗନ୍ନାଥଙ୍କୁ ନେଇ ବ୍ୟଙ୍ଗ ଓ କାର୍ଟୁନ ସିନେମା ପ୍ରଦର୍ଶନ କରିବା ପ୍ରସଙ୍ଗରେ ଆଲୋକପାତ କରି ଜଗନ୍ନାଥ ସଂସ୍କୃତି ସୁରକ୍ଷା ଏବଂ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନ ପ୍ରାବଧାନ ଦାବି କରିବା ସହ ସମ୍ପ୍ରତି ଘଟଣାକ୍ରମକୁ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଉପରେ ଏକ ବ୍ୟଙ୍ଗ ଚଳଚ୍ଚିତ୍ର ନିର୍ମାଣ ହେଲା, ତାହାକୁ କେହି ଜାଣି ପାରିଲେ ନାହିଁ। ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଧାରିତ ସେହି କାଳ୍ପନିକ ବ୍ୟଙ୍ଗ ଓ କାର୍ଟୁନ ଚଳଚ୍ଚିତ୍ରକୁ ପ୍ରଦର୍ଶନ ପାଇଁ ଫିଲ୍ମ ସେନ୍ସର ବୋର୍ଡର ଅନୁମତି ବି ମିଳିଗଲା। ଫିଲ୍ମ ରିଲିଜ ହେବା ପୂର୍ବରୁ ତା'ର ପ୍ରାରମ୍ଭିକ କିଛି ଦୃଶ୍ୟ ପ୍ରସାର ହେବା ପରେ ଜଗନ୍ନାଥପ୍ରେମୀଙ୍କୁ ବିଚଳିତ କରିଥିଲା। ଧାର୍ମିକ ଭାବଧାରକୁ ହୀନ କରାଯିବା ସହିତ ଶସ୍ତା ମନୋଭାବ ପୋଷଣ ଆଲୋଡନ ସୃଷ୍ଟି କରିଥିଲା। ଓଡ଼ିଆ ସମେତ ହିନ୍ଦୀ, ତେଲଗୁ, କନ୍ନଡ଼ ଓ ମାଲାୟମ ଭାଷାରେ ଜଗନ୍ନାଥ ସଂସ୍କୃତି ପ୍ରତି ପିଲାଙ୍କୁ ଆକୃଷ୍ଟ କରିବାରେ ସହାୟକ ହେଲାଭଳି କାଳ୍ପନିକ ଚଳଚିତ୍ରରେ ବ୍ୟଙ୍ଗ ଓ କାର୍ଟୁନ ଚଳଚ୍ଚିତ୍ର ସ୍ଥାନିତ ହୋଇଛି, ଯାହାକି ଚଳଚ୍ଚିତ୍ର ପ୍ରଯୋଜକ ଉକ୍ତ ବୈଠକରେ ସ୍ୱୀକାର କରିଥିଲେ। ପୁରୀ ଶଙ୍କରାଚାର୍ଯ୍ୟ, ଚଳନ୍ତି ଗଜପତି, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ପ୍ରମୁଖ କର୍ମକର୍ତ୍ତା, ମଠ ମନ୍ଦିର ମହନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚ୍ୟ ପ୍ରସଙ୍ଗରେ ପ୍ରଯୋଜକ ଉକ୍ତ କାଳ୍ପନିକ ସିନେମା ପ୍ରଦର୍ଶନର ରିଲିଜ ନ କରିବାକୁ ପ୍ରଯୋଜକ ସହମତି ପ୍ରକାଶ କରିଥିଲେ। ମାତ୍ର ପରେ ଚଞ୍ଚକତା କରି ବିବାଦୀୟ ସିନେମା ରିଲିଜ କରିବାକୁ ମସୁଧା ହୋଇଥିଲା। ଧର୍ମ, ଶାସ୍ତ୍ର, ସଂସ୍କୃତି ପରମ୍ପରା, ଏପରିକି ଇତିହାସ ବିରୋଧୀ କାଳ୍ପନିକ ସିନେମାକୁ ସେନ୍ସର ବୋର୍ଡ ଅନୁମୋଦିତ କରିଥିବା ଘଟଣାକୁ ନିନ୍ଦା କରିବା ସହିତ ପୁନଃ ସମୀକ୍ଷା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ଶ୍ରୀ ଜଗନ୍ନାଥ ଭକ୍ତ ବୃନ୍ଦ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ପୁନଃ ବିଚାର କରିବାକୁ ମଧ୍ୟ ଅପିଲ କରାଯିବ। ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ସମଗ୍ର ଜଗନ୍ନାଥ ପ୍ରେମୀ ଭକ୍ତବୃନ୍ଦ ଜାଗ୍ରତ

### ସେନ୍ସର ବୋର୍ଡ ସାର୍ଟିଫିକେଟ ବାତିଲ ଦାବି

ହେବା ଜରୁରୀ ବୋଲି କହିଛନ୍ତି। ନଚେତ ଆନ୍ଦୋଳନର ପନ୍ଥା ଗ୍ରହଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନ ଉପଦେଷ୍ଟା ପରମାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ ବିବାଦୀୟ ଏବଂ କଳ୍ପନିକ ସିନେମା ପ୍ରଦର୍ଶନକୁ ନ୍ୟାୟିକ ଆଧାରରେ ବିରୋଧ କରିବା ସହିତ ନିନ୍ଦା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମ ଚରଣ ପ୍ରଧାନ, ଅଭୟ ତ୍ରିପାଠୀ, ସନ୍ତୋଷ ସାହୁ, ମାନସ ମିଶ୍ର, ଉଥାନ ମହାପାତ୍ର, ଲଳିତ ମୋହନ ଦାସ, ଜ୍ୟୋତିରଞ୍ଜନ ନନ୍ଦ, ବରଦାକାନ୍ତ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜ୍ଞାନବିଜ୍ଞାନ ମେଳା

ଅନୁଗୋଳ,୪।୮ (ସମିସ): ମଙ୍ଗଳବାର ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାନକେରଜାଙ୍ଗସ୍ଥିତ ମଲ୍ଲିକେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ କୁମାର ସାହୁ ଯୋଗଦାନ କରି ଏହି ମେଳା ବିଜ୍ଞାନ କ୍ଷେତ୍ରରେ ଶିଶୁମାନଙ୍କ ଅନୁସନ୍ଧିତ୍ସୁ ମନୋଭାବ ବୃଦ୍ଧି ଓ ରାଷ୍ଟ୍ରର ଭବିଷ୍ୟତ ବୈଜ୍ଞାନିକ ପାଇଁ ପ୍ରେରଣା ପ୍ରଦାନ କରେ ବୋଲି କହିଥିଲେ।



ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସାହୁ, ସଭାପତି ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ବୀରବର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ସନ୍ତୋଷ କୁମାର ସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ଜିଲ୍ଲା ୨୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ଆଚାର୍ଯ୍ୟ ପଦ୍ମଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷକ ଦୁଃଶାସନ ବେହେରା, ବିଶ୍ୱଜିତ୍ ସାହୁ, ଅକ୍ଷୟ କୁମାର ପ୍ରଧାନ, ଅମିତ୍ କୁମାର ସାହୁ, ଦୀପକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ୩୫ଟି ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ମୋଟ ୧୫୮ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ।

## ୩ ଦିନ ପରେ ବି ମିଳୁନି ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ପତ୍ତା

ତାଳଚେର,୪।୮ (ସମିସ): ବ୍ରାହ୍ମଣୀ ନଦୀରେ ତିନିଦିନ ପୂର୍ବରୁ ତାଳଚେର ବ୍ଲକ୍ କଙ୍କିଳି ପଞ୍ଚାୟତ କାକୁଡ଼ି ଗ୍ରାମର ପଛପାଖରେ ରହିଥିବା ନଦୀକୁ ୨ଜଣ ଯୁବକ ଗାଧୋଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସିକ୍ୟୁରିଟି ଗାର୍ଡ ଓ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟ ଜଣଙ୍କୁ ନପାଇବାରୁ ତାଳଚେର ପୁଲିସ ଏବଂ ଅଗ୍ନିଶମ ବାହିନୀ



ସହ ଓଡ୍ରାଫ୍ ଟିମ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନିରାଶ ହୋଇଥିଲେ। ତିନିଦିନ ବିତିଯାଇଥିଲେ ହେଁ ଏଯାଏଁ ନିଖୋଜ ଯୁବକର ପତ୍ତା ମିଳିପାରି ନାହିଁ। ଏ ସମ୍ପର୍କରେ ଅଗ୍ନିଶମ ବାହିନୀର ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ ନଦୀର ସ୍ରୋତ ଅଧିକ ରହୁଥିବାରୁ ତାଙ୍କୁ ଖୋଜିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ନେଇ ନିଖୋଜ ଥିବା ଯୁବକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ଆଶା ଆଶଙ୍କାରେ ରହିଥିବା ବେଳେ ନିଖୋଜଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ବ୍ରିଜ ଉପରୁ ୩୦ ଫୁଟ୍ ତଳକୁ ଖସିଲା ଟ୍ରକ୍; ଡ୍ରାଇଭର ଗୁରୁତର

କିଶୋରନଗର,୪।୮ (ସମିସ): ଆଠମଲ୍ଲିକ ଉପଖଣ୍ଡର କିଆକଟା-ବଇଣ୍ଠା ୬୨ ନମ୍ବର ରାଜ୍ୟ ରାଜପଥର ପୁରୁଣାମାଣତ୍ରୀ ବ୍ରିଜ୍ ଉପରେ ଦୁର୍ଘଟଣା ଘଟିଛି। ବ୍ରିଜ ଉପରେ



ଯାଉଥିବା ଏକ ଟ୍ରକ୍ ହଠାତ୍ ଭାରସାମ୍ୟ ହରାଇ ବ୍ରିଜର ବ୍ୟାରିକେଡ୍ ଭାଙ୍ଗି ପ୍ରାୟ ୩୦ ଫୁଟ ତଳକୁ ଖସିପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଟ୍ରକ୍ ଭିତରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। ଖବର ପାଇ ଘଟଣାସ୍ଥଳରେ ଆଠମଲ୍ଲିକ ପୁଲିସ ପହଞ୍ଚି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।

* ୬୦ ଦିନର ଧାରଣାରେ ଯବନିକା

## ଆନ୍ଦୋଳନକାରୀଙ୍କ ଦାବି ଆଗରେ ନଇଁଲା ପ୍ରଶାସନ

ପାଲଲହଡ଼ା,୪।୮ (ସମିସ): ୬୦ ଦିନର ଧାରଣା ଏବଂ ଆନ୍ଦୋଳନ ପରେ ଆନ୍ଦୋଳନକାରୀଙ୍କ ଦାବି ଆଗରେ ଶେଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଣ୍ଡ ନୁଆଁଇଛି। ପାଲଲହଡ଼ା ବ୍ଲକ୍ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱରୁ ହଟିଛି ଘରୋଇ ଏନ୍‌ଜିଓ। ଗତ ୩୧ ତାରିଖ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପତ୍ର ସଂଖ୍ୟା ୨୧୯୮/୨୦୨୬ ଅନୁଯାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମ୍ପତ୍ତିକୁ ବିପିଏଚ୍‌ଓ, ଖମାରକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ୍‌ର ଉପାନ୍ତ ବନ୍ଧାଭୂଇଁ ପଞ୍ଚାୟତ ଅଧୀନ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏନ୍‌ଜିଓ ସଂସ୍ଥା "ପରିବର୍ତ୍ତନ' ନିଜ କାର୍ଯ୍ୟରୁ ଓହରିଯାଇଛି। ଫଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ସଫଳତା ମିଳିଥିବା କୁହାଯାଇଛି। ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୭ ଦଶନ୍ଧି ଧରି ଉପାନ୍ତ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉପାନ୍ତ ଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତର ୧୫ ହଜାରରୁ ଅଧିକ ଲୋକ ଏବଂ ତିନୋଟି ଆଦିବାସୀ ବିଦ୍ୟାଳୟର ପ୍ରାୟ ୧୫ ଶହ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତ ପରିଚାଳନା ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଗତ ଜୁନ୍ ୧ ତାରିଖରୁ ପିପିପି ମୋଡ୍‌ରେ "ପରିବର୍ତ୍ତନ' ନାମକ ଏକ ଘରୋଇ ଏନ୍‌ଜିଓ ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏନ୍‌ଜିଓ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ପ୍ରଥମ ଦିନରୁ ଲୋକଙ୍କ ଆଶାନୁରୂପ ସ୍ୱାସ୍ଥ୍ୟସେବା ମିଳୁନଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଧୀରେଧୀରେ ତୀବ୍ର ହେବା ସହ ଆନ୍ଦୋଳନର ରୂପ ନେଇଥିଲା। ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏନ୍‌ଜିଓକୁ ହଟାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଡାକ୍ତର ନିଯୁକ୍ତି କରିବା ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା ଆରମ୍ଭ କରିଥିଲେ। ପରେ ପାଲଲହଡା ପୂର୍ବତନ ବିଧାୟକଙ୍କ ନେତୃତ୍ୱରେ ବିଜେଡି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା ଏବଂ ଗତ

### ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରରୁ ହଟିଲା ଏନ୍‌ଜିଓ

୨୨ ତାରିଖରେ ପୂର୍ବତନ ଏମ୍‌ପି ମହେଶ ସାହୁ ଏବଂ ପୂର୍ବତନ ବିଧାୟକ ମୁକେଶ ପାଳଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଆଦିବାସୀ ପୁରୁଷ ଏବଂ ମହିଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦେଢ଼ ମାସ ଧରି ଧାରଣା ଚାଲିଥିଲା। ଏହିସମୟ ମଧ୍ୟରେ ତିନିଥର ଆଲୋଚନା ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରିନଥିଲା। ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚାପ ପ୍ରୟୋଗ କରାଯାଇଥିଲା। ୧୨ ଜଣ ଆନ୍ଦୋଳନକାରୀ ଏବଂ ସାମ୍ବାଦିକଙ୍କ ବିରୋଧରେ ଶାନ୍ତିଭଙ୍ଗ ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା। ତେବେ ବିଭିନ୍ନ ଚାପ ସତ୍ତ୍ୱେ ଆନ୍ଦୋଳନକାରୀମାନେ ନିଜ ଦାବିରୁ ଓହରି ନ ଥିଲେ। ଫଳରେ ଆନ୍ଦୋଳନ ଜାରି ରହିଥିଲା। ଶେଷରେ ଅଗଷ୍ଟ ୧ ତାରିଖରେ "ପରିବର୍ତ୍ତନ' ସଂସ୍ଥା ସ୍ୱାସ୍ଥ୍ୟ ବିଭାଗକୁ ଏକ ପତ୍ର ମାଧ୍ୟମରେ ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନାରୁ ଓହରିଯାଇଥିବା ଜଣାପଡ଼ିଛି।

## ତାଳଚେର ମ୍ୟୁନିସିପାଲିଟିରେ ବର୍ଷବର୍ଷ ଧରି ହେଉନି ବଦଳି

ତାଳଚେର ସହର,୪।୮ (ସମିସ): ତାଳଚେର ପୌର ପରିଷଦରେ ବର୍ଷ ବର୍ଷ ଧରି କର୍ମଚାରୀଙ୍କ ବଦଳି ହେଉନି। ଚାକିରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧୮ ବର୍ଷ ଧରି ଗୋଟିଏ ସ୍ଥାନରେ ଚାକିରି କରିଥିବା ଭଳି କର୍ମଚାରୀ ରହିଛନ୍ତି। ପ୍ରଣତି ନନ୍ଦ ନାମକ ଯନ୍ତ୍ରୀ ଚାକିରି ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ ପୌର ପରିଷଦରେ ଚାକିରି କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ଆରଟିଆଇରେ ଏ ସମ୍ପର୍କିତ ତଥ୍ୟବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଘୂରିବୁଲିଥିଲା। ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ କୌଣସି ଫରକ୍ ପଡ଼ିନଥିଲା। ସେହିପରି ଆଉ ଜଣେ ହେଉଛନ୍ତି ବିଶ୍ୱଜିତ୍ ଦାସ। ସିନିୟର୍ ଆସିଷ୍ଟାଣ୍ଟ ପଦରେ ନିଯୁକ୍ତ ହୋଇଥିଲେ ବି ବହୁ ବର୍ଷ ତାଳଚେର ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପରେ ତାଙ୍କୁ ଅନୁଗୁଳ ପୌର ପରିଷଦ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ସେଠାରୁ ମଧ୍ୟ କର୍ମଚାରୀ ଅଭାବ





ଦର୍ଶାଇ ଡେପୁଟେସନରେ ତାଳଚେରକୁ ବଦଳି କରାଯାଇଛି। ସେହିପରି ଗୋଲକ ବିହାରୀ ସାହୁଙ୍କ ବଦଳି ଆର୍‌ଏମ୍‌ସି ରାଉରକେଲାକୁ ହୋଇଛି। ଯାହାର ଅର୍ଡର ଜୁଲାଇ ମାସ ୭ ତାରିଖରେ ହୋଇଥିଲା। କିନ୍ତୁ ତାଳଚେର ନିର୍ବାହୀ ଅଧିକାରୀ ଆଜକୁ ମାସେ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଠାରୁ ଛାଡ଼ିନାହାନ୍ତି। ତେଣୁ ଏଭଳି ଘଟଣାରୁ ସ୍ପଷ୍ଟ ଅନୁମେୟ କି ବିଭାଗୀୟ ଅର୍ଡରକୁ ଖାତିର କରୁ ନାହାନ୍ତି ନିର୍ବାହୀ ଅଧିକାରୀ। ତା'ପରେ ତାଳଚେର ପୌର ପରିଷଦରେ ଦୁର୍ନୀତି ହେଉଥିବା ନେଇ

* ବଦଳି ଅର୍ଡର ଆସିଲେ ବି ହେଉନି କାର୍ଯ୍ୟକାରୀ
* କାର୍ଯ୍ୟାଳୟରେ ବିଭିନ୍ନ ଦୁର୍ନୀତି ହେଉଥିବା ଅଭିଯୋଗ

ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପୁରୁଣା କର୍ମଚାରୀଙ୍କ ପ୍ରତି କାର୍ଯ୍ୟାଳୟର ଏ ମୋହ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଆଉ କେତେ ବର୍ଷ ପରେ ପ୍ରଣତି ନନ୍ଦଙ୍କ ବଦଳି ହେଉଛି, ଗୋଲକ ସାହୁଙ୍କୁ କେବେ ତାଳଚେରରୁ ରାଉରକେଲା ଛଡ଼ାଯାଉଛି ଆଉ ବିଶ୍ୱଜିତ୍ ଦାସଙ୍କ ଡେପୁଟେସନ ଅବଧି କେବେ ସରୁଛି ତାହା ଦେଖିବାକୁ ବାକି ରହିଲା।

* ଉତ୍କଳ -ଇ କୋଲ୍ ବ୍ଲକ୍ କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ

## କମ୍ପାନୀ, ପୁଲିସ ପ୍ରଶାସନ ଓ ଆନ୍ଦୋଳନକାରୀ ମୁହାଁମୁହିଁ





ଛେଣ୍ଡିପଦା,୪।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନାଣ୍ଡୀ ଛୋଡ଼ ଓରଫ୍ ଗୋପିବଲ୍ଲପୁର ଗ୍ରାମଠାରେ କାର୍ଯ୍ୟକ୍ଷମ ଥିବା ଉତ୍କଳ ଇ-କୋଲ୍ ବ୍ଲକ୍ ଅଧୀନ କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜାମାନଙ୍କୁ ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ। ଏହାସାଙ୍ଗକୁ ବିସ୍ଥାପିତ ପରିବାରଙ୍କୁ ଉପଯୁକ୍ତ ଥଇଥାନ ଏବଂ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ନଥିବା ଯୋଗୁଁ ଆଜକୁ ପ୍ରାୟ ୭ ମାସ ହେବ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେବା ସହ ଆନ୍ଦୋଳନ ଜାରି ରହିଥିଲା। ଏ ନେଇ ଆନ୍ଦୋଳନସ୍ଥଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷରେ କମ୍ପାନୀ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବି ଆପତ୍ତି ପ୍ରତି କୌଣସି ଦୃଷ୍ଟି ଦିଆନଯାଇ ଜୋର ଜବରଦସ୍ତ କୋଇଲା ଖନନ, ଉତ୍ତୋଳନ ଓ ପରିବହନ ଆଦି କାର୍ଯ୍ୟ ଚାଲୁରହିଛି। ଏହାକୁ କେତେକ କ୍ଷତିଗ୍ରସ୍ତ ପ୍ରଜା ତୀବ୍ର ବିରୋଧ କରି ଆସୁଛନ୍ତି। ଫଳରେ କମ୍ପାନୀ-ପୁଲିସ ପ୍ରଶାସନ ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ସନ୍ତୋଷଜନକ ପଦକ୍ଷେପ ନିଆନଯାଇ କମ୍ପାନୀକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସେହିପରି କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିବା ଆନ୍ଦୋଳନକାରୀଙ୍କୁ କମ୍ପାନୀ ପ୍ରଶାସନ ପକ୍ଷରୁ ପୁଲିସ ଫୋର୍ସ ମୁତୟନ କରିବା ତଥା ବଳ ପ୍ରୟୋଗ କରି ଆନ୍ଦୋଳନକାରୀଙ୍କୁ ଉଠାଇ ଦେଇଛନ୍ତି। ଉପରୋକ୍ତ ସ୍ଥାନରେ ଆନ୍ଦୋଳନ ନ କରିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି। ଆବଶ୍ୟକ ହେଲେ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ, ଏହି କୋଲ୍ ବ୍ଲକ୍ ନାଲକୋ ଆଲୁମିନିୟମ କମ୍ପାନୀକୁ ସରକାରଙ୍କ ପକ୍ଷରୁ ଆବଣ୍ଟନ କରାଯାଇଛି। କୋଇଲା ଖଣି ମଧ୍ୟରୁ ଖନନ, ଉତ୍ତୋଳନ, ଉତ୍ପାଦନ, ପରିବହନ କାର୍ଯ୍ୟ ସକାଶେ ମୈତ୍ରୀ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବି ପୂରଣ କରାଯିବା ଅତ୍ୟନ୍ତ ଜରୁରୀ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

## ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧିଲା ଶ୍ରୀରାମ ନବମୀ କମିଟି



କିଶୋରନଗର,୩।୮ (ସମିସ): ସନ୍ଧ୍ୟା ହେଲେ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳର ରାସ୍ତାରେ ବୁଲା ଗାଈଗୋରୁଙ୍କ ଗୋଠ ପଡୁଛି। ଏଥିଯୋଗୁଁ ବଇଣ୍ଠା-କିଆକଟା ରାଜ୍ୟ ରାଜପଥ ସମେତ ସମସ୍ତ ସାହି ରାସ୍ତା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ଗମ୍ଭୀରତାର ସହିତ ନେଇ ଆଠମଲ୍ଲିକ ପ୍ରାଣୀ ସମ୍ପଦ ବିଭାଗ ସହଯୋଗରେ ଶ୍ରୀରାମ ନବମୀ କମିଟିର ସଦସ୍ୟମାନେ ବୁଲା ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧିଛନ୍ତି। ଫଳରେ ରାତିରେ ଆସୁଥିବା ଯାନର ଚାଳକ ସହଜରେ ଦେଖିପାରିବେ। ଫଳରେ ଦୁର୍ଘଟଣା କମିବ ବୋଲି ଆଶା କରାଯାଉଛି। କମିଟିର ସଦସ୍ୟ ଶିବାଶିଷ ରାଉତ, ସତ୍ୟବ୍ରତ ନାୟକ, ଯୁବରାଜ ବେହେରା, ସୂର୍ଯ୍ୟାଂଶୁ ଜ୍ୟୋତିଷରାୟ, ସ୍ମୃତିସଞ୍ଜୟ ଭୁକ୍ତା, ଜିତେନ୍ ନାଏକ, ରାହୁଲ ପ୍ରଧାନ, ସମ୍ବିତ୍ କୁମାର ମାହାର, ଅଂଶୁମାନ ବଘାର, ମନିସ୍ ହରିଚନ୍ଦନଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## ଓସ୍କାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୪।୮ (ସମିସ): କିଶୋରନଗର ବ୍ଲକ୍ ଓସ୍କାପାଲ୍ଲୀ ପଞ୍ଚାୟତରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ବିଜୟିନୀ ପ୍ରଧାନ, ବିଏସ୍‌ଏସ୍‌ଓ ଝସକେତନ ସାହୁ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବିପିସି (ଆର୍‌ଏଚ୍) ସୌମ୍ୟରଞ୍ଜନ ପ୍ରଧାନ, ବିପିସି(ଏସ୍‌ବିଏମ୍) ଦିଲେଶ୍ୱର ଦେହୁରୀ ପ୍ରମୁଖ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଗୋଳକୁ ୧ କୋଟି ଟଙ୍କା ଅନୁଦାନ

ଅନୁଗୋଳ,୪।୮ (ସମିସ): ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଗୋଳ ମ୍ୟୁନିସିପାଲିଟିର ଦୁଇଟି ୱାର୍ଡ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଗତ ୨୯ ତାରିଖରେ ଜାରି ହୋଇଥିବା ଚିଠି ଅନୁଯାୟୀ, ୱାର୍ଡ ନଂ୧୫ର ଅମଲାପଡ଼ା ଏବଂ ୱାର୍ଡ ନଂ୧୬ର ହେମସୁରପଡ଼ା ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ପାଇଁ ପ୍ରତ୍ୟେକଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଅନୁଦାନ ମିଳିବା ପରେ ଉଭୟ ଅଞ୍ଚଳର ବାସିନ୍ଦା ଓ ପୂଜା କମିଟି ସଦସ୍ୟମାନେ ଖୁସି ବ୍ୟକ୍ତ କରିବା ସହ ବିଧାୟକ ଶ୍ରୀ ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅର୍ଥରେ ସ୍ଥାୟୀ ଓ ଆଧୁନିକ ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ସହ ଭକ୍ତମାନଙ୍କ ସୁବିଧା ପାଇଁ ପାର୍କିଂ, ପାନୀୟ ଜଳର ବ୍ୟବସ୍ଥା କରାଯିବ ଏବଂ ଏହି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରକାଶ କରିଛନ୍ତି।

### କୋଇଲା ପରିବହନ ଜନିତ ପ୍ରଦୂଷଣ ସମସ୍ୟାର ସମାଧାନ ଦାବି

# କଂଗ୍ରେସ ପକ୍ଷରୁ ୧୨ରେ ଅନୁଗୋଳ ବନ୍ଦ

ଅନୁଗୋଳ,୪।୮ (ସମିସ):

କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷଣ ଓ ଜନସମସ୍ୟାର ସମାଧାନ ଏବଂ ଆଇନଗତ ପ୍ରକ୍ରିୟାରେ ଥିବା କୋଶଳା ପଞ୍ଚାୟତର ୫ ଜଣଙ୍କ ମିଥ୍ୟା ମାମଲାର ଶୀଘ୍ର ପ୍ରତ୍ୟାହାର ପାଇଁ ଦାବି ସମ୍ପର୍କିତ ଏକ ପତ୍ର ଜିଲ୍ଲା କଂଗ୍ରେସ ତରଫରୁ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲେଖ କରାଯାଇଛି ଯେ କୋଇଲା ପରିବହନକୁ ନେଇ କୋଶଳା ପଞ୍ଚାୟତର ୫ ଜଣ ବ୍ୟକ୍ତି ଦୀର୍ଘ ୧୧୫ ଦିନ ଧରି ମିଛ ମାମଲାରେ ଜେଲରେ ଅଛନ୍ତି। ସେମାନଙ୍କ ମାମଲା ଆଇନଗତ ପ୍ରକ୍ରିୟାରେ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ, ପ୍ରତିଦିନ ସନ୍ଧ୍ୟା ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କୋଇଲା ବୋଝେଇ ଟ୍ରକ୍ ଛେଣ୍ଡିପଦା, କୋଶଳା,



ଜରାଶିଙ୍ଗା, ଅନୁଗୋଳ ମ୍ୟୁନିସିପାଲିଟି, ତୁରଙ୍ଗ, ବଅଁରପାଳ ଦେଇ ନାଲ୍‌କୋ ଓ ଅନ୍ୟାନ୍ୟ କମ୍ପାନୀକୁ ଯାତାୟାତ କରୁଛି। ଏହା ଫଳରେ ଅଞ୍ଚଳବାସୀ ଧୂଳିଧୂଆଁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା, ଯାତାୟାତ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଜରିଆରେ ସରକାରଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ସମୀକ୍ଷା କରି ଉପଯୁକ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଧୂଳି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଆଇନ ଅନୁଯାୟୀ ମାମଲାର ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ସହିତ ମିଥ୍ୟା ମାମଲାର ଶୀଘ୍ର ପ୍ରତ୍ୟାହାର କରାଯାଉ ବୋଲି ମଧ୍ୟ ଦାବି ହୋଇଛି। ଯଦି ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହୁଏ, ତେବେ ଆସନ୍ତା ୧୨ ତାରିଖରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ୬ଘଣ୍ଟିଆ ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦେବା ପାଇଁ ଜିଲ୍ଲା କଂଗ୍ରେସ ବାଧ୍ୟ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ ପ୍ରକାଶ କରିବା ସହ ବନ୍ଦ ପାଇଁ ସୃଷ୍ଟି ହେବାକୁ ଥିବା ଯେ କୌଣସି ପରିସ୍ଥିତି ଲାଗି ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

**ବିବାଦ ଘେରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ**

# ମହୋତ୍ସବ ସରିବାର ୪ ମାସ ପରେ ବି ହେଉନି ସମୀକ୍ଷା ବୈଠକ

ଜଗତସିଂହପୁର,୪।୮ (ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ସରିବାର ୪ ମାସ ବିତିଲାଣି। ହେଲେ ଏହି ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୁଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଣୁ। ସେହିପରି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସଂପଦ କୁମାର ସ୍ୱାଇଁ, ସାଂସଦ ଡ. ବିଭୂ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏବଂ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମଧ୍ୟ ନୀରବ ରହିବା ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୬'। ଇତି ମଧ୍ୟରେ ଉତ୍ସବ ସରିବାର ୪ ମାସ ବିତିଯାଇଥିବା ବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଜିଲ୍ଲା ମହୋତ୍ସବ ଆୟୋଜନରେ ହୋଇଥିବା ଆୟ-ବ୍ୟୟ ସାର୍ବଜନୀନ କରିବାରେ ସଂସ୍କୃତି ବିଭାଗର ପଛଘୁଞ୍ଚାକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ଜିଲ୍ଲା ମହୋତ୍ସବ ପରେ ମଧ୍ୟ ଉତ୍ସବର ଆୟବ୍ୟୟ ସାର୍ବଜନୀନ କରାଯାଇନଥିଲା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ସେହିବର୍ଷ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଜିଲ୍ଲାପାଳ ବିଧାୟକଙ୍କ ଚିଠିକୁ ଗୁରୁତ୍ୱ ଦେଲେନାହିଁ କିମ୍ବା ବୈଠକ ଡାକିଲେ ନାହିଁ। ପୁଣିଥରେ ୨୦୨୬ ଫେବୃଆରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ବିଧାୟକ ଶ୍ରୀ ଦାସ ଚିଠି ଲେଖିଥିଲେ। ହେଲେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ବାରମ୍ବାର ଏଭଳି ହେଉଥିବାରୁ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ସତ୍ୟ କି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେପଟେ ଗତବର୍ଷ ଭଳି ଜିଲ୍ଲା ସଂସ୍କୃତି ବିଭାଗ ବିନା ସମୀକ୍ଷାରେ ଉତ୍ସବର ଆୟ ବ୍ୟୟ ବିବରଣୀ ନୋଟିସ ବୋର୍ଡରେ ଝୁଲାଇ ଦେଇ କାମ ସାରିଦେବ ନା ଚଳିତବର୍ଷ ସମୀକ୍ଷା ବୈଠକ ଆୟୋଜନ କରିବ ତାହା ସ୍ପଷ୍ଟ ହୋଇନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏହାକୁ ନଜରରେ ରଖି ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

■ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

# ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଜଗତସିଂହପୁର,୪।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଡେପୁଟି କଲେକ୍ଟର ନିର୍ବାଚନ ସୂଚନା ଦେଇଛନ୍ତି।

# ଅଠରବା ।ମାର୍କେଟ ବ୍ୟବସାୟୀ ଦେହାନ୍ତ

ପାରାଦୀପ,୪।୮ (ସମିସ): ପାରାଦୀପ ଅଠରବାଙ୍କୀ ମାର୍କେଟର ବିଶିଷ୍ଟ ବ୍ୟବସାୟୀ ଧରଣୀଧର ପାତ୍ରଙ୍କର ୭୫ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ହଠାତ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ତାଙ୍କୁ ଗତ ଶନିବାର ସ୍ଥାନୀୟ କେଏମ୍ଏସ୍ ମେଡ଼ିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ହେବ ଅଠରବାଙ୍କୀ ମାର୍କେଟରେ ବ୍ୟବସାୟ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଠରବାଙ୍କୀ ବ୍ୟବସାୟୀ ସଂଘରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ସେ ରହୁଥିବା ଲକ୍‌ପଡ଼ା ବାସଗୃହରେ ବ୍ୟବସାୟୀମାନଙ୍କର ସୁଅ ଛୁଟିଥିଲା। ପରେ ପରିବାର ପକ୍ଷରୁ ତାଙ୍କ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଥାନା ଅନ୍ତର୍ଗତ ଶିଙ୍ଗିପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସ୍ୱର୍ଗତ ପାତ୍ରଙ୍କ ସହଧର୍ମିଣୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ୫ ପୁଅ ଅଛନ୍ତି। ବଡ଼ ପୁଅ ମୁଖାଗ୍ନି ଦେଇଥିଲେ। ମୃତ ଶଯ୍ୟା ନିକଟରେ ତାଙ୍କର ୫ ପୁଅ ସମେତ ଏକମାତ୍ର ଝିଅ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଏନେଇ ଆଜି ସକାଳେ ଅଠରବାଙ୍କୀ ବ୍ୟବସାୟୀ ସଂଘ ପକ୍ଷରୁ ଏକ ସ୍ମୃତି ସଭା ଆୟୋଜନ କରାଯାଇ ମାର୍କେଟ ବନ୍ଦ ରହିଥିଲା। ତେବେ ଏହି ସ୍ମୃତି ସଭାରେ ବ୍ୟବସାୟୀ ସଂଘର ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ସମେତ ଉପସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ସାହୁ, ଅକ୍ଷୟ ଭୂୟାଁ, ପ୍ରାଣକୃଷ୍ଣ ସାହୁ, ଅଧିର ବାରିକ ଓ ଚାନ୍ଦୁ ବାରୀଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତଥିଲେ।



# ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ସ୍ମୃତିଚାରଣ ସଭା



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ସହରର ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବର୍ଷିଆନ ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଆବାହକ ଦେବେନ୍ଦ୍ର ରାଉତ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ବେହେରାଙ୍କ ସ୍ମୃତିଚାରଣ କରିବା ସହିତ ସେ ପାଲା ଜଗତର ଭୀଷ୍ମ ପିତାମହ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ବେହେରା ଓଡ଼ିଶାର ପାରମ୍ପରିକ ଲୋକକଳା ପାଲାକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସାର ପ୍ରଚାର ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସ୍ୱର୍ଗତ ବେହେରା ଶହ ଶହ ସଂଖ୍ୟାରେ ପାଲା ଗାୟକ ସୃଷ୍ଟି କରିବା ସହିତ ଏହି ଲୋକକଳା କିପରି ବଞ୍ଚି ରହିବ ସେଥିପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀ, ପତଞ୍ଜଳି ଯୋଗ ସମିତିର ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ବସନ୍ତ ସ୍ୱାଇଁ, ସେବାନିବୃତ ସେନାନୀ ସୋମନାଥ ମହାରଣା,ଶ୍ରୀମତୀ ପଙ୍କଜିନୀ ଏବଂ ସୋମନାଥ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ବେହେରାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାବା ମାଧୁରୀ ପୀଠ ଦାନହୁଣ୍ଡିରୁ ଚୋରି



ବାଲିକୁଦା,୪।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତର ମାଧୁରୀ ବଜାର ନିକଟରେ ଥିବା ବାବା ମାଧୁରୀ ପୀଠରେ ଥିବା ଦାନହୁଣ୍ଡିରୁ ଚୋରି ହୋଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଇଚ୍ଛାପୁର ଗ୍ରାମର ଅଶ୍ୱିନୀ କୁମାର ସାହୁ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ରାତି ପ୍ରାୟ ୧୧ଟା ପରେ କେହି ଦୁର୍ବୃତ୍ତ ମନ୍ଦିର ପରିସରରେ ଥିବା ଦାନହୁଣ୍ଡିକୁ ଚୋରି କରି ନେଇଥିଲେ। ଚୋରି ହୋଇଥିବା ହୁଣ୍ଡୀରେ ୩୫ ହଜାର ଟଙ୍କାରୁ ଅଧିକ ଅର୍ଥ ଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଘଟଣାର ତଦନ୍ତ କରି ଚୋରଙ୍କୁ ଧରିବା ସହ ଠାକୁରଙ୍କ ଦାନ ଅର୍ଥ ଫେରାଇ ଦେବାକୁ ଗ୍ରାମବାସୀ ମାନେ ପୁଲିସ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଥାନା କାର୍ଯ୍ୟରେ କଟକରେ ଥିବାରୁ ଘଟଣା ସମ୍ପର୍କରେ ତୁରନ୍ତ ସୂଚନା ଦେଇପାରିବେ ନାହିଁ ବୋଲି କହିଥିଲେ। ଆସନ୍ତାକାଲି ଘଟଣାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ରୋଟାରୀ କ୍ଲବର ରଜତ ଜୟନ୍ତୀ ଓ ସ୍ଥାପନା ଉତ୍ସବ




ପାରାଦୀପ,୪।୮ (ସମିସ): ପାରାଦୀପ ରୋଟାରୀ କ୍ଲବର ୨୬ତମ ସ୍ଥାପନା ଦିବସ ତଥା ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରୋଟାରୀ ଅନିଲ କୁମାର ସାମଲ ମୁଖ୍ୟଅତିଥି ଏବଂ ଆଇପିଡିଜି ମନୋଜ କୁମାର ତ୍ରିପାଠୀ ଓ ପ୍ରଥମ ମହିଳା ସୁବ୍ରତା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ସଭାପତି ସୁସାନ୍ତ କୁମାର ବାଗ ନୂତନ ସଭାପତି ଅକ୍ଷୟ ଚନ୍ଦ୍ର ସୁତାରଙ୍କୁ ଏବଂ ସମ୍ପାଦକ ବିପ୍ଳବ କୁମାର ଜେନା ନୂତନ ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କ୍ଲବରେ ମୋଟ ୧୧ ଜଣ ନୂତନ ସଦସ୍ୟ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ ଓ ପୌରାଧ୍ୟକ୍ଷ ବସନ୍ତ ବିସ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବର ସମସ୍ତ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜତ ଜୟନ୍ତୀ ସ୍ମାରକୀ "ପାରାଦୀପିକା' ଲୋକାର୍ପିତ ହୋଇଥିଲା। ଡା. ସୁରେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡା. ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡା. ଦୁର୍ଗା ପ୍ରସାଦ ସେଠୀ, କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, କ୍ୟାପ୍ଟେନ୍ ସୁଶାନ୍ତ ବାଗ, ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ବିପ୍ଳବ ଜେନା, ଦୀପକ କୁମାର ସାରଙ୍ଗୀ, ହରିହର ଦାଶ, ଡା. ଅଲୋକ ଲେଙ୍କା, ପ୍ରତାପ ଚନ୍ଦ୍ର ମଥାନ, ସୁଦର୍ଶନ ସ୍ୱାଇଁ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଆରମ୍ଭ ହେଲା 'ସବୁଜ ସଂକଳ୍ପ' ଅଭିଯାନ

ବାଲିକୁଦା,୪।୮ (ସମିସ): ପ୍ରଥମା ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଅନୁଷ୍ଠାନ ଦ୍ୱାରା ଆରମ୍ଭ ହୋଇଛି "ସବୁଜ ସଂକଳ୍ପ'ଅଭିଯାନ। ଏହିଅବସରରେ ବାଲିକୁଦା ବ୍ଲକର ମା' ବନ୍ଦରେଇଙ୍କ ପୀଠରେ ଫଳ ଗଛ ରୋପଣ କରାଯାଇଛି। ଉପସ୍ଥିତ ବନ୍ଧୁମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇ ତା ସହ ବନ୍ଧୁ ବାନ୍ଧିଛନ୍ତି। ଅନ୍ତତଃ ଗୋଟିଏ ଗଛକୁ ବନ୍ଧୁ ଭଳି ଯତ୍ନ ନେବାକୁ ସବୁଜ ସଂକଳ୍ପ ନେଇଛନ୍ତି। ସଦସ୍ୟାମାନେ ଅତି ଯତ୍ନର ସହ ଅଁଳା, ଆମ୍ବ, ସପେଟା, ଲେମ୍ବୁ, ବଉଳ ଗଛ ଲଗାଇ ଚାରି ପାଖରେ ସୁରକ୍ଷା ବାଡ଼ ଦେଇଛନ୍ତି। ପ୍ରଥମା ଫାଉଣ୍ଡେସନର ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମା ଫାଉଣ୍ଡେସନର ଅଧ୍ୟକ୍ଷ ସୋମନାଥ ପରିଡା, ସମାଜସେବୀ ଗଙ୍ଗାଧର ନାୟକ, ପ୍ରଶାନ୍ତ ରାଉତରାୟ, ସୁବାସ ଚନ୍ଦ୍ର ନାୟକ, ପ୍ରାକ୍ତନ ଶିକ୍ଷାବିତ ପବିତ୍ର କୁମାର ସ୍ୱାଇଁ, ଯୁବ ସମାଜସେବୀ କିଶୋର ମହାନ୍ତି, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସାମ୍ବାଦିକ କମଳାକାନ୍ତ ବାରିକ, ସାମ୍ବାଦିକ ପ୍ରଣବ ପ୍ରଧାନ, ଶିକ୍ଷକ ତପନ କୁମାର ନାୟକ, ଶିକ୍ଷକ ସୁରେଶ କୁମାର ସ୍ୱାଇଁ, ସଂଜୀବ ବରାଳ, ସମାଜସେବୀ ଯୋଗେଶ କୁମାର ବେହେରା, ସଞ୍ଜୟ କୁମାର ବେହେରା, ବାବୁରାମ ନାୟକ ଓ କବି ରମେଶ ଚନ୍ଦ୍ର ବହିରା, ସୁଦୀପ୍ତ ପରିଡ଼ା ଉପସ୍ଥିତ ଥିଲେ।




# ଗୋ ।ରେ ଜି । ରୀୟ ସା

ଏରସମା,୪।୮ (ସମିସ): ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତର ଗୋଡ଼ା ଗ୍ରାମର ଧର୍ମପରାୟଣ ମହିଳା ତଥା ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ ବାବାଜୀ ଚରଣ ପରିଡାଙ୍କ ସହଧର୍ମିଣୀ ଆଶାରାଣୀ ପରିଡାଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ସତସଙ୍ଗ, ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ସତସଙ୍ଗ ବିହାରର ସପ୍ରରତିକ୍ ଡ. ଶରତ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ସତସଙ୍ଗ ବିହାରର ସପ୍ର ରତିକ୍ ଡ. ଅଭୟ କୁମାର ପରିଡା, ପୁରୀ ସତସଙ୍ଗ ବିହାରର ସପ୍ରର ସରୋଜ ଦାସ, ହରେକୃଷ୍ଣ ଦାସ, ନିରଞ୍ଜନ ପ୍ରଧାନ, ନିଖିଳେଶ୍ୱର ଗିରି, ନିରଞ୍ଜନ ଜେନା, ଇଂ. ବିଜୟ କୁମାର ମାଦେଳି, ସରୋଜ କୁମାର ପରିଡା, ଆଇନଜୀବୀ ଡ. ବୀର ନାରାୟଣ ପାତ୍ର, ସରୋଜ କୁମାର ପରିଡା, ମନୋରଞ୍ଜନ ପରିଡା, ନିଲୁରତ୍ନ ପରିଡା, ବୁଲବୁଲ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ସତ୍‌ସଙ୍ଗ ଉତ୍ସବରେ କଟକ, ପୁରୀ, ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା ପ୍ରଭୃତି ଅଞ୍ଚଳରୁ ଶତାଧିକ ଗୁରୁଭାଇ ମାନେ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ନିରଞ୍ଜନ ପ୍ରଧାନ ଦେଇଥିବା ବେଳେ, ଚେନ୍ନାଇ ସତସଙ୍ଗ ବିହାରର ସରୋଜ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ପ । ।ସ୍ଥ୍ୟକେ କର୍ମଚାରୀ ଅବସରକା ।ନ ସମ ର୍ଦ୍ଧନା



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ଜିଲ୍ଲା ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅରୁଣ କୁମାର ରଥ (ଟୁନା ଭାଇନା)ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର ସହଯୋଗୀ ଅଧ୍ୟାପକ ଡା. ମଦନ ମୋହନ ମାଝୀ, ବିଭାଗୀୟ ପ୍ରଫେସର ଡା. ମହୁଆ ବିଶ୍ୱାସ ଅତିଥି ଭାବେ ଯୋଗଦେଇ ଶ୍ରୀରଥ ତାଙ୍କ କାର୍ଯ୍ୟାକାଳ ମଧ୍ୟରେ ଜଣେ ନିଷ୍ଠାପର, ସମୟାନୁବର୍ତ୍ତୀ, ମେଳାପୀ, ତଥା ମିଷ୍ଟଭାଷୀ ବ୍ୟକ୍ତି ଥିଲେ ବୋଲି କହିଥିଲେ।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସହାୟକ ଶିବଦତ୍ତ ଖଣ୍ଡୁଆଳ, କଇମ୍ ଉଦ୍ଦିନ, ଭେନସ୍ ନାୟକ, ଅଶ୍ୱିନୀ ରଥ, ସୁଶ୍ରୀ ସଂଗୀତା ଓଝା, ସୁଜାତା ବସ୍ତିଆ, ପରମାନନ୍ଦ ସାହୁ, କ୍ଷୀରୋଦ ସ୍ୱାଇଁ, ଜ୍ଞାନରଞ୍ଜନ ଜେନା, ପ୍ରକାଶ ମହାନ୍ତି, ସ୍ୱାଧୀନ ବେହେରା, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କଇଁଛ ସଂରକ୍ଷଣରେ ଟେଡ୍‌ର ଗୁରୁତ୍ୱ ଦେବା ଉପରେ ସଚେତନତା

ପାରାଦୀପ,୪।୮ (ସମିସ)

ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଇସିଏଆର-ସିଆଇଏଫଟି, ଏମ୍‌ପିଇଡିଏ-ନେଟଫିଶ ଦ୍ୱାରା ମିଳିତ ଭାବରେ ପାରାଦୀପ ମାଛଧରା ବନ୍ଦରରେ ଏକ କଇଁଛ ବାହକ ଉପକରଣ (ଟେଡ୍) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ (ସାମୁଦ୍ରିକ) ଉପନିର୍ଦ୍ଦେଶକ, ମତ୍ସ୍ୟଜୀବୀ ବିଭାଗର ଅଧିକାରୀ, ଆଇସିଏଆର-ସିଆଇଏଫଟିର ବୈଜ୍ଞାନିକ ଏବଂ ବୈଷୟିକ ବିଶେଷଜ୍ଞ, ଏମପିଇଡିଏ-ନେଟଫିଶର ପ୍ରତିନିଧି, ଟ୍ରଲର ମାଲିକ, ମତ୍ସ୍ୟଜୀବୀ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀ କ୍ଷେତ୍ରର ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ, ବିଶେଷଜ୍ଞମାନେ ବାଣିଜ୍ୟିକ ମାଛ ଏବଂ ଚିଙ୍ଗୁଡ଼ିର ପ୍ରଭାବଶାଳୀ ଧରାପଡ଼ିବା ସହିତ ସାମୁଦ୍ରିକ କଇଁଛଙ୍କ ଦୁର୍ଘଟଣାଜନିତ ଧରାପଡ଼ିବା ହ୍ରାସ କରିବାରେ କଇଁଛ ବାହକ ଉପକରଣର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଟ୍ରଲର ମାଛଧରା କାର୍ଯ୍ୟରେ ଟେଡ୍ ଗ୍ରହଣ କରିବାର ପରିବେଶଗତ, ଆର୍ଥିକ ଏବଂ ଆଇନଗତ ଲାଭ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସେମାନେ ସାମୁଦ୍ରିକ ଜୈବ ବିବିଧତା ସଂରକ୍ଷଣ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ମାଛଧରା ଅଭ୍ୟାସର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଟେଡ୍ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ମତ୍ସ୍ୟଜୀବୀ ଏବଂ ଟ୍ରଲର ମାଲିକମାନଙ୍କ ପ୍ରଶ୍ନର ସମାଧାନ ପାଇଁ ଏକ ପାରସ୍ପରିକ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ବିଶେଷଜ୍ଞଙ୍କ ସହ ସକ୍ରିୟ ଭାବରେ ଆଲୋଚନା କରିଥିଲେ ଏବଂ ସ୍ଥାୟୀ ମାଛ ଧରିବା ପଦକ୍ଷେପକୁ ସମର୍ଥନ କରିବାକୁ ସେମାନଙ୍କର ଇଚ୍ଛା ପ୍ରକାଶ କରିଥିଲେ। ମ ତ୍ସ୍ୟଜ ୀ ବ ୀ ମ । ନ ଙ୍କୁ ସ୍ୱେଚ୍ଛାକୃତ ଭାବରେ ଟେଡ ଗ୍ରହଣ କରିବାକୁ ଏବଂ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ମାଛ ଧରିବା ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ମତ୍ସ୍ୟ ବିଭାଗ ସହିତ ସହଯୋଗ କରିବାକୁ ଉପସ୍ଥିତ ଅଧିକାରୀ ମାନେ ଉତ୍ସାହିତ କରିଥିଲେ। ମତ୍ସ୍ୟ ବିଭାଗ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସ୍ଥାୟୀ ମାଛ ଧରିବା, ବିଲୁପ୍ତପ୍ରାୟ ସାମୁଦ୍ରିକ କଇଁଛକୁ ସୁରକ୍ଷା ଦେବା ଏବଂ ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ମାଛ ଧରିବା ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା।



ସକାଳ
THE SAKALA

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

## 'ଜୟ ଜଗନ୍ନାଥ' କହିବା ଛାଡ଼ିଦିଅନ୍ତୁ!

ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ହେବାର ପୁଣି ଏକ ଆଶା ସଞ୍ଚାର ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଶେଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କୁ ଗତ ୧ ତାରିଖରେ ଚିଠି ଲେଖିଛନ୍ତି। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଏହି ମର୍ମରେ ଯେଉଁ ଆବେଦନ କରିଛନ୍ତି ତାହାର ବିଚାର ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ବିଷୟରେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ଏହା ସର୍ବାଦୌ ସ୍ୱାଗତଯୋଗ୍ୟ।

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଭାରତ ସରକାର ବିଭିନ୍ନ ରାଜ୍ୟର ସର୍ବାଦୃତ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ବା ତାଲିକାଭୁକ୍ତ କରିବା ପାଇଁ ସୁପାରିସ କରିବାର ବିଧିବ୍ୟବସ୍ଥା ରହିଛି। ରାଜ୍ୟମାନଙ୍କର ସୁପାରିସକ୍ରମେ ୟୁନେସ୍କୋକୁ ଏହି ତାଲିକା ପଠାଇବାର ଦାୟିତ୍ୱ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର। ଏହାପରେ ୟୁନେସ୍କୋ ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ମହତ୍ତ୍ୱ ଉପଲବ୍ଧି କରିବା ପରେ ଉକ୍ତ ଐତିହ୍ୟକୁ ମାନ୍ୟତା ଦେଇଥା'ନ୍ତି। ହୁଏତ ଦଳୀୟ ରାଜନୀତି ଦୃଷ୍ଟିରୁ ହେଉ କିମ୍ବା ଆଞ୍ଚଳିକ ଅସୂୟା ଯୋଗୁଁ ଅନେକ ସମୟରେ ରାଜ୍ୟ ସରକାରମାନଙ୍କର ସୁପାରିସ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ କାଟ୍ ଖାଇଯାଏ। ଏହାର ଉଦାହରଣ ମଧ୍ୟ ବହୁଳ। ଶ୍ରୀଜଗନ୍ନାଥଙ୍କୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାର ଏ ଦିଗରେ ସୁପାରିସକୁ ଅଗ୍ରାଧିକାର ଦେଇଥିଲେ ଭଲ ହୋଇଥା'ନ୍ତା। ଗତବର୍ଷ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ୍ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଥିଲେ। କିନ୍ତୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କଥା ସରକାର ଭୁଲିଗଲେ।

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଞ୍ଚଳିକ ପରମ୍ପରା ଓ ରୀତିନୀତିରେ ସୀମିତ ନୁହେଁ। ଏହା ସାମ୍ୟତା, ସର୍ବଧର୍ମ-ସମ୍ପ୍ରଦାୟ ସମନ୍ୱୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସର ଅପୂର୍ବ ସମନ୍ୱୟରେ ଋଦ୍ଧିମନ୍ତ। ବିଶ୍ୱର ଅନେକ ରାଷ୍ଟ୍ରରେ ରଥଯାତ୍ରା ପାଳିତ ହୋଇଆସୁଛି। ଅନ୍ୟ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ସନାତନ ଧର୍ମ ସ୍ୱତଃ ଗ୍ରହଣ କରୁଛନ୍ତି। ରଥଯାତ୍ରାର ସାଙ୍ଗୀତିକତା, ଚିତ୍ରକଳା, ନୃତ୍ୟ ତତ୍ତ୍ୱ ମୌଳିକ ଓ ଶାସ୍ତ୍ରସମ୍ମତ। ବିଶ୍ୱ ପର୍ଯ୍ୟଟନରେ ମଧ୍ୟ ପୁରୀ ରଥଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନଦଣ୍ଡର ଏପରି କୌଣସି ବିଭାଗ ନାହିଁ, ଯାହା ରଥଯାତ୍ରାରେ ସନ୍ନିହିତ ହୋଇନାହିଁ। ତଥାପି କାହିଁକି ଯେ ରଥଯାତ୍ରା ଏହି ତାଲିକାରୁ ଏତେଦିନ ଧରି ବଞ୍ଚିତ ହୋଇରହିଛି ତାହାର ଉତ୍ତର କିଏ ଦେବା ଉଚିତ ତାହା ଆଉ ଅଧିକ ବୁଝାଇ କହିବା ଆବଶ୍ୟକ ନାହିଁ।

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ଦୀର୍ଘବର୍ଷ ଧରି ଅଧିଷ୍ଠିତ। ପିଏମ୍‌ଓର ମୁଖ୍ୟ ସଚିବ ମଧ୍ୟ ଓଡ଼ିଆ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଅବହେଳା କଲେ ଇତିହାସ ଆମକୁ କ୍ଷମା ଦେବ ନାହିଁ; ବିଶେଷକରି ସେମାନଙ୍କୁ, ଯେଉଁମାନେ ସାମର୍ଥ୍ୟ, କ୍ଷମତା, ଅଧିକାର ଥିବା ସତ୍ତ୍ୱେ ଜଗନ୍ନାଥଙ୍କ କାମକୁ ହତାଦର କରିଛନ୍ତି।

ଯେକୌଣସି କେନ୍ଦ୍ରୀୟ ନେତୃମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଲେ 'ଜୟଜଗନ୍ନାଥ' ଶବ୍ଦରୁ ଭାଷଣ ଆରମ୍ଭ କରନ୍ତି। ଏପରିକି ଶ୍ରୀଜଗନ୍ନାଥଙ୍କୁ ନାବ କରି ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି। କିନ୍ତୁ ଜଗନ୍ନାଥଙ୍କ କାମ ବେଳେ, ସେ ପରିକ୍ରମା ପ୍ରକଳ୍ପ ହେଉ କି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ହେଉ, ହୁଏତ ବିରୋଧ କିମ୍ବା ହତାଦର କରୁଛନ୍ତି। ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ରଥଯାତ୍ରା ଏହି ତାଲିକାରେ ସାମିଲ୍ ହେବାର ସମ୍ଭାବନା ନାହିଁ। ବିଡ଼ମ୍ବନା ହେଉଛି ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିବାର ବହୁ ପରେ 'ଛଟ ପୂଜା' ପାଇଁ ଆବେଦନ ହେଲା; ଅଥଚ ଏହା ୨୦୨୬-୨୭ ପାଇଁ 'ଛଟ୍ ପୂଜା' ଯୋଗ୍ୟ ବିବେଚିତ ହୋଇଗଲା। ଏହା ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ମଧ୍ୟ ଉଠିବା ଜରୁରୀ। ସଂସଦର ମୌସୁମୀ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ସରକାର ଚାହିଁଲେ ରଥଯାତ୍ରା ମଧ୍ୟ ଛଟ୍ ପୂଜା ସହିତ ୨୦୨୬-୨୭ ପାଇଁ ଯୁଗ୍ମ ତାଲିକାରେ ସ୍ଥାନିତ ହୋଇପାରିବ। କେବଳ ଆନ୍ତରିକତା ଆବଶ୍ୟକ।

ଶେଷ କଥାଟି ହେଉଛି, ବିଳମ୍ବ ହେଉ ପଛେ ଯେଉଁ ପଦକ୍ଷେପଟି ଆରମ୍ଭ ହୋଇଛି ତାହା କେବଳ ଲୋକଦେଖାଣିଆ ହୋଇ ରହି ନ ଯାଉ। ଆନ୍ତରିକତା ରହିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ସବୁ କାମ ଜଗନ୍ନାଥଙ୍କ ଉପରେ ଛାଡ଼ି ଦେଇ ବସିଗଲେ ଚଳିବ ନାହିଁ। ଅନିଚ୍ଛା ସତ୍ତ୍ୱେ କ୍ଷମାପ୍ରାର୍ଥନା ସହିତ ଏହି କଠୋର ବାକ୍ୟ କହିବାକୁ ପଡ଼ୁଛି ଯେ - ଯେଉଁମାନେ ସମ୍ଭାଷଣରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରୁଛନ୍ତି; ଅଥଚ ଜଗନ୍ନାଥଙ୍କ କାମ କରୁନାହାନ୍ତି ସେମାନେ ବରଂ ସେହି ଛଳନା ବିଜଡ଼ିତ ଲୋକଦେଖାଣିଆ ଅଭ୍ୟାସଟି ଛାଡ଼ି ଦିଅନ୍ତୁ। କାରଣ ଜଗନ୍ନାଥ ସବୁ ସହିପାରନ୍ତି, କପଟାଚରଣ ନୁହେଁ।

## ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ

ଡ. ବିମଳ ଷଡ଼ଙ୍ଗୀ

ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ତାହାର ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା, ସ୍ୱାଧୀନ ଗଣମାଧ୍ୟମ ଓ ଉତ୍ତରଦାୟୀ ସରକାର। କୌଣସି ଦେଶର ଉନ୍ନତି କେବଳ ଜଣେ ନେତାଙ୍କ ଲୋକପ୍ରିୟତା ବା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରେନାହିଁ, ବରଂ ଅନ୍ୟାନ୍ୟ ସ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ସ୍ଥାୟୀତ୍ୱ ଉପରେ ନିର୍ଭର କରିଥାଏ। ଭାରତର ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଅନୁସାରେ 'ସମ୍ବିଧାନ କେତେ ଭଲ ହେଉନା କାହିଁକି, ଯଦି ତାହାକୁ ପରିଚାଳନା କରୁଥିବା ଲୋକମାନେ ଭଲ ହୋଇ ନ ଥିବେ, ତେବେ ସେହି ସମ୍ବିଧାନ କେବେ ବି ଉତ୍ତମ ଭଲ ଫଳ ଦେଇପାରିବ ନାହିଁ।' ସେହିପରି ଆବ୍ରାହାମ ଲିଙ୍କନଙ୍କ ପ୍ରସିଦ୍ଧ ଉକ୍ତି 'ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ସରକାର' ହିଁ ଗଣତନ୍ତ୍ରର ପ୍ରକୃତ ପରିଚୟ। ଇତିହାସ କହେ, ମହାନ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ କୌଣସି ବ୍ୟକ୍ତିଙ୍କ ଦ୍ୱାରା ନୁହେଁ, ବରଂ ଶକ୍ତିଶାଳୀ ପ୍ରତିଷ୍ଠାନ, ସକ୍ରିୟ ଓ ସଚେତନ ନାଗରିକ ଏବଂ ସମ୍ବିଧାନିକ ମୂଲ୍ୟବୋଧ ଦ୍ୱାରା ତିଷ୍ଠି ରହିଥାଏ। ଭାରତର ଆଗାମୀ ବର୍ଷର ଯାତ୍ରା ମଧ୍ୟ ଏହି ମୂଲ୍ୟବୋଧକୁ କେତେ ସୁଦୃଢ଼ କରିପାରୁଛି ତାହା ମୁଖ୍ୟ ଆଲୋଚ୍ୟର ବିଷୟ।

ଭାରତ ସ୍ୱାଧୀନତାର ପରବର୍ତ୍ତୀ ଇତିହାସ ଦେଖିଲେ ଜଣାପଡ଼େ ଯେ, ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଚାପ କୌଣସି ଗୋଟିଏ ଦଳ କିମ୍ବା ଗୋଟିଏ ଯୁଗର ସମସ୍ୟା ନୁହେଁ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ନିଜ ନିଜର ରାଜନୈତିକ ଫାଇଦା ଅନୁସାରେ ସମ୍ବିଧାନ, ଆଇନ ଓ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଚେଷ୍ଟା କରିଛନ୍ତି ଏବଂ ଏବେ ବି ଚେଷ୍ଟା ଚାଲିଛି। ଏହି ସତ୍ୟକୁ ସ୍ୱୀକାର କରିବା ହିଁ ଗଣତାନ୍ତ୍ରିକ ପରିପକ୍ୱତାର ପ୍ରଥମ ପଦକ୍ଷେପ। ଭାରତୀୟ ସମ୍ବିଧାନ ନାଗରିକଙ୍କୁ କେବଳ ଭୋଟ ଦେବାର ଅଧିକାର ଦେଇନାହିଁ; ଏହା ମତପ୍ରକାଶ, ସମାଲୋଚନା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ମଧ୍ୟ ଦେଇଛି।

ନିକଟରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ସ୍ମରଣ କରାଇଥିଲେ ଯେ, ପ୍ରତିବାଦ କରିବା ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଦୁଃଖର ବିଷୟ, ଦେଶରେ ଯେତେବେଳେ କୌଣସି ପ୍ରତିବାଦ ହୁଏ, ସରକାରର ସମର୍ଥକ ନେତା, ପ୍ରବକ୍ତାମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରତିବାଦକାରୀଙ୍କୁ ବଦନାମ କରିବାରେ ଲାଗିପଡ଼ନ୍ତି। କୃଷକମାନେ କୃଷି ଆଇନ ବିରୋଧରେ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିବା ବେଳେ ସେମାନଙ୍କୁ ଦେଶଦ୍ରୋହୀ, ଖାଲିସ୍ତାନୀ ଓ ରାଷ୍ଟ୍ରବିରୋଧୀ ବୋଲି କୁହାଯାଇଥିଲା। ବାସ୍ତବରେ ଶାସନ କ୍ଷମତାରେ ରହିଥିବା ବ୍ୟକ୍ତିମାନେ ସେମାନଙ୍କୁ ଆଲୋଚନା ପାଇଁ ଡାକି ସେମାନଙ୍କ କଥା ଶୁଣିବାର ଆବଶ୍ୟକତା ଥିଲା। ତାହା କାହିଁକି ହେଲା ନାହିଁ, ଆଜି ମଧ୍ୟ ଅସ୍ପଷ୍ଟ।

ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି କକ୍ରୋଚ ଜନତା ପାର୍ଟିର ନେତା ଓ ସମର୍ଥକମାନେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅତୀତରେ ମହାନ ରାଷ୍ଟ୍ର ନେତା ଲାଲ ବାହାଦୁର ଶାସ୍ତ୍ରୀ ଗୋଟିଏ ରେଳ ଦୁର୍ଘଟଣାରେ ନିଜକୁ ଦାୟୀ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ, ଯାହାକୁ କୁହାଯାଏ ସମ୍ବେଦନଶୀଳ ଉତ୍ତରଦାୟୀ। ମାତ୍ର ଆଜି ସେପରି ସମ୍ବେଦନଶୀଳତାର ଅଭାବ ପରିଲକ୍ଷିତ। ଯେ କୌଣସି ଘଟଣା ବା ଦୁର୍ଘଟଣା ପାଇଁ ଶାସନତନ୍ତ୍ର ନିଜକୁ ଦାୟୀ କରିବାକୁ କୁଣ୍ଠିତ। ସୋନମ ୱାଙ୍ଗଚୁକଙ୍କ ଅନଶନ ଭଳି ପଦକ୍ଷେପ ଆଜିର ପରିସ୍ଥିତିରେ ବିଶେଷ ପ୍ରଭାବଶାଳୀ ନୁହେଁ ବୋଲି ହୃଦବୋଧ ହୁଏ। ଆଜିର ଯୁବପିଢ଼ି ଦେଶର ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥା ଏବଂ ଶିକ୍ଷା ପାଇବା ପରେ ମଧ୍ୟ ଚାକିରିର ଭୟଙ୍କର ଅଭାବ ପ୍ରତି କ୍ଷୁବ୍ଧ ହେବାର ପୂର୍ଣ୍ଣ ଅଧିକାର ରଖିପାରିବେ। ତା' ବ୍ୟତୀତ ଦୁର୍ନୀତି, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ, ବିଜୁଳି, ପାନୀୟଜଳ, ପୋଷଣଯୁକ୍ତ ଖାଦ୍ୟ, ଭିତ୍ତିଭୂମି ନିର୍ମାଣ ଓ ଅତିରିକ୍ତ ଘରୋଇକରଣ ବ୍ୟବସ୍ଥାର ପ୍ରୟୋଗ ଆଦି ଅନେକ ଅବ୍ୟବସ୍ଥିତ କାର୍ଯ୍ୟ ପାଇଁ ନିଜର ଅଭିବ୍ୟକ୍ତି ରଖିପାରିବାର ଅଧିକାର ରହିଛି। କାରଣ ସେମାନେ ହିଁ ଦେଶର ଭବିଷ୍ୟତ।

ଆମ ଗଣତନ୍ତ୍ରକୁ ଆଉ ଗୋଟିଏ ବଡ଼ ବିପଦ ହେଉଛି ବ୍ୟକ୍ତିପୂଜାର ସଂସ୍କୃତି। ଅନେକ ରାଜନେତା ନିଜର ଛବିକୁ ବିଦ୍ୟୁତ୍ ଖୁଣ୍ଟ, ପେଟ୍ରୋଲ ପମ୍ପ, ସରକାରୀ ବିଜ୍ଞାପନ, ସମ୍ବାଦପତ୍ର ଓ ଟେଲିଭିଜନ ଆଦି ସ୍ଥାନରେ ପ୍ରଚାର କରିବାକୁ ଆଗ୍ରହୀ, ଯାହା ଗଣତନ୍ତ୍ର ପାଇଁ କେବେ ବି ସ୍ୱାସ୍ଥ୍ୟକର ନୁହେଁ। ଏପରି ଆତ୍ମପ୍ରଚାର ଆଉ ଗୋଟିଏ କଥା ପ୍ରମାଣ କରେ ଯେ ବିକାଶ ଓ ଆଧୁନିକତାର ଦାବି ସତ୍ତ୍ୱେ ଆମେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମାଜରେ ବାସ କରୁଛୁ, ଯେଉଁଠାରେ ନିର୍ବାଚିତ ନେତାମାନେ ରାଜାଙ୍କ ଭଳି ବ୍ୟବହାର କରିବାକୁ ଆଗଭର।

ସେହିପରି ଗଣତନ୍ତ୍ରରେ ସଂଳାପର କୌଣସି ବିକଳ୍ପ ନାହିଁ। ଯଦି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଆସୁଛନ୍ତି, ତେବେ ତାହାକୁ କେବଳ ଆଇନ-ଶୃଙ୍ଖଳାର ସମସ୍ୟା ଭାବେ ନଦେଖି, ଜନଅସନ୍ତୋଷର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଶାସନର ଶକ୍ତି ନିରବତାରେ ନୁହେଁ, ଶୁଣିବାର କ୍ଷମତାରେ ପ୍ରକାଶ ପାଏ। ଭାରତର ଶିକ୍ଷା ବ୍ୟବସ୍ଥା ଆଜି ଅନେକ ପ୍ରଶ୍ନର ସମ୍ମୁଖୀନ। ପରୀକ୍ଷା ପରିଚାଳନାରେ ତ୍ରୁଟି, ନିଯୁକ୍ତିରେ ବିଳମ୍ବ, ଗବେଷଣାର ଦୁର୍ବଳତା, ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଉପରେ ବିତର୍କ, ଘରୋଇ ଶିକ୍ଷାୟତନଗୁଡ଼ିକର ପରିଚାଳନାଗତ ଓ ଭିତ୍ତିଭୂମିର ଅନିୟମିତତା ତଥା ଅତ୍ୟଧିକ ପଢ଼ା ଖର୍ଚ୍ଚ ଏବଂ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ଯୁବପିଢ଼ିକୁ ନିରାଶ କରୁଛି। ତେଣୁ ସେମାନଙ୍କ କ୍ରୋଧକୁ କେବଳ ରାଜନୈତିକ ପ୍ରାୟୋଜିତ ବୋଲି ଅବହେଳା କରିବା ସମାଧାନ ନୁହେଁ। ସେମାନଙ୍କ ଆଶଙ୍କାର ଯଥାର୍ଥ ସମାଧାନ ହିଁ ସରକାରର ପ୍ରକୃତ ଦାୟିତ୍ୱ।

ଆମେରିକାର ସାମ୍ପ୍ରତିକ ରାଜନୀତି ମଧ୍ୟ ଦେଖାଇଛି ଯେ ଲୋକପ୍ରିୟ ନେତୃତ୍ୱ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ମଧ୍ୟରେ କେବେ କେବେ ତୀବ୍ର ସଂଘର୍ଷ ହୋଇପାରେ। କିନ୍ତୁ ଶେଷ ପର୍ଯ୍ୟନ୍ତ ଯଦି ସମ୍ବିଧାନ, ନ୍ୟାୟପାଳିକା, ନିର୍ବାଚନ ବ୍ୟବସ୍ଥା ଓ ସ୍ୱାଧୀନ ଗଣମାଧ୍ୟମ ସଠିକ ଭାବରେ ନିଜ ଭୂମିକା ପାଳନ କରନ୍ତି, ତେବେ ଗଣତନ୍ତ୍ର ସୁରକ୍ଷିତ ହୋଇପାରେ। ଭାରତ ପାଇଁ ମଧ୍ୟ ଏହି ଶିକ୍ଷା ସମାନ ଭାବେ ପ୍ରଯୁଜ୍ୟ। ଗଣତନ୍ତ୍ରର ଭବିଷ୍ୟତ କୌଣସି ଜଣେ ନେତା, ଗୋଟିଏ ଦଳ କିମ୍ବା ଗୋଟିଏ ନିର୍ବାଚନ ଉପରେ ନିର୍ଭର କରେନାହିଁ। ଏହା ନିର୍ଭର କରେ ଆମର ଅନୁଷ୍ଠାନ କେତେ ସ୍ୱାଧୀନ, ଆମର ନାଗରିକ କେତେ ସଚେତନ ଏବଂ ଆମର ଶାସକମାନେ ସମାଲୋଚନାକୁ କେତେ ସହଜତାର ସହ ଗ୍ରହଣ କରିପାରୁଛନ୍ତି।

ଗଣତନ୍ତ୍ରର ସବୁଠାରୁ ବଡ଼ ଶତ୍ରୁ ବିରୋଧୀ ଦଳ ନୁହେଁ; ବରଂ ଅସହିଷ୍ଣୁତା, ଭ୍ରାନ୍ତ ସୂଚନା, ବ୍ୟକ୍ତିପୂଜା, ପ୍ରତିଷ୍ଠାନ ପ୍ରତି ଅବିଶ୍ୱାସ ଏବଂ ନାଗରିକଙ୍କ ସମସ୍ୟା ପ୍ରତି ଉଦାସୀନତା। ଆଜି ଭାରତରେ କିଛି ଚିନ୍ତାଜନକ ପ୍ରବୃତ୍ତି ଦେଖାଯାଉଛି। ରାଜନୀତିର ଅତ୍ୟଧିକ ବ୍ୟକ୍ତିକୈନ୍ଦ୍ରିକ, ସଂସଦରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଆଲୋଚନା ହ୍ରାସ, ସାମାଜିକ ଗଣମାଧ୍ୟମରେ ଅନେକ ଭ୍ରାନ୍ତ ସୂଚନା ଓ ଆପତ୍ତିଜନକ କଥୋପକଥନ, ରାଜନୈତିକ ଭାଷାରେ ଶାଳୀନତାର ଅବକ୍ଷୟ, ସରକାର ଓ ବିରୋଧୀଙ୍କ ମଧ୍ୟରେ ସଂଳାପର ଅଭାବ ଆଦି ନିନ୍ଦନୀୟ। ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ନିର୍ବାଚନ ସମୟରେ ହୁଏନାହିଁ; ବରଂ ସେତେବେଳେ ହୁଏ, ଯେତେବେଳେ ଶାସନ କ୍ଷମତାରେ ରହିଥିବା ସରକାର ସମାଲୋଚନାର ସମ୍ମୁଖୀନ ହୁଏ। ଯେଉଁ ରାଷ୍ଟ୍ର ପ୍ରତିବାଦକୁ ଶୁଣିବା ଶିଖାକରେ, ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ଦିଏ ଏବଂ ସମ୍ବିଧାନକୁ ସର୍ବୋଚ୍ଚ ସ୍ଥାନରେ ରଖେ, ସେହି ରାଷ୍ଟ୍ରର ଗଣତନ୍ତ୍ର ଦୀର୍ଘଜୀବୀ ହୁଏ। ବ୍ୟକ୍ତିର ଲୋକପ୍ରିୟତା କ୍ଷଣସ୍ଥାୟୀ, କିନ୍ତୁ ଶକ୍ତିଶାଳୀ ଅନୁଷ୍ଠାନ ହିଁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥାୟୀ ସମ୍ପଦ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ପରିବା ଚାଷୀଙ୍କ ଦୁଃଖ

ଅମର ପଟ୍ଟନାୟକ

ଏବେ ପରିବା ବଜାରରେ ନିଆଁ। ସପ୍ତାହକରେ ବିଭିନ୍ନ ପରିବା ଦର ପ୍ରାୟ ଦୁଇଗୁଣା ବଢ଼ିଛି। ବାଇଗଣ, ଜହ୍ନି, ଝୁଡ଼ଙ୍ଗ, କଲରା ଭଳି ପରିବା ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ତେବେ 'ଗଛରେ ବେଲ ପାଚିଲେ କାଉର କି ଯାଏ' ନ୍ୟାୟରେ ଏହି ଦରବୃଦ୍ଧିର ଲାଭ ଆମ ରାଜ୍ୟର ଚାଷୀ ପାଇପାରୁନାହାନ୍ତି। ଅସ୍ୱାଭାବିକ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର ଉତ୍ତର ଓ ଉପକୂଳ ନଦୀମାନଙ୍କରେ ବନ୍ୟା ଆସିବା ସହିତ ଅନେକ ସ୍ଥାନ ଜଳବନ୍ଦୀରେ ରହିଛି। ତେଣୁ ପରିବା ଚାଷ ଗୁରୁତର ପ୍ରଭାବିତ ହୋଇଛି। କିନ୍ତୁ ଏହା କେବଳ ସାମୟିକ ବା ସାମ୍ପ୍ରତିକ ସମସ୍ୟା ନୁହେଁ। ଓଡ଼ିଶାର ଚାଷୀ ପ୍ରାୟତଃ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଅମଳ ସମୟରେ ପରିବା ଦର କମ୍ ରହୁଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଟିରୋଟ ସମୟରେ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମଦାନୀ କରୁଥିବା ବେଳେ ଆମ ଚାଷୀଙ୍କ ଜମିରେ ପରିବା ରହୁନାହିଁ। ଏହି ସ୍ଥିତିରେ ଆନ୍ଧ୍ର, ମହାରାଷ୍ଟ୍ର, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ରାଜ୍ୟର ବ୍ୟବସାୟୀ ଲାଭବାନ ହେଉଛନ୍ତି।

ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା ପୋର୍ଟାଲ'ର ତଥ୍ୟ ଅନୁଯାୟୀ ରାଜ୍ୟରେ ୭୮ ଲକ୍ଷ ୭୮ ହଜାର ପଞ୍ଜିକୃତ ଚାଷୀ ରହିଛନ୍ତି। କିନ୍ତୁ ଅଣପଞ୍ଜିକୃତ ଚାଷୀଙ୍କ ହିସାବ ଏଥିରେ ନାହିଁ। ବେସରକାରୀ ଭାବେ ଏହି ସଂଖ୍ୟା କୋଟିଏରୁ ଅଧିକ। ମୋଟ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନେ ସରକାରୀ ସୁବିଧାରୁ ବଞ୍ଚିତ। ସେ ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ସଂଖ୍ୟା ଆନୁମାନିକ ୬୦-୭୦ ଲକ୍ଷ ଏବଂ ରାଜ୍ୟରେ ପରିବା ଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୭ ଲକ୍ଷ ୯ ହଜାର ହେକ୍ଟର। ବିଡ଼ମ୍ବନା ହେଉଛି ଯେତେବେଳେ ବିଲାତି ବାଇଗଣ ଭଳି ପରିବା ଦର ବଢ଼େ ସେତେବେଳେ ବେଙ୍ଗାଲୁରୁ କିମ୍ବା ନାସିକ ଭଳି ଅଞ୍ଚଳର ଫାର୍ମ ଉତ୍ପାଦନ ଅଧିକ ଦାମରେ ଆମ ବଜାରରେ ମିଳେ। କିନ୍ତୁ ଆମ ଚାଷୀ ବିଲାତି ବାଇଗଣ ଉତ୍ପାଦନ କଲା ବେଳେ ଅଭାବୀ ବିକ୍ରିର ସାମ୍ନା କରନ୍ତି କିମ୍ବା କ୍ଷୋଭରେ ନିଜ ଫସଲ ଉପରେ ଟ୍ରାକ୍ଟର ଚଳାଇ ଦିଅନ୍ତି। ସେତେବେଳେ ସଂପୃକ୍ତ ଚାଷୀଙ୍କୁ ସେମାନଙ୍କ ତୋଳା ମଜୁରୀ ମଧ୍ୟ ମିଳିପାରେ ନାହିଁ।

ଆଜିର ବଜାର ଦର ଆମ ରାଜ୍ୟର ପରିବା ଚାଷୀଙ୍କୁ ଲାଭ ଦେବା ପରିବର୍ତ୍ତେ ଚିନ୍ତାରେ ପକାଇଛି। ବିଲରେ ଫସଲ ନାହିଁ, ଏଣେ ଚଢ଼ା ଦରରେ ପରିବା କିଣିବାକୁ ପକେଟରେ ପଇସା ନାହିଁ। ଏହି ପରିସ୍ଥିତିରେ ପ୍ରଚୁର ଲାଭବାନ ହେଉଛନ୍ତି ବ୍ୟବସାୟୀ ବା ମଧ୍ୟସ୍ଥି ଗୋଷ୍ଠୀ। ଆମଦାନୀ ପରିବା ହେଉ କିମ୍ବା ଘରୋଇ, ସେଥିରେ ସେମାନଙ୍କ ବିଶେଷ କିଛି ଫରକ ନାହିଁ। ପରିବହନ ଖର୍ଚ୍ଚ ଯିବା ପରେ ଯାହା ପାଇକାରୀ ଦର ସ୍ଥିର ହୁଏ ସେ ଅନୁଯାୟୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଏ। ଖୁଚୁରା ପାଇକାରୀ ବ୍ୟବସାୟୀ ସାଧାରଣ ଗ୍ରାହକଙ୍କୁ ନିଜର ଲାଭ ରଖି ବିକ୍ରି କରିଥା'ନ୍ତି। ଏହି ବ୍ୟବସ୍ଥାରେ ନା ଚାଷୀ ଲାଭ ପାଏ ନା ଖାଉଟି କିଛି ସୁବିଧା ପାଏ। ମାତ୍ର ୧୫ ଦିନ ତଳେ ପୋଟଳ ଖାଉଟିଙ୍କ ପାଖରେ ୪୦ ଟଙ୍କାରୁ କମ୍ ଦାମ୍‌ରେ ମିଳୁଥିବା ବେଳେ ବର୍ତ୍ତମାନ ସ୍ଥାନବିଶେଷରେ ୬୦ ଟଙ୍କାରୁ ୮୦ ଟଙ୍କା ବିକ୍ରି ହେଉଛି। ପୋଟଳ ପାଇଁ ଏବେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଉପରେ ନିର୍ଭର କରିବାକୁ ପଡ଼ୁଛି, ଯାହାକୁ ଲୋକେ ଚାଲାଣ ପୋଟଳ କହୁଛନ୍ତି। ଓଡ଼ିଶା ଖାଉଟି ଏହା ଖାଇବାକୁ ବାଧ୍ୟ।

ଆମ ରାଜ୍ୟରେ ପରିବା ଚାଷ କ୍ଷେତ୍ରରେ ଜଳସେଚନ ପ୍ରମୁଖ ସମସ୍ୟା। ଅଣଜଳସେଚିତ ଅଞ୍ଚଳରେ ଲୋକେ ପମ୍ପ ଲଗାଇ ନିକଟସ୍ଥ ଜଳ ଉତ୍ସରୁ କ୍ଷେତକୁ ପାଣି ମଡ଼ାଇଥା'ନ୍ତି। ଓଡ଼ିଶାରେ ଏଭଳି ଅଞ୍ଚଳ ମଧ୍ୟ ରହିଛି ଯେଉଁଠାରେ ଚାଷୀ ଟେଣ୍ଡା ଏପରିକି ପାଣି ଗରା କିମ୍ବା ବାଲ୍ଟିରେ ବୋହି ଜମିରେ ପାଣି ମଡ଼ାଇବାକୁ ବାଧ୍ୟ ହୁଅନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ଝରଣା ପାଣି ପରିବା ଚାଷ ପାଇଁ ଜଳସେଚନର ମୁଖ୍ୟ ମାଧ୍ୟମ। ଉପକୂଳ ଜିଲ୍ଲାମାନଙ୍କରେ ବର୍ଷା ଯୋଗୁଁ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହେଲେ ବରଗଡ଼, ବଲାଙ୍ଗୀର ଓ କୋରାପୁଟ ଭଳି ଜିଲ୍ଲାରୁ ପରିବା ଆସିଥାଏ। ରାଜଧାନୀ ଭୁବନେଶ୍ୱର ଓ କଟକର ବର୍ଷାଦିନିଆ ପରିବା ବଜାର ମୁଖ୍ୟତଃ ଆଠଗଡ଼ ଉପରେ ନିର୍ଭରଶୀଳ। ଜହ୍ନି, କଲରା, କାକୁଡି, ଝୁଡ଼ଙ୍ଗ, ବାଇଗଣ ଓ ଭେଣ୍ଡି ଆଠଗଡ଼ରୁ ଆସେ। ତେବେ ଚଳିତ ଥରର ଲଘୁଚାପ, ମୌସୁମୀ ବର୍ଷା ଓ ପରେ ପରେ ବନ୍ୟା ସ୍ଥିତି ସେଠାକାର ପରିବା ଉତ୍ପାଦନକୁ ପ୍ରଭାବିତ କରିଛି। ତେଣୁ ଦର ଉଚ୍ଚା ରହିଛି।

ଏହାଛଡ଼ା ବର୍ଷ ତମାମ ସାରାରାଜ୍ୟରେ ପରିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଉଛି ଉପଯୁକ୍ତ ବଜାର। ପ୍ରାୟ ଗ୍ରାମାଞ୍ଚଳରେ ପରିବା ଚାଷ ହେଉଥିବା ବେଳେ ସେଠାକାର ଚାଷୀ ପାଇକାରୀ ବଜାର କିମ୍ବା ମଣ୍ଡିର ସୁବିଧା ପାଇନଥା'ନ୍ତି। ଆମ ରାଜ୍ୟ ସରକାରଙ୍କ ଆରଏମ୍‌ସିଏସ୍ ବିଭିନ୍ନ ହାଟ ବଜାରରୁ ମାହାସୁଲ ଆଦାୟ କରେ ଏବଂ କିଛି କିଛି ଭିତ୍ତିଭୂମି ନିର୍ମାଣ କରେ। କିନ୍ତୁ ଆନ୍ଧ୍ରପ୍ରଦେଶ ଓ ତେଲାଙ୍ଗାନା ତାଞ୍ଚାରେ ପନିପରିବା ଓ ଫଳ ବିପଣନ ସୁଗମ ବ୍ୟବସ୍ଥା ଆମ ରାଜ୍ୟରେ ନାହିଁ। ଉଦାହରଣ ସ୍ୱରୂପ ବିଶାଖାପାଟଣା ମଣ୍ଡଳରେ କଞ୍ଚା ଆମ୍ବ କିମ୍ବା ବିଲାତି ବାଇଗଣ ଉତ୍ପାଦନ ଅଧିକ ହୋଇ ଦର କମିଯାଏ। ସ୍ଥାନୀୟ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପୂର୍ବରୁ ଚାଷୀଙ୍କଠାରୁ ଉପଯୁକ୍ତ ମୂଲ୍ୟରେ କିଣି ସେଠାକାର ରୟତ ବଜାର ବ୍ୟବସ୍ଥାରେ ବଜାର ଦର ଠିକ ଥିବା ହାଇଦ୍ରାବାଦ ଭଳି କିଛି ସହରକୁ ସେହି ପରିବା କିମ୍ବା ଫଳକୁ ଚାଲାଣ କରାଯାଏ। ଏଭଳି ବ୍ୟବସ୍ଥିତ ବିପଣନ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ହୋଇପାରିନାହିଁ। ଫଳରେ ଆମ ଚାଷୀ ଋତୁକାଳୀନ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଆସୁଛନ୍ତି।

ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଫଳ ଓ ପନିପରିବାର ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ଫଳରେ ଜୁସ୍, ଆଚାର, ସସ୍, ଜାମ୍, ଜେଲି ଓ ଚିପ୍ସ ଭଳି ବଜାର ଚାହିଦା ଥିବା ସାମଗ୍ରୀ ସେମାନେ ଉତ୍ପାଦନ କରୁଛନ୍ତି ଏବଂ ସେଠାକାର ଚାଷୀ ଅପେକ୍ଷାକୃତ ଭଲ ମୂଲ୍ୟ ପାଇପାରୁଛନ୍ତି। ସେମାନେ ପ୍ରାୟତଃ ଆମ ରାଜ୍ୟ ଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉନାହାନ୍ତି। ଆମ ମାଟିରେ ଆଳୁ, ପିଆଜ ଭଲ ଉତ୍ପାଦନ ହେଉଥିଲେ ମଧ୍ୟ ଉପଯୁକ୍ତ ସଂରକ୍ଷଣ ଭିତ୍ତିଭୂମିର ଅଭାବ ଯୋଗୁଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି କଦଳୀ ଉତ୍ପାଦନ ପାଇଁ ଆମ ମାଟି ଓ ଜଳବାୟୁ ଅନୁକୂଳ। କିନ୍ତୁ ଆମ ବଜାରରେ ଆନ୍ଧ୍ର ଓ ମହାରାଷ୍ଟ୍ର କଦଳୀର ଆଧିପତ୍ୟ ଜାରି ରହିଛି। ତେଣୁ କେଉଁଠି ତ୍ରୁଟି ରହୁଛି ଦେଖିବାର ସମୟ ଆସିଛି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାକାର ବ୍ୟବସ୍ଥା କୃଷି ଓ କୃଷକ ଅନୁକୂଳ ହେବା ନିହାତି ଜରୁରୀ। ଆନୁସଙ୍ଗିକ ଭିତ୍ତିଭୂମି ଏବଂ ଆବଶ୍ୟକ ବଜାର ବ୍ୟବସ୍ଥା କଲେ ଅଧିକରୁ ଅଧିକ କର୍ମନିଯୁକ୍ତି ସହିତ ସାଧାରଣ ଲୋକଙ୍କ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା।

(ଭଣ୍ଡାରିଡିହା, କେନ୍ଦୁଝର,
ମୋ:୭୯୭୮୫୨୮୧୪୫)

## ରାଜା ଗାଲ ମାଧବ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଗତ ଅଧ୍ୟାୟରେ ଆମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକ ଗମନ ଏବଂ ପ୍ରତ୍ୟାବର୍ତ୍ତନ ବୃତ୍ତାନ୍ତ ବିଷୟରେ ପଢ଼ିଥିଲେ। ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରେ ବେଦବର ବ୍ରହ୍ମାଙ୍କ ସାକ୍ଷାତ ଅପେକ୍ଷାରେ ଥିବା ବେଳେ ମର୍ତ୍ତ୍ୟରେ ହଜାର ହଜାର ବର୍ଷ ବିତି ଯାଇଥିଲା। ସେହି କାଳଖଣ୍ଡରେ ଉତ୍କଳରେ ଗାଲମାଧବ ନାମକ ଜଣେ ରାଜା ରାଜୁତି କରୁଥିଲେ। ସେ ଥରେ ଘୋଡ଼ା ଚଢ଼ି ଶିକାର କରିବା ପାଇଁ ଯାଉଥିବା ବେଳେ ନୀଳାଚଳ ପାଦଦେଶର ବାଲୁକା ପରିପୂର୍ଣ୍ଣ କ୍ଷେତ୍ରରେ ଘୋଡ଼ାର ଖୁରା ପୋତି ହୋଇଥିବା ମନ୍ଦିରର ନୀଳଚକ୍ରରେ ବାଜିଲା। ରାଜା ଘୋଡ଼ାରୁ ଓହ୍ଲେଇ ନୀଳଚକ୍ରକୁ ଦେଖି ବାଲି କାଢ଼ି ଦେଉଳକୁ ଉଦ୍ଧାର କଲେ। ରାଜା ଭାବିଲେ ଯେ ତାଙ୍କର ପୂର୍ବପୁରୁଷମାନେ ଏ ମନ୍ଦିର ନିର୍ମାଣ କରିଥିଲେ। ଏହାପରେ ରାଜା ଦେବତା ପ୍ରତିଷ୍ଠା ପାଇଁ ଆୟୋଜନରେ ଲାଗିପଡ଼ିଲେ।

ତେଣେ ବ୍ରହ୍ମାଙ୍କର ତର୍ପଣ ସରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାକ୍ଷାତ ଦେଇ କହିଲେ, 'ତୁମେ ମୋ ପାଇଁ ଅପେକ୍ଷା କରିଥିବା ବେଳେ ଗାଲମାଧବ ନାମକ ଜଣେ ରାଜା ଉତ୍କଳରେ ଶାସନ କରୁଛନ୍ତି। ସେ ମନ୍ଦିରକୁ ନିଜ ଅଧିକାରକୁ ନେଇ ସାରିଛନ୍ତି। ତେଣୁ ମନ୍ଦିରର ମାଲିକାନା ସ୍ୱତ୍ତ୍ୱ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ତା'ର ପ୍ରତିଷ୍ଠା କରିପାରିବି ନାହିଁ।' ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ମାଧବଙ୍କ ପାଖକୁ ଯାଇ ମନ୍ଦିର ସେ ନିର୍ମାଣ କରିଥିବା କଥା କହିଲେ। କିନ୍ତୁ ଗାଲ ମାଧବ ରାଜି ହେଲେ ନାହିଁ। ଦୁହିଁଙ୍କ ଭିତରେ ମନ୍ଦିରର ମାଲିକାନାକୁ ନେଇ ବିବାଦ ତୀବ୍ର ହେବାରୁ ବ୍ରହ୍ମା ସେଠାରେ ପହଞ୍ଚି ମନ୍ଦିର ନିର୍ମାଣ ବେଳର କେହି ସାକ୍ଷୀ ଅଛନ୍ତି କି ବୋଲି ଗାଲ ମାଧବଙ୍କୁ ପଚାରିଲେ। ମନ୍ଦିର ନିର୍ମାଣର ସାକ୍ଷୀ ଆବଶ୍ୟକ ନାହିଁ ବୋଲି ଗାଲ ମାଧବ କହିଲେ। ଅପରପକ୍ଷରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ସପକ୍ଷରେ ସାକ୍ଷୀ ଦେବା ପାଇଁ ସମ୍ମତ ହେଲେ।

ଏହାପରେ ବ୍ରହ୍ମା ଓ ଗାଲ ମାଧବଙ୍କୁ ସାଙ୍ଗରେ ନେଇ ଇନ୍ଦ୍ରଦ୍ୟୁମ୍ନ କଳ୍ପବଟ ପାଖରେ ପହଞ୍ଚିଲେ। ସେ ଗଛର ଡାଳରେ ଭୂଷଣ୍ଡ କାକ ବସିଥିଲେ। ସେହି କାକ ତାଙ୍କର ସାକ୍ଷୀ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିବାରୁ ବ୍ରହ୍ମା କାକକୁ ସେ ବିଷୟରେ ପଚାରିଲେ। ଭୂଷଣ୍ଡ କାକ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିବା କହିଲେ। କିନ୍ତୁ ଗାଲ ମାଧବ ତାହା ମାନିବାକୁ ପ୍ରସ୍ତୁତ ନ ଥିଲେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଉଭୟଙ୍କୁ ନେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ପହଞ୍ଚିଲେ। ପୋଖରୀରେ ବାସ କରୁଥିବା କଇଁଛମାନେ ତାଙ୍କ ଦେଉଳ ନିର୍ମାଣର ସାକ୍ଷୀ ବୋଲି ସେ ବ୍ରହ୍ମାଙ୍କୁ କହୁ କହୁ କଇଁଛମାନେ ପାଣି ଭିତରେ ଲୁଚିବାକୁ ଚାଲିଗଲେ। ଏହା ଦେଖି ଇନ୍ଦ୍ରଦ୍ୟୁମ୍ନ କହିଲେ-

- 'ବ୍ରହ୍ମା ଡାକନ୍ତି କୁର୍ମେ ହୋ ପଳାଅ କାହିଁ କି?, ସାକ୍ଷୀ ତୁମ୍ଭେ ଅଟ ଆମ୍ଭେ ଆସିଛୁ ତହିଁକି।'

ବ୍ରହ୍ମାଙ୍କୁ ଦେଖି କଇଁଛମାନେ ଆଶ୍ୱସ୍ତ ହୋଇ କହିଲେ, 'ରାଜା ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ମନ୍ଦିର ନିର୍ମାଣ ପାଇଁ ପଥର ବୋହିବା କାମରେ ନିଯୁକ୍ତି ଦେଇଥିଲେ। ଏହି କଷ୍ଟକର କାମରେ ସେମାନଙ୍କ ଅନେକ ବଂଶଧର ନିପାତ ହୋଇଥିଲେ। ଆହୁରି ଅନେକଙ୍କ ଶାରୀରିକ ପୀଡ଼ା ଏ ପର୍ଯ୍ୟନ୍ତ ରହିଛି। ତେଣୁ ସେମାନେ ରାଜାଙ୍କୁ ଦେଖି ଲୁଚି ଯାଇଥିଲେ।'

'ବ୍ରହ୍ମା ବୋଇଲେ ଦେଉଳ ଅଟଇ କାହାର, କୁର୍ମେ ବୋଇଲେ ଦେଉଳ ଇନ୍ଦ୍ରଦ୍ୟୁମନର / ଦେଉଳ ଗଡ଼ାକୁ ଆମ୍ଭେ ବୋହିଛୁ ପଥର, ସ୍ୱରୂପ କହିଲୁ ଆମ୍ଭେ ଶୁଣ ବେଦବର / ଦେଉଳ ତୋଳିଣ ରାଜା ତୋତେ ଆଣିଗଲା, ଗାଲ ମାଧବ ଯେ ତହିଁ ବାଲି କଢ଼ାଇଲା।

'ଦେଉଳ ନିର୍ମାଣ କିଏ କରିଥିଲା' ଆଉ ତାହାର ପ୍ରମାଣ ଆବଶ୍ୟକ ନଥିଲା। ଶେଷରେ ଗାଲମାଧବ ସତ୍ୟ ସ୍ୱୀକାର କଲେ। ବ୍ରହ୍ମା ଅସନ୍ତୋଷ ପ୍ରକାଶ କରି ଗାଲ ମାଧବଙ୍କୁ କଳିଯୁଗରେ ଅପୂଜା ରହିବା ପାଇଁ ଅଭିଶାପ ଦେଲେ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ନିବେଦନ କଲେ।

ବ୍ରହ୍ମା କହିଲେ, 'ରାଜା ହୋଇଲୁ କି ବାଇ, କ୍ଷେତ୍ରପାଳ ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ। କ୍ଷେତ୍ରମାନଙ୍କରେ ବର ଶ୍ରୀପୁରୁଷୋତ୍ତମ, ଏହା ପ୍ରତିଷ୍ଠା କରିବା କାହାର ଯେ କ୍ଷମ।' ଏହା ଶୁଣି ରାଜା ବ୍ରହ୍ମାଙ୍କୁ ସବିନୟ ବାରମ୍ବାର ନିବେଦନ କରିବାରୁ ବେଦବର କହିଲେ-'ବ୍ରହ୍ମା ବୋଇଲେ ରାଜା ଏ କଥା ଏମନ୍ତ, ମୂର୍ତ୍ତିମନ୍ତ ହୋଇଣ ବସିବେ ଜଗନ୍ନାଥ। ଦେଉଳର ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ, ଏହା କଥାରେ ପ୍ରତିଷ୍ଠା କରିବଇଁ ମୁହିଁ। ଚକ୍ରର ଉପରେ ମୁହିଁ ବାନ୍ଧିଗଲେ ନେତ, ଦୂରୁ ଦେଖି ଲୋକମାନେ ହୋଇବେ ମୁକତ।'

(ଆଧାର- କୃଷ୍ଣ ଦାସଙ୍କ 'ଦେଉଳ ତୋଳା')

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା
# ଅଗଷ୍ଟ ୧୧ରେ ବିଧାୟକଙ୍କୁ ଶେଷ ସୁଯୋଗ

କଟକ,୪।୮ (ସମିସ): ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ କେ. ଅନିଲ କୁମାରଙ୍କୁ ଜେରା ପାଇଁ ହାଜର ହେବାକୁ ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ଜେରା ପାଇଁ ଆସନ୍ତା ଅଗଷ୍ଟ ୧୧ ତାରିଖରେ କୋର୍ଟରେ ବିଧାୟକ କୌଣସି କାରଣରୁ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କ ସାକ୍ଷ୍ୟକୁ କୋର୍ଟ ନଥିରୁ ବାଦ୍ ଦିଆଯିବ ବୋଲି କହିଛନ୍ତି ହାଇକୋର୍ଟ। ମନୋଜ କୁମାର ପଣ୍ଡାଙ୍କ ତରଫରୁ ଦାୟର ହୋଇଥିବା ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ବିଧାୟକଙ୍କୁ ଜେରା ପ୍ରକ୍ରିୟା ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଧାୟକଙ୍କ ପକ୍ଷରୁ ଗୋଟିଏ ସପ୍ତାହର ସମୟ ଲୋଡି ଏକ ଅନ୍ତରୀଣ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ସେଠାରେ ଉପସ୍ଥିତ ରହିବା ଆବଶ୍ୟକ, ଯେଉଁଥିପାଇଁ ସେ ଆଜି କୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ, ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏହି ଆବେଦନକୁ ଦୃଢ଼ ବିରୋଧ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିଧାୟକ ଇଚ୍ଛାକୃତ ଭାବେ କୋର୍ଟରେ ହାଜର ହେବାରୁ ଓହରି ଯାଉଛନ୍ତି, ଯେତେବେଳେ କି ସେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଆଜି ମଧ୍ୟ ସେ ବ୍ରହ୍ମପୁରଠାରେ ଏକ ଆଧାର କେନ୍ଦ୍ରର ଉଦଘାଟନ କରିଛନ୍ତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଆବେଦନକୁ ଗ୍ରହଣ କରିଥିଲେ ସୁଦ୍ଧା ଆଉ କୌଣସି ପରିସ୍ଥିତିରେ ବିଧାୟକଙ୍କୁ ଅଧିକ ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ପୁରୁଣା ନିୟମରେ ପେନ୍‌ସନ୍‌ର ହକ୍‌ଦାର ଅସ୍ଥାୟୀ କର୍ମଚାରୀ
# ରାଜ୍ୟ ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୪।୮ (ସମିସ): ୨୦୦୫ ପେନସନ ନିୟମ ସଂଶୋଧନ ପୂର୍ବରୁ କାର୍ଯ୍ୟରତ ଅସ୍ଥାୟୀ (ଏନଏମଆର) କର୍ମଚାରୀଙ୍କ ପାଇଁ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୫ ପୂର୍ବରୁ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ନିୟମିତ ହୋଇଥିବା କର୍ମଚାରୀମାନେ ୧୯୯୨ର ପୁରୁଣା ପେନସନ ନିୟମ ଅଧୀନରେ ପେନସନ ପାଇବାକୁ ହକ୍‌ଦାର ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ଅପିଲ୍‌କୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନାଙ୍କୁ ୧୯୯୨ ପେନସନ ନିୟମ ଅନୁସାରେ ସମସ୍ତ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାକୁ ଆସନ୍ତା ୮ ସପ୍ତାହ ମଧ୍ୟରେ ଶେଷ କରି ଭୁବନେଶ୍ୱରର ଆରଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ନିଷ୍ପତ୍ତି ହୋଇସାରିଥିବା ସତ୍ତ୍ୱେ ସରକାରୀ ଅଧିକାରୀମାନେ କର୍ମଚାରୀଙ୍କୁ ଅନାବଶ୍ୟକ ଆଇନଗତ ଲଢେଇ ଭିତରକୁ ଠେଲି ଦେଉଛନ୍ତି, ଯାହାକି ଆଶ୍ଚର୍ଯ୍ୟଜନକ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ସମ୍ବଲପୁର ଜିଇଡି ଅଧୀନରେ ୧୯୮୧ ନଭେମ୍ବର ୧୩ରୁ ଏନ୍‌ଏମ୍‌ଆର୍ ୱାୟାରମ୍ୟାନ୍ ଭାବେ ନିଯୁକ୍ତି ପାଇଥିଲେ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନା। ଦୀର୍ଘ ଦିନର ସେବା ପରେ ୨୦୦୯ ଅକ୍ଟୋବର ୩୧ରେ ତାଙ୍କ ଚାକିରି ନିୟମିତ ହୋଇଥିଲା ଏବଂ ୩୯ ବର୍ଷର ନିରବଚ୍ଛିନ୍ନ ସେବା ପରେ ୨୦୨୧ ଜୁନ ୩୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ପେନସନ ସୁବିଧା ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଡିସେମ୍ବର ୭ରେ ଜଣିକିଆ ବିଚାରପତି ତାଙ୍କ ସପକ୍ଷରେ ରାୟ ଦେଇ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ. ୧: • ଟେଣ୍ଡର ନଂ.: E-IND-WLII-2026-A-RT • କାର୍ଯ୍ୟର ନାମ ଓ ସ୍ଥାନ: ଅଣ୍ଡରସ୍ଲଙ୍ଗ ଏବଂ ଓଭରହେଡ୍ ପାଣି ଟାଙ୍କି ଥିବା କୋଚ୍‌ଗୁଡ଼ିକ ପାଇଁ ଜଳସ୍ତର ସୂଚକ ବ୍ୟବସ୍ଥା। • କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫,୧୪,୭୨,୫୦୬.୬୦/- • ଜମା କରିବାକୁ ଥିବା ଅମାନତ ରାଶି (E M D) : ଟ. ୧୦,୨୯,୫୦୦/- • କାର୍ଯ୍ୟ ସମାପ୍ତି ଅବଧି: ସ୍ୱୀକୃତି ପତ୍ର (LOA) ଜାରି ତାରିଖଠାରୁ ୦୧ ବର୍ଷ। • ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ଡିଭିଜନ। • ଦାଖଲର ତାରିଖ ଓ ସମୟ: ୨୭.୦୮.୨୦୨୬ ଅପରାହ୍ନ ୧୫:୦୦ ଘଣ୍ଟା। • ୱେବସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ସ୍ଥାନ: ଟେଣ୍ଡର ଦସ୍ତାବିଜଗୁଡ଼ିକ IREPS ୱେବସାଇଟ୍ (www.ireps.gov.in) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ଅନ୍ୟ କୌଣସି ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ।
V/0186

Like us on: facebook.com/WesternRly



**AFFIDAVIT**

I, Jagadish Prasad Agarwalla(48), S/o-Late Prabhu Dayal Agarwal, resident of At-Purnachandrapur, Ward No-26, Grand Road, Po/Ps-Bhanjpur, Dist-Myurbhanj, Pin No-757002, Odisha, declared by this affidavit No-80, dated 04-08-2026 that now onwards I shall be known as **JAGADISH AGARWAL** for all future purposes.
JAGADISH AGARWAL

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1084, Dtd. 04.08.2026, I, JASOBANTA SAHU, Son of - Bhagaban Sahu, permanent resident of Village - Mentri, PO - Mentri, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from JASHABANTA SAHU to JASOBANTA SAHU. Henceforth, I shall be known as **JASOBANTA SAHU** for all purposes.
Sd/- Jasobanta Sahu

**AFFIDAVIT**

I, SACHI, aged about 19 years D/o- ARUN KUMAR TRIPATHI, Resident of AT/PO-BLOCK NO-7, FLAT NO-7-B, SPRINGVILLE HOMES, NEAR MANPUR OVERBRIDGE, DANAGADI, JAJPUR ROAD, JAJPUR, PIN-755026, declared by this Affidavit No.881/2026, Dated. 04.08.2026, That now onwards I shall Be Known as **SACHI TRIPATHI** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 803, Dated 27-07-2026, I, JAGANANTH BHATRA, S/o - Debo Bhatara, permanent resident of Village - Purniguda, PO - Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HABITS BHATARA to BABITA BHATRA. Henceforth, she shall be known as **BABITA BHATRA** for all purposes.
Sd/- Jagananth Bhatra

**AFFIDAVIT**

By virtue of an affidavit before the Executive Magistrate, Baramba Vide Affidavit No-3151/Dt. 5.6.2026 I, Jayanti Jena W/o Gurubari Jena of Vill/Po-Ratapata, Ps-Baramba, Dist-Cuttack declare that I have changed my minor son's name from ON JENA to OMM JENA. Henceforth he shall be known as **OMM JENA** for all propose.
Jayanti Jena

**AFFIDAVIT**

By virtue of an affidavit (CF No.01, date: 24/07/2026) sworn before the Executive Magistrate, Padampur. I, Abdul Rasul Khan, S/o Abdul Khan, permanent & current resident of At: Padampur, PO: Rajborasambar, PS: Padampur, Dist: Bargarh, State: Odisha, PIN: 768036 declare that I have changed my name from Abdur Rasul Khan (Old name)to Abdul Rasul Khan. Henceforth, I shall be known as **Abdul Rasul Khan** (new name) for all purposes.

**AFFIDAVIT**

I, SHAIK SABIR TULLAHA, aged about 43 years S/o- SHAIK RAJAQ TULLAHA, Resident of AT/PO-GOP, PATHANA MAHALA, PS-GOP, DIST-PURI, PIN-752110, ODISHA, declared by this Affidavit No.880/2026, Dated.03.08.2026, That now onwards I shall Be Known as **SEK SABIR TULLA** That for all future Purposes.

**AFFIDAVIT**

By virtue of an affidavit no 1015, dtd-01.08.2026 sworn before Executive Magistrate, Rairakhol, I, Kshirod Raul, resident of Village Ghosaramal, P.S. Rairakhol, Dist. Sambalpur, Odisha, hereby declare that my minor daughter's name has been changed from Santos I Roul to Santoshi Raul. Both names refer to one and the same person. Henceforth she shall be known as **Santoshi Raul** for all purposes.
Kshirod Raul

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 813, dated 28-07-2026, I, SANJUKTA NAG, W/o - Sanjay Nag, permanent resident of Village - Khaliguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed the name of my Son from ABI NAG to SAYAN KUMAR NAG. Henceforth, he shall be known as **SAYAN KUMAR NAG** for all purposes.
Sd/- Sanjukta Nag

**AFFIDAVIT**

I, Amit Kumar Agrawla, S/o- Ramnibash Agrawal, R/o- Vill./Po./Ps.- Sohela, Dist.- Bargarh state vide affidavit no.4841 dtd.20.08.2013 that, in my voter id card no. FJB1295146 my name has been wrongly mentioned as Amita Kumar Agrawal, S/o- Rama Nibash Agrawala. My correct name is **Amit Kumar Agrawla**, S/o- Ramnibash Agrawal.
Sd/- Amit Kumar Agrawla

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide affidavit no 465 dated 04.08.2026 I, Debjani Nayak, W/o- Ashish Kumbhar resident of At/Po- Chhuriapali, PS- Sohela, Dist - Bargarh, Pin -768033 declare that now onwards I shall be known as **Debajani Nayak** for all future purposes.



**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
ADMINISTRATIVE OFFICE BUILDING, NEAR BURLA POWER HOUSE,
BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

4001/239/2627

No. HHEP PUR-110, Vol-I / 5945 — Date: 03.08.2026

**TENDER CALL NOTICE NO. HHEP-63/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturer / authorized dealer or distributor/ reputed firms/ agency/ order suppliers only for supply of the following materials to HHEP, Burla as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Supply of AC-DC/ DC converters to HHEP, Burla | Rs. 7080/- (Rs. 6000/- + GST@18%) | 17,100.00 |

- Sale of tender paper : 10.08.2026 (10.00AM) to 24.08.2026 upto 05:30 PM
- Receipt of tender paper : 25.08.2026 upto 03:30 PM
- Date & time of opening of tender : 25.08.2026 at 04:00 PM

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0021



**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: serge.uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & WC Building, Vanivihar Chhak, Janpath, Bholanagar, Bhubaneswar-751022,
Tel: 91-0674-2542983, 2542801, 2545286, Fax:2542802, E-Mail: mdce.corp@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

32001/643/2627

**'e'-Procurement Notice**

**NOTICE INVITING TENDER NO.UIHEP/16/2026-27 DATED.29.07.2026**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Fabrication of railing over parapet wall including aluminium partition room at roof top of Erectors Hostel of UIHEP, Mukhiguda. | 10,62,774/- (Excluding GST) | 10,630/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Three (03) calendar months |

Availability of tender document in the portal: From 06.08.2026 (10:00 Hrs) to 17.08.2026 (up to 13:00 Hrs.)
Last date & time of submission of tenders in the portal: 17.08.2026 up to 13:00 Hrs.
The date & time of opening of the bid: 17.08.2026 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal 'https://tendersodisha.gov.in'.

Unit Head
UIHEP, Mukhiguda

OIPR-32001/32136/1/26-27/0015



E-Mail:eonacbalimela@gmail.com

**OFFICE OF THE NOTIFIED AREA COUNCIL, BALIMELA**
Odisha, Pin-764051

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧ ॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୨ ॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୦୫ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬ ॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା — ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା



**OFFICE OF THE ROURKELA MUNICIPAL CORPORATION**
Uditnagar, Rourkela Dist.-Sundargarh (Odisha) Pin-769012
Website: www.rmc.myrourkela.in EmailId: rourkelamunicipality@gmail.com

No. 10424 — Date: 04/08/26
13001/1413/2627

**TENDER CALL NOTICE**

Sealed tenders are invited from the reputed firms /Agencies for **"Overall Management of Table Tennis & Volley Ball/Lawn Tennis Court in side BPIS, Panposh on outsource Basis".**

Detail technical specifications, along with terms & conditions etc. may be seen from the Web site of Rourkela Municipal Corporation i.e. www.rmc.nic.in. Date of issue of tender documents from dtd.

The last date for receipt of sealed tender is 17.08.26 till 1:00 P.M. through Speed Post/ Regd. Post /Courier/ or by hand in the office address of the undersigned.

Commissioner
Rourkela Municipal Corporation

OIPR-13001/13131/1/26-27/0048



Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 1907 / P&S / 2026-27 — / Date 04/08/2026

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2026 to 10.08.2027 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2026 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S, KCC Bank Ltd., Head Office, Jeypore. Mobile No. : 97775 19964.

Secretary,
KCC Bank Ltd., Jeypore.



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨, ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨, ଇ-ମେଲ: bhubaneswar-samd@iob.bank.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

4001/239/2627

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ(ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ର ନିୟମ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର / ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି,ଯାହାକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ /ସୁରକ୍ଷିତଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ / ଋଣଗ୍ରହୀତା / ବନ୍ଧକଦାତା: ଶ୍ରୀ ସୁରେନ୍ଦ୍ର ସେନ,** ପିତା: କୈଳାସ ସେନ୍ / **ଗ୍ୟାରେଣ୍ଟିଦାତା: ଶ୍ରୀ ଉପେନ୍ଦ୍ର ସେନ,** ପିତା: କୈଳାସ ସେନ୍, ଉଭୟଙ୍କ ଠିକଣା ସା: ପ୍ଲଟ୍ ନଂ.: ୩୫୬/୩୭୪୬, ପୁରୁଣା ରାଉତପାଟଣା, ହରିପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧ | ଶ୍ରୀ ସୁରେନ୍ଦ୍ର ସେନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୫୬/୩୭୪୬, ଖାତା ନଂ.: ୧୨୦୫/୮୮୩, କ୍ଷେତ୍ର: ଏକର ୦.୦୦୭୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୩୫୬/୩୪୦୪, ଖାତା ନଂ.: ୧୨୦୫/୫୩୪, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୨୨୫ ଡିସିମିଲି,** ମୌଜା: ସାମନ୍ତସାହି, ୟୁନିଟ୍ ନଂ.: ୨୩, ଥାନା: ପୁରୀଘାଟ, ପୋ: ବକ୍ସି ବଜାର, ତହସିଲ: କଟକ, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାଗିନ୍ ସେନ୍, ପଶ୍ଚିମ: ସର୍ବସାଧାରଣ ଗଳି ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଉପେନ୍ଦ୍ର ସେନ୍ | ୧୪.୦୭.୨୦୨୬ ସୁଦ୍ଧା ଟ.୧୬,୨୨,୩୧୭.୬୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୪୨,୭୭,୦୦୦/- / ଟ.୪,୨୭,୭୦୦/- |
| **ରସୁଲଗଡ ଶାଖା, ଫୋନ.: ୮୯୨୫୯୫୧୬୭୬/ ଋଣଗ୍ରହୀତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା,** ସ୍ୱାମୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ, **ସ୍ଥାୟୀ ଠିକଣା:** ସା/ପୋ: ତାଳଜଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ଯୋଗାଯୋଗ ଠିକଣା- (କ)** ପ୍ଲଟ୍ ନଂ.: ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୦୨, **(ଖ)** ପ୍ଲଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪ | **ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ** ନାମରେ ଥିବା ବାସୋପଯୋଗୀ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୦୧୧, ଦକ୍ଷିଣ: ଖୋଲା ଡକ୍ ଏରିଆ, ପୂର୍ବ: ସର୍ବସାଧାରଣ କରିଡର, ପଶ୍ଚିମ: ଖୋଲା ଜମି / ରାସ୍ତା | ୧୮.୦୭.୨୦୨୬ ସୁଦ୍ଧା ଟ.୨୮,୬୧,୮୪୩.୧୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୨,୮୬,୦୦୦/- / ଟ.୨,୨୮,୬୦୦/- |
| **ବାଲେଶ୍ୱର ଶାଖା, ଫୋନ.: ୮୯୨୫୯୫୦୮୩୨ / ଋଣଗ୍ରହୀତା: ମେସର୍ସ ଶ୍ରୀ ଭଗବତୀ କ୍ରିଏସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ,** ସା: ୫୭, ଭାସ୍କରଗଞ୍ଜ-ଏ, ଏଫ୍.ଏମ୍ ସର୍କଲ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧ / **ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ଦାଶ,** ପିତା: ଶ୍ରୀ ନିରଞ୍ଜନ ଦାଶ, ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ନିରଞ୍ଜନ ଦାଶ,** ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ | **ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୬/୧୬୩୯, ଖାତା ନଂ.: ୧୩୭, ଜମିର କ୍ଷେତ୍ର: ଏକର ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ: ନରସିଂହପୁର, ଥାନା/ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୩୪ ଏବଂ ୧୨୫୮, ଦକ୍ଷିଣ: ପ୍ଲଟ୍ ନଂ.: ୧୨୪୯ ଏବଂ ୧୨୫୦, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୨୪୧ ଏବଂ ୧୨୪୫ | ୩୦.୦୭.୨୦୨୬ ସୁଦ୍ଧା ଟ.୧୭,୮୯,୨୪୭.୫୧ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୯,୭୭,୦୦୦/- / ଟ.୯୭,୭୦୦/- |
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ / ଋଣଗ୍ରହୀତା: ମେସର୍ସ ସିଦ୍ଧି ଗଣେଶ ମେଟାଲ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ଷ୍ଟେସନ ବଜାର, ଜଗତପୁର, କଟକ-୭୫୪୦୨୧ / **ଋଣଗ୍ରହୀତା ଏବଂ ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ପିତା: ବାବାଜୀ ଦାସ, ସା: ପାଇକସ୍ତା, ପୋ: ବୋରିଖି, ଜଗତସିଂହପୁର, ଓଡ଼ିଶା- ୭୫୪୧୪୦ | ଶ୍ରୀ ବ୍ରଜ କିଶୋର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୬୫, ଖାତା ନଂ.: ୭୬୯/୧୭୭, ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି ମୌଜା: ପାଇକସ୍ତା, ଥାନା: କୁଜଙ୍ଗ, ତହସିଲ: କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା - ୭୫୪୧୪୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ଓଝା, ଦକ୍ଷିଣ: ନିଜ ପ୍ଲଟ୍, ପୂର୍ବ: ରାସ୍ତା, ପଶ୍ଚିମ: ପିତାମ୍ବର ଖୁଣ୍ଟିଆ | ୦୮.୦୩.୨୦୧୬ ସୁଦ୍ଧା ଟ.୪୩,୮୪,୦୦୦/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩,୨୪,୦୦୦/- / ଟ.୩୨,୪୦୦/- |
| **ଦଶରଥପୁର ଶାଖା, ଫୋନ.: ୮୯୨୫୯୫୨୬୩୦/ ଋଣଗ୍ରହୀତା: ମେସର୍ସ ବାଦଶାହା ରେଷ୍ଟୁରାଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ଧର୍ମରାଜ ଧିର,** ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ସା: ଓଡେଇ, ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ / **ବନ୍ଧକଦାତା: ଶ୍ରୀ ଧର୍ମରାଜ ଧିର,** ପିତା: ଶ୍ରୀ ବାବୁଲି ଧିର, ସା/ପୋ: ଦଶରଥପୁର, ଥାନା: ଦଶରଥପୁର, ଯାଜପୁର, ଓଡ଼ିଶା- ୭୫୫୦୦୬ | ଶ୍ରୀ ଧର୍ମରାଜ ଧିରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ପ୍ଲଟ୍‌ର କ୍ଷେତ୍ର: ଏକର ୦.୧୬୦୦ ଡିସିମିଲି ମୌଜା: ଓଡେଇ, ତହସିଲ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୮୫ (ରାସ୍ତା, ମାଲିକ- ସର୍ବସାଧାରଣ), ଦକ୍ଷିଣ: ପ୍ଲଟ୍ ନଂ.: ୧୭୮୨ (ଗୋପୀନାଥ ବାରିକ), ପୂର୍ବ: ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ: ପ୍ଲଟ୍ ନଂ.: ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ) | ୩୧.୦୭.୨୦୨୬ ସୁଦ୍ଧା ଟ.୧୪,୮୦,୬୭୮.୯୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩୬,୨୪,୦୦୦/- / ଟ.୩,୬୨,୪୦୦/- |
| **ଧୁରୁକୁଡିଆ ଶାଖା, ଫୋନ.: ୮୯୨୫୯୫୧୧୨୪/ ଋଣଗ୍ରହୀତା: ମେସର୍ସ ସର୍ବେଶ୍ୱର ଡାଲ ମିଲ, ସ୍ୱତ୍ୱାଧିକାରୀ: ବିଜୟ କୁମାର ସ୍ୱାଇଁ,** ସା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଭାୟା: ଚଷାପଡା, କଟକ, ଓଡ଼ିଶା - ୭୫୪୦୨୭ / **ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ବିଜୟ କୁମାର ସ୍ୱାଇଁ,** ପିତା: ସ୍ୱ ଉମାକାନ୍ତ ସ୍ୱାଇଁ, ସା: କଟକିଆସାହି, ପୋ: ବଳରାମପୁର, ଥାନା: ଆଠଗଡ, କଟକ, ଓଡ଼ିଶା - ୭୫୪୦୨୯ | ୧) ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୮୩ ଡିସିମିଲି, ପ୍ଲଟ୍ ନଂ.: ୧, ଅନୁରୂପ ହାଲ ବନ୍ଦୋବସ୍ତ ପ୍ଲଟ୍ ନଂ.: ୫, ଖାତା ନଂ.: ୧, ମୌଜା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨, ଦକ୍ଷିଣ: ପ୍ଲଟ୍ ନଂ.: ପ୍ଲଟ୍ ନଂ.: ୧ର ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୮୨ ୨) ସ୍ଥାପିତ ହୋଇଥିବା କଳକବ୍ଜା ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.: ୦୫, ଖାତା ନଂ.: ୦୧, ମୌଜା: ଶ୍ରୀରଙ୍ଗପୁର, ଥାନା: ଗୁରୁଡିଝାଟିଆ, ପୋ: ଧୁରୁସିଆ, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୭ (କଳକବ୍ଜା ଏବଂ ଯନ୍ତ୍ରପାତିର ବିବରଣୀ: Fatka, worm, pocular machine with machine, pocular connect elemetre, stoner, dryer section, elemtre 5 nos, brofler, blower, Rola with motor (10 HP), Thukar Chala with motor, 4 chala with motor)। **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ରେକର୍ଡଭୁକ୍ତ କଳକବ୍ଜା ଓ ଯନ୍ତ୍ରପାତି ଯାହା ଆଇଓବି, ଧୁରୁକୁଡିଆ ଶାଖାକୁ ବନ୍ଧକ ଦିଆଯାଇଛି। | ୦୩.୦୬.୨୦୨୬ ସୁଦ୍ଧା ଟ.୬୧,୮୩,୦୨୯.୨୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୬,୯୦,୦୦୦/- / ଟ.୨,୬୯,୦୦୦/- |

**ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଇ-ନିଲାମ ତାରିଖ ଓ ସମୟ: ୨୬.୦୮.୨୦୨୬ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୨.୦୦ ଘଟିକା** (୫ ମିନିଟ୍ ସ୍ୱତଃ ବର୍ଦ୍ଧିତ ସମୟ ସହିତ)

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **https://baanknet.com/eauction-psb/bidder-registration** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration**ରେ ରେଜିଷ୍ଟର କରନ୍ତୁ ଏବଂ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ। (୩) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରାମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ପାନ୍‌କାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସହିତ ଉପର ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୪) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **UPI / Net Banking / NEFT / RTGS PSB Alliance (baanknet.com)** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://baanknet.com/eauction-psb/bidder-registration** ମାଧ୍ୟମରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। ନିଲାମଧାରୀମାନଙ୍କ ଦ୍ୱାରା ଅମାନତ ରାଶି **PSB Alliance (baanknet.com)** ଦ୍ୱାରା ପ୍ରଦତ୍ତ ନିଜର ୱାଲେଟ୍ ମାଧ୍ୟମରେ ଜମା କରାଯିବ ଯାହାକି ଇ-ନିଲାମ ୱେବ୍‌ସାଇଟ୍: **https://baanknet.com/eauction-psb/bidder-registration** ଦ୍ୱାରା **UPI / Net Banking / NEFT / RTGS** ମାଧ୍ୟମରେ ଦାଖଲ କରାଯିବ। (୫) ଅମାନତ ରାଶି ବିନା ପ୍ରସ୍ତାବଗୁଡିକ ବାତିଲ କରାଯିବ। (୬) ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ। ନିଲାମ/ବିକ୍ରୟର ସ୍ୱତଃ ବର୍ଦ୍ଧିତ ସମୟ ଶେଷ ୫ ମିନିଟ୍ ସହିତ ପ୍ରାରମ୍ଭିକ ଭାବେ ୧୮୦ ମିନିଟ୍ ସମୟ ଅବଦ୍ଧି ପାଇଁ ଆରମ୍ଭ ହେବ। (୭) ଉପର ଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି: **ଟ.୨୦,୦୦୦/-,** ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର **୨୫%** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ୍ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରିଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ-ଏ ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟି ଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥି ନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। ପଚାଶ ଲକ୍ଷରୁ ଅଧିକ ମୂଲ୍ୟର ସ୍ଥାବର ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ବିକ୍ରୟ ମୂଲ୍ୟର ୧% ଆୟକର ଟ୍ରାନ୍ସଫରି (ହସ୍ତାନ୍ତରିତ ବ୍ୟକ୍ତି) ବହନ କରିବେ। (୧୮) **ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized Officer, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: bhubaneswar-samd@iob.bank.in or visit website: https://baanknet.com/eauction-psb/bidder-registration.** (୧୯) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେ। (୨୦) ଉପର ଦର୍ଶିତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ / ଗଠନାତ୍ମକ ଦଖଲରେ ଅଛି ଏବଂ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ ନିମନ୍ତେ ଦିଆଯାଇଛି। କେବଳ ସମ୍ପତ୍ତିର ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁଯାୟୀ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ / କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଦାନ କରାଯିବ। ସଫଳ ନିଲାମଧାରୀମାନଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ/ ଦାବୀ / କ୍ଷତିପୂରଣ ଦିଆଯିବ ନାହିଁ। (୨୧) ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଇତ୍ୟାଦି ପୂର୍ବରୁ ଅନୁମୋଦନ କରାଯାଏ ତେବେ ବିକ୍ରୟ /ନିଲାମର ଚୂଡାନ୍ତ କେବଳ ଉପରୋକ୍ତ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ଏବଂ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ, ନିଲାମଧାରୀମାନଙ୍କୁ ଅମାନତ ରାଶି/ଚୂଡାନ୍ତ ବିଡ୍ ରାଶି ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ/ଦାବୀ/କ୍ଷତିପୂରଣ ଇତ୍ୟାଦି ପ୍ରଦାନ କରିବ ନାହିଁ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୦୪.୦୮.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଆବାସ ଯୋଜନାରେ ଅନିୟମିତତା, ଯୋଗ୍ୟଙ୍କୁ ଅଣଦେଖା

ଢେଙ୍କାନାଳ,୪।୮ (ସମିସ)



ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ତିନିଦିନ ହେଲା ଗଣମାଧ୍ୟମରେ କିଛି ବିଭ୍ରାନ୍ତିକର ଭିଡିଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଏବଂ ତାଙ୍କର ସମର୍ଥକଙ୍କର ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ସଦର ନିର୍ବାଚନମଣ୍ଡଳୀର କାଇମାଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ କାରବାର ନେଇ ଜଣେ ମହିଳା କର୍ମଚାରୀ, ପିଇଓ ଓ ସଦର ବିଡିଓଙ୍କୁ ସର୍ବସାଧାରଣରେ ଅସମ୍ମାନ ଘଟଣାକୁ ନେଇ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ଲାଞ୍ଚ କାରବାରକୁ ନେଇ ପିଇଓଙ୍କୁ ସେହି ସ୍ଥାନରୁ ଅନ୍ୟତ୍ର ବଦଳି କରିବା ଘଟଣାକୁ ନେଇ ଏଠାରେ କର୍ମଚାରୀ ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ମନ୍ତ୍ରୀ ଯେଉଁ ବଦଳି ନିର୍ଦ୍ଦେଶ ଦେଇଛନ୍ତି ତାହା କୌଣସି ଗଣମାଧ୍ୟମରେ ପ୍ରକାଶ ପାଇନଥିବା ସହ ସରକାରୀ ଗେଜେଟ୍ ପ୍ରକାଶ ପାଇନାହିଁ। ତା' ଛଡ଼ା ମନ୍ତ୍ରୀ କହିଛନ୍ତି ଯେ ସରପଞ୍ଚମାନେ ବି ଟଙ୍କା ଲାଞ୍ଚ ନେଇଛନ୍ତି। ସରପଞ୍ଚ ସଂଘ ମଧ୍ୟ ପାଲଟା ପ୍ରଶ୍ନ କରିଛି ଯେ ଦୁଇ ବର୍ଷ ମଧ୍ୟରେ ସରକାର କେବେ ଆବାସ ଯୋଜନାରେ ଘର ଦେଲେ ଯେ ସେମାନେ ଲାଞ୍ଚ ନେଲେ। କାଇମାଟି ପଞ୍ଚାୟତରେ ନିର୍ବାଚିତ ସରପଞ୍ଚ ଅନାସ୍ଥା ପ୍ରସ୍ତାବ ଭୋଟରେ ପଦ ହରାଇବା ପରେ ସେ ବିଜେପିରେ ଯୋଗଦେଇ ବାହାରେ ରହୁଛନ୍ତି ଏବଂ ସେଠାରେ ସେହି ବିଜେପିର ନାଏବ ସରପଞ୍ଚ ପଦ ସମ୍ଭାଳିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସେଠାରେ ଛାୟା ସରପଞ୍ଚ ବା ମନ୍ତ୍ରୀଙ୍କ ପ୍ରତିନିଧି କିଏ। ଲାଞ୍ଚ ନେଉଥିବା ଅଧିକାରୀ ବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ। ନା ସରକାରୀ କର୍ମଚାରୀଙ୍କ ଉପରେ ଚାପ ପ୍ରୟୋଗ କରି ସେଥିରୁ ଭାଗ ବସାଇବାକୁ ମନ୍ତ୍ରୀ ପ୍ରୟାସ କରିଛନ୍ତି ବୋଲି ପ୍ରଶ୍ନବାଚୀ ସୃଟି ହୋଇଛି। ଯଦି ମନ୍ତ୍ରୀ ପ୍ରକୃତରେ ସ୍ୱଚ୍ଛତା ପାଇଁ କର୍ମୀମାନଙ୍କୁ ଧରି ତଦନ୍ତ କରୁଥିଲେ ତେବେ ସେହି ପଞ୍ଚାୟତରେ ଅନେକ ଲୋକ ତାଲିକାରୁ ବାଦ୍ ପଡିଛନ୍ତି କିପରି। କାଇମାଟି ପଞ୍ଚାୟତ ଆଛନ୍ଦ ଗ୍ରାମର ନରୋତ୍ତମ ପ୍ରଧାନ ୫ ବର୍ଷ ହେଲା ଗୋଟିଏ କୁଡିଆ ଘରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି। ସେଠାରେ ହାତୀ ବାର୍ହା ତଥା ଅନ୍ୟ ଲଙ୍ଗଲୀ ପଶୁମାନଙ୍କର ଉପଦ୍ରବ ରହିଛି। ମନ୍ତ୍ରୀଙ୍କର କୌଣସି କର୍ମୀ ତାଙ୍କ ଘର ଦେଖାଇଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ନରୋତ୍ତମ ପ୍ରଧାନଙ୍କ ପରି ଅନେକ ଲୋକ ଲାଞ୍ଚ ଟଙ୍କା ଦେଇପାରୁ ନଥିବାରୁ ଘର ପାଇ ନଥିବା ଅଭିଯୋଗ ହେଉଛି। ଯଦି ନାମ ପ୍ରକାଶ କରିବ ଘର କାଟି ଦିଆଯିବାକୁ ଧମକ ଦିଆଯାଉଛି। ଯେଉଁ ବିଜେପି କେନ୍ଦ୍ର ସରକାର ୨୦୨୨ ଭିତରେ ସମସ୍ତ ବାସହୀନ ମାନଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି କହିଥିଲା ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ହୋଇପାରିଲାନି ନାହିଁ। ଏଥିରେ ବିଜେପିର ପରିବା ପଣିଆ ପଦାରେ ପଡିଛି । ଆମ୍ ଆଦମୀ ପାର୍ଟି ଦାବି କରିଛି ଯେ ମନ୍ତ୍ରୀ ତଥା ବଜେପିର ଯେଉଁ କର୍ମୀମାନେ ମହିଳା କର୍ମଚାରୀ, ପିଇଓଙ୍କୁ ସର୍ବସାଧାରଣରେ ଉଚ୍ଚ ସ୍ୱରରେ ଧମକାଇଛନ୍ତି ସେମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ତରଫରୁ ସଦର ଥାନାରେ ଏଫଆଇଆର କରାଯାଇ ତଦନ୍ତ କରାଯାଉ। ତେବେ ମନ୍ତ୍ରୀ ଯଦି ସଚ୍ଚୋଟ ଏହାର ବିଧିବଦ୍ଧ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି ହେଉଛି। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା କୋଷାଧକ୍ଷ କବି ଜ୍ୟୋତି ନିରଞ୍ଜନ ପତି, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ନଗର ଉପସଭାପତି ବିଜୟ କୁମାର ଦାସ, ସଦସ୍ୟ ଯୁଧିଷ୍ଠିର ଦାସ, ନିରଦ ଚନ୍ଦ୍ର ବାରିକ, ଜୟନ୍ତ ଦାସ ଓ ଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିକଶିତ ଭାରତରେ ନିଶାମୁକ୍ତ ଯୁବକ ସଂକଳ୍ପ

ଖଜୁରିଆକଟା,୪।୮ (ସମିସ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମଗ୍ର ଦେଶରେ ନିଶା ମୁକ୍ତ ଯୁବକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଜୁରୀଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରଜକିଶୋର ବେହେରାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ଯୁବକମାନଙ୍କୁ ନିଶା ମୁକ୍ତ ଦେଶ ଗଠନ ଦିଗରେ ସଂକଳ୍ପ ନେବା ଓ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହାପରେ ସମସ୍ତ ସ୍ୱେଚ୍ଛାସେବୀମାନେ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ଦିଲ୍ଲୀପ କୁମାର ଗଡ଼ନାୟକ, ମାନସ କୁମାର ସାହୁ, ପ୍ରିତମ କୁମାର ଜେନାମଣି,ସତ୍ୟବ୍ରତ ଜେନାମଣି, ସୁବ୍ରତ ଜେନାମଣି, ବି କେ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୋଳ କଲେଜର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଖଜୁରିଆକଟା,୪।୮ (ସମିସ) : ଓଡ଼ାପଡ଼ା ବ୍ଲକ୍ ଏକଘରିଆ ସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସ ଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ପରିସର ମଧ୍ୟରେ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ୧୯୯୮ ବ୍ୟାଚ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ସମସ୍ତେ ଏକାଠି ହୋଇ ନିଜ ନିଜ ମଧ୍ୟରେ ଖୁସି ବାଣ୍ଟିଥିଲେ। ଏହା ସହିତ ଶରଣ ଶ୍ରୀକ୍ଷେତ୍ର ପରିସର ମଧ୍ୟରେ ସଫେଇ କାର୍ଯ୍ୟ କରିବା ସହିତ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସାହୁ, ଅକ୍ଷୟ ମହାଭୋଇ,ଆଦିତ୍ୟ ରାଉତ,ମମତା ବେହେରା,ନିଳମଣି ବେହେରା,ସରୋଜ ସାମଲ,ସମିର ପତି,ମିତା,ଜିତା,ଲକି ଓ କୁନା ପରିଚାଳନା କରୁଥିବା ବେଳେ ଅନ୍ୟ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପରିବାର ସାମିଲ ହୋଇଥିଲେ।

## ଧାର୍ଯ୍ୟ ସମୟ ପୂର୍ବରୁ ଫୋନ୍ ସେବା ବନ୍ଦ ଅଭିଯୋଗ

ଢେଙ୍କାନାଳ,୪।୮ (ସମିସ) : ଫୋନ୍ ରିଚାର୍ଜର ଗୋଟିଏ ମାସ ପୂରଣ ହେବାର ୪ରୁ୫ଦିନ ପରେ ଫୋନ୍‌କୁ ବନ୍ଦ କରିଦେବା ବିରୋଧରେ ବିକେଏମ୍‌ୟୁ ଜିଲ୍ଲା ପରିଷଦ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଯେଉଁ ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଫୋନ୍ ରିଚାର୍ଜ କରୁଛନ୍ତି ତାହା ଗୋଟିଏ ମାସ ପୂରିବା ମାତ୍ରେ କଥାହେବା ବନ୍ଦ କରିଦେଉଛନ୍ତି। ଯାହା ଫଳରେ ଗରିବ ଲୋକମାନେ ସେମାନଙ୍କର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ସରକାରଙ୍କର ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିସ୍ଥଳେ ବର୍ଷକୁ ୪ ମାସ ପାଇଁ ଫୋନ୍ ଚଳାଚଳ ବ୍ୟବସ୍ଥା କରାଯିବା ଜରୁରୀ ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି। ଯେଉଁମାନେ ଫୋନ୍‌ରେ ରିଚାର୍ଜ କରୁନାହାନ୍ତି ସେମାନେ ଅନ୍ତତଃ ଇନ୍-କମିଙ୍ଗ୍ ସୁବିଧା ପାଇବା ଦରକାର ବୋଲି ଦାବି କରିଛନ୍ତି। ଅନ୍ୟ ଜଣେ ଫୋନ୍ କଲେ କଥାବାର୍ତ୍ତା ହୋଇପାରିବେ। ଯେତେବେଳେ ସଂପୃକ୍ତ ବ୍ୟକ୍ତିଙ୍କର ଆବଶ୍ୟକ ପଡିବ ସେ ରିଚାର୍ଜ କରିବେ ବୋଲି ଶ୍ରୀ ରଥ କହିଛନ୍ତି। କମ୍ପାନୀ ଗୁଡିକର ଏଭଳି କାର୍ଯ୍ୟକଳାପକୁ ବିରୋଧ କରି ଶ୍ରୀ ରଥ କହିଛନ୍ତି ଯେ, ଏହା ଉପରେ ତଦନ୍ତ କରି ସମସ୍ୟାର ସମାଧାନ ପୂର୍ବକ ଫୋନ୍ କମ୍ପାନୀଗୁଡ଼ିକୁ ଆଦେଶ ଦେବା ନିମନ୍ତେ ଜିଲ୍ଲାପାଳଙ୍କ ପାଖରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

## ସ୍ୱାଧୀନତା ଦିବସ ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ

ଖଜୁରିଆକଟା,୪।୮ (ସମିସ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ତହସିଲ ଅଫିସ ସଭାଗୃହଠାରେ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିପରି ଶାନ୍ତିଶୃଙ୍ଖଳାର ସହିତ ଏହି ଦିବସ ପାଳନ କରାଯିବ ସେ ନେଇ ବିଷଦ ଆଲୋଚନା ହୋଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତ ସଭା ପରିଚାଳନା କରିବା ସହ ପୂର୍ବବିବରଣୀ ପାଠ କରିଥିଲେ। ତହସିଲଦାର ଦିଲ୍ଲୀପ ସେଠୀ, ଥାନା ଭାରପ୍ରାପ୍ତ ଅଧିକାରିଣୀ ମମତା ସାମନ୍ତରାୟ, ଏନ୍‌ଏସି ଅଧ୍ୟକ୍ଷ କେଶବ ପ୍ରଧାନ, ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଖଙ୍କିରା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଅଭିଭାବକ ବୈଠକ

ଗଁଦିଆ,୪।୮ (ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଖଙ୍କିରାରେ ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁମତି ନାଏକ ସ୍ୱାଗତ ଭାଷଣରେ ମତାମତ ଦେଇଥିଲେ। ଶିଶୁ ଶିକ୍ଷାର ଉନ୍ନତି ସ୍ୱଚ୍ଛତା ରକ୍ଷା, ପିଲାମାନଙ୍କର ବୌଦ୍ଧିକ ଓ ମାନସିକ ତଥା ସ୍ୱାସ୍ଥ୍ୟ ଅବସ୍ଥାର ବିକାଶ, ଭାରତ ବିକାଶ ଅଭିଯାନ, ବୃକ୍ଷରୋପଣ ସାଇବର ଠକେଇ ଓ ମୋବାଇଲର କମ ବ୍ୟବହାର ଶିକ୍ଷାର୍ଥୀଙ୍କ ପାଇଁ,ବୃତି ବାଛିବା ସହିତ ଗୁଣାତ୍ମକ ବିକାଶ ଧାରା ଘରେ ଘରେ ତ୍ରିରଙ୍ଗା, ନିଶାମୁକ୍ତ ଭାରତ ଗଠନ ଦିଗରେ ସମସ୍ତେ ଦାୟିତବାନ ହେବାପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଂଘମିତ୍ରା ସାମଲ, ସାଇଶ୍ରୀ ବାରିକ, ସୁମିତ୍ରା ରାଉଳ, ଆହୁତି ପଣ୍ଡିତ, ଅଞ୍ଜଳି ବ୍ରହ୍ମ, ଇପସୀତା ସାହୁ, ଓମ୍‌ପ୍ରଭା ବାରିକ, ନିରୁପମା ସାହୁଙ୍କ ସହିତ ଶିକ୍ଷକ ପୀତାମ୍ବର ଦଳେଇ, ଶିବଶମ୍ଭୁ ଜେନା, କାନୁନ ଦାସ ଯୋଗଦାନ କରିବା ସହ ବହୁ ଅଭିଭାବକ ଯୋଗ ଦେଇଥିଲେ।

## ପରିବେଶ ସଚେତନତା ବାର୍ତ୍ତାଦେଲେ ପରିବେଶବିତ୍

ଗଁଦିଆ,୪।୮ (ସମିସ): ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ ପ୍ରଧାନଶିକ୍ଷକ ବ୍ରାହ୍ମଣୀ ଦେବୀ ମନ୍ଦିର ପରିସରରେ ଚତୁର୍ଥ ପର୍ଯ୍ୟାୟ ଚାରା ରୋପଣ କରି ସମସ୍ତଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି ''ବୃକ୍ଷ ଆମର ଜୀବନ' ବୃକ୍ଷ ଆମକୁ ଅମ୍ଳଜାନ, ଫଳ, ଛାୟା, ଔଷଧ, ଯୋଗାଇବା ସହିତ ବୃଷ୍ଟିପାତରେ ସହାୟତା ପ୍ରଦାନ କରୁଛି। ଏଣୁ ବିଶିଷ୍ଟ ପରିବେଶବିତ୍ ଶ୍ରୀ ସାହୁ ଗତ ଜୁଲାଇ ୪ ତାରିଖରେ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଛାପୁରି ମୌଜା କବିତାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପରିସରରେ ଚତୁର୍ଥ ପର୍ଯ୍ୟାୟ ଚାରା ରୋପଣ କରି ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରି ସମସ୍ତଙ୍କୁ ଚାରା ରୋପଣ କରିବା ପାଇଁ ବିନମ୍ର ନିବେଦନ କରିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ଖଜୁରିଆକଟା,୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଓ ଅଭିଭାବକ ବୈଠକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନୂତନ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ସଭା ପରିଚାଳନା ସହିତ ପୂର୍ବ ବିବରଣୀ ପାଠ କରିବାସହ ନୂତନ କମିଟି ତଥା ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ଏଥିସହ ସ୍କୁଲର ବିଭିନ୍ନ ସମସ୍ୟା, ଶିକ୍ଷା, ଶୃଙ୍ଖଳା, ଛାତ୍ରଛାତ୍ରୀ ଉପସ୍ଥାପନା, ଉତ୍ତମ ପରୀକ୍ଷାଫଳ, ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ ସୁରକ୍ଷା, ପରିମଳ, ଶିକ୍ଷକ କର୍ମଚାରୀ ଅଭାବଜନିତ ସମସ୍ୟା ସମ୍ପର୍କରେ ଆଲୋଚନା ସହିତ ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ନେବାପାଇଁ ଆଜି ବୈଠକରେ ସର୍ବସମ୍ମତ ଭାବରେ ମତ ଗୃହୀତ ହୋଇଥିଲା। ଶେଷରେ ''ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଶେଷରେ ବୃକ୍ଷରୋପଣ କରାଯାଇ ସମାଜକୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ବୈଠକରେ ଉପସଭାପତି ବୈଜୟନ୍ତୀ ବିଶ୍ୱାଳ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ବହୁସଂଖ୍ୟକ ଅଭିଭାବକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ବୃନ୍ଦ ଯୋଗ ଦେଇଥିବାବେଳେ ଶିକ୍ଷକ ଦୀପ୍ତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ଦିବସ

ଢେଙ୍କାନାଳ,୪।୮ (ସମିସ): ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ଉତ୍ସାହପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ରତନ ନାୟର କହିଲେ ମୁଦ୍ରିତ ଗଣମାଧ୍ୟମର ଚାହିଦା ସବୁଦିନେ ରହିଛି ଏବଂ ଆଗକୁ ମଧ୍ୟ ରହିବ। ଓଡ଼ିଆ ଗଣମାଧ୍ୟମ ଏବଂ ବିଶେଷକରି ଉତ୍କଳ ଦୀପିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନ'ଅଙ୍କ ଦୁର୍ଭିକ୍ଷର ବିଭୀଷିକା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା, ଓଡ଼ିଆ ଭାଷା ଆନ୍ଦୋଳନ ଏବଂ ସ୍ୱାଧୀନତା ସଂଗ୍ରାମରେ 'ଉତ୍କଳ ଦୀପିକା' ସମ୍ବାଦପତ୍ର ଜନମତ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିଥିଲା। ଏହି ଅବସରରେ ସଂସ୍ଥାନର ଅଧ୍ୟାପକ, ଅଧ୍ୟାପିକା ଏବଂ ଓଡ଼ିଆ ଏବଂ ଇଂରାଜୀ ସାମ୍ବାଦିକତା, କର୍ପୋରେଟ ଯୋଗାଯୋଗ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏବଂ ମିଡିଆ ବିଭାଗ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଓଡ଼ିଆ ଅଧ୍ୟାପିକା ଡ. ଚିରସ୍ରୋତା ଜେନା ଓଡ଼ିଆ ସାମ୍ବାଦିକତାର ଗୌରବମୟ ପରମ୍ପରା, ବର୍ତ୍ତମାନର ଚ୍ୟାଲେଞ୍ଜ ଓ ଭବିଷ୍ୟତର ସମ୍ଭାବନା ଉପରେ ମତ ବିନିମୟ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଉତ୍କଳ ଦୀପିକାର ପ୍ରଥମ ପ୍ରକାଶନ ଦିବସକୁ ଓଡ଼ିଆ ସାମ୍ବାଦିକତା ଦିବସ ରୂପେ ଆଇଆଇଏମସି ଢେଙ୍କାନାଳରେ ପାଳନ କରାଯାଇଥିଲା। ସଂସ୍ଥାନର ଲାଇବ୍ରେରିଆନ ଶୁଭଙ୍କରୀ ଦାସ ଏହି ଦିବସର ମହତ୍ୱ ଉପରେ ମତ ଉପସ୍ଥାପନା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ମଞ୍ଚ ପରିଚାଳନା କରିବା ସହ ବୃତ୍ତିଗତ ଆଚରଣ ଓ ଓଡ଼ିଆ ସାମ୍ବାଦିକତା ଜାତୀୟସ୍ତରରେ ଟେକ୍ନୋଲୋଜି ସହ ଆଗେଇ ଚାଲିଛି ବୋଲି ମତବ୍ୟକ୍ତ କରିଥିଲେ।



## କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଇକାର୍ଡା ପକ୍ଷରୁ ହରଡ଼ ବିହନ ବଣ୍ଟନ

ଢେଙ୍କାନାଳ,୪।୮ (ସମିସ) : ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଇକାର୍ଡାର ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ନୂଆଗାଁ ପଞ୍ଚାୟତରେ ଦକ୍ଷତା ବିକାଶ ଓ କୃଷି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ବନଜା ନାୟକ, ଗ୍ରାମ୍ୟ କୃଷି ଅଧିକାରିଣୀ ପ୍ରତିମା ବେହେରା, ସରପଞ୍ଚ ସନ୍ତୋଷ ଭୂୟାଁ ପ୍ରଶିକ୍ଷଣ ଦେଇଥିଲେ। ଇକାର୍ଡା ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଆଶିଷ ଜେନା ସରକାରଙ୍କ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ବ୍ଲକ ସଂଯୋଜକ ଆଶୀର୍ବାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ନୂଆଗାଁ ଗ୍ରାମରେ ୨୫ ଜଣ ଅଗ୍ରଣୀ ଚାଷୀଙ୍କୁ ଉନ୍ନତି କୃଷି ପଦ୍ଧତି, ବିଲୁପ୍ତପ୍ରାୟ ଫସଲ ସଂରକ୍ଷଣ ଏବଂ ସ୍ଥାୟୀ କୃଷି ପ୍ରଣାଳୀ ସମ୍ପର୍କରେ ସଚେତନ କରାଯିବ ସହ ହରଡ ବିହନ ବଣ୍ଟନ କରାଯାଇଥିଲା। ଇକାର୍ଡା ଅନୁଷ୍ଠାନର ଏହି ଅଭିନବ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଜଙ୍ଗଲ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା

ଢେଙ୍କାନାଳ,୪।୮ (ସମିସ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଢେଙ୍କାନାଳ ବନଖଣ୍ଡ ବିଭାଗ ଆନୁକୂଲ୍ୟରେ ଜଙ୍ଗଲ ଆଇନ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନ୍‌ଗୋ ଜଙ୍ଗଲ୍ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନର ତଦନ୍ତ ପ୍ରକ୍ରିୟାରେ ରହୁଥିବା ତ୍ରୁଟି ବିଚ୍ୟୁତି ତଥା ଅଦାଲତରେ ସରକାରୀ ଓକିଲ କିପରି ମାମଲାକୁ ସଠିକ ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାକୁ ଜିଲ୍ଲା ଦୌରାଜଜ ପ୍ରଣବ ରାଉତରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାସ ଜଙ୍ଗଲ ଆଇନ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ତଦନ୍ତ ସମୟରେ ଏବଂ କୋର୍ଟରେ ମାମଲା ପରିଚାଳନା ଉପରେ ଗୁରୁତ୍ୱ ଦେବା ଉପରେ ପରାମର୍ଶ ଦେଇଥିଲେ। ବନଖଣ୍ଡ ଅଧିକାରୀ ଲଳିତ ପାତ୍ର ଯୋଗଦେଇ ହାତୀ ମୃତ୍ୟୁ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଗଣେଶ ବେହେରା କର୍ମଶାଳାର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଚିଫ ଡିଫେନ୍ସ କାଉନସିଲର ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ପ୍ରଶିକ୍ଷକ ଆଇନଜୀବୀ ଅଶୋକ ପଟ୍ଟନାୟକ ତଦନ୍ତର ବିଭିନ୍ନ ଦିଗ ବାବଦରେ ଆଲୋଚନା କରିଥିଲେ। ଏସିଏଫ୍ ନିନେନ୍ଦୁ ଜଳପତି, ପବ୍ଲିକ ପ୍ରୋସିକ୍ୟୁଟର ସୀତାକାନ୍ତ ଦାସ, ଅଭିଯୋଜନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ମଧୁସ୍ମିତା ଦାସ, ଏପିପି ଶାଶ୍ୱତ ଜେନା, ଏପିପି ହରିହର ମହାରଣା, ସାଇବର ସେଲ୍‌ର ଡିପିଓ ଶ୍ରୀକ୍ରିଷ୍ଣା ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଶ୍ନୋତ୍ତର ଆଲୋଚନାରେ ଜିପି ନବକିଶୋର ଗୁରୁ ଭାଗ ନେଇଥିଲେ। ଗଣେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥପୁରରେ ପାଚିକା ଓ ସହାୟିକାଙ୍କ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର

ଗଁଦିଆ,୪।୮ (ସମିସ) : ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ତଥା ସହାୟିକାଙ୍କ କ୍ଲଷ୍ଟର ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ଛାୟା ପ୍ରକାଶ ବେହେରା ତାଲିମର ସଂଯୋଜନା କରିବା ସହ ପାଚିକା ଓ ସହାୟିକାଙ୍କ ଦାୟିତ୍ୱ, ବ୍ୟକ୍ତିଗତ ପରିଚ୍ଛନ୍ନତା, ଆଦର୍ଶ ରନ୍ଧନ ପ୍ରଣାଳୀ, ରୋଷେଇ ଶାଳାର ସ୍ୱଚ୍ଛତା, ଜୀବାଣୁ ନିୟନ୍ତ୍ରଣ, ଆବର୍ଜନା ପରିଚାଳନା, ଖାଦ୍ୟ ଚାଖିବା ଓ ସୁରକ୍ଷିତ ପରିବେଷଣ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସନ୍ଥପୁର କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ପାଚିକା ଓ ସହାୟିକାମାନେ ଏଥିରେ ଯୋଗଦେଇ ଉପକୃତ ହେବା ସହ ମାନପତ୍ର ପ୍ରାପ୍ତ କରିଛନ୍ତି । ଶେଷରେ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ମନୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସଞ୍ଜୟ କୁମାର ଜେନା, ମନୋଜ କୁମାର ବଳିୟାର ସିଂହ ଏବଂ କର୍ମଚାରୀ ହେମନ୍ତ କୁମାର ନାୟକ ସହଯୋଗ କରିଥିଲେ।

## ବାବା ଆଖଣ୍ଡଳମଣିଙ୍କ ପୀଠରେ ପୂଜାର୍ଚ୍ଚନା

ଢେଙ୍କାନାଳ,୪।୮ (ସମିସ) : ସ୍ଥାନୀୟ ଭାଗୀରଥି ସାଗର କୂଳରେ ଅବସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଭକ୍ତିମୟ ପରିବେଶ ମଧ୍ୟରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ପ୍ରଭାତରୁ ମଙ୍ଗଳ ଆଳତି, ମହାସ୍ନାନ, ବେଲପତ୍ର ଅର୍ପଣ, ବିଭିନ୍ନ ପ୍ରକାରର ପୁଷ୍ପ ଓ ଭୋଗ ଲାଗି ସହ ବିଧିବଦ୍ଧ ଭାବେ ବାବାଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ ନୀତି ପରେ ସନ୍ଧ୍ୟାରେ ଆଳତି ଓ ଘର୍ଷଣୀ ନୀତି ସହ ବାବାଙ୍କୁ ମନୋରମ ମେଳା ବେଶରେ ସଜାଯାଇଥିଲା। ଏହି ଅବସରରେ ଚୁଡ଼ା ଘସା ଓ ପଣା ଭୋଗ ଲାଗି କରାଯାଇଥିଲା। ପୂଜକ ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ପଣ୍ଡା ବିଧିବଦ୍ଧ ଭାବେ ସମସ୍ତ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଶ୍ରାବଣ ମାସରେ ବାବାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

## ନନ୍ଦିନୀ ଦେବୀଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ,୪।୮ (ସମିସ) : ସ୍ଥାନୀୟ କଣ୍ଟାନାଳୀ ବାଇପାସ୍ ଛକ ନିକଟସ୍ଥ ନନ୍ଦିନୀ ଦେବୀ ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ନନ୍ଦିନୀ ଦେବୀଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ଏହାର ସଭାପତି ପ୍ରଦ୍ୟୁମ୍ନ ରଥ, ସହ-ସଂପାଦକ ପ୍ରଦୀପ କୁମାର ଧଳ ଓ ସକ୍ରିୟ ସଭ୍ୟ ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ପୁଷ୍ପମାଲ୍ୟାର୍ପଣ ଓ ଧୂପଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମିତି ପକ୍ଷରୁ ଜିଲାବି ବଣ୍ଟନ କରାଯାଇଥିଲା। ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମରେନ୍ଦ୍ର ସାହୁ, ଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଓ ସରୋଜ ସାମଲ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରକାଶ ପାଣିଗ୍ରାହୀ ଓ ଆଲୋକ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ଢେଙ୍କାନାଳ,୪।୮ (ସମିସ) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ମେରାମଣ୍ଡଳୀସ୍ଥିତ ଶିବ ଇମ୍ପିରିଆଲଠାରେ ବାହକଜନିତ ରୋଗ ନିୟନ୍ତ୍ରଣ ପାଇଁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସିଡିଏମ୍‌ଓ ଡା. ମଦନ ମୋହନ ପ୍ରଧାନ, ଏଡିପିଏଚ୍‌ଓ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଏଡିପିଏଚ୍‌ଓ ଡା. ପୂର୍ଣ୍ଣିମା ଉଦ୍‌ଗାତା, ଜିଲ୍ଲା ଭିବିଡି କନ୍‌ସଲ୍‌ଟାଣ୍ଟ କବିର ସ୍ୱାଇଁ, ଅଞ୍ଚଳୀୟ କୀଟତତ୍ତ୍ୱ ବିଶେଷଜ୍ଞ ପ୍ରେମାଞ୍ଜନ ପଣ୍ଡା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ପବ୍ଲିକ୍ ହେଲ୍‌ଥ ଲିଡ୍ ନିଳିମା ତିର୍କୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଟିଏସ୍‌ଏଫ୍‌ର ପବ୍ଲିକ୍ ହେଲ୍‌ଥ ଟିମ୍ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଡାକ୍ତର ମଦନ ମୋହନ ପ୍ରଧାନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଭାବେ ପରିଚିତ ଡାକ୍ତର ପ୍ରଧାନ, ଭାରତର ଅନ୍ୟତମ ସଫଳ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକାରିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯାହାଫଳରେ ଓଡ଼ିଶାରେ, ବିଶେଷକରି ଦୁର୍ଗମ ଆଦିବାସୀ ଅଞ୍ଚଳରେ, ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମିବା ସହ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ଏହି ବୈଠକରେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବର୍ତମାନର ଜୀବାଣୁ ବାହକ ରୋଗ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯିବା ସହ ଏହାର ମୁକାବିଲା ଲାଗି ପ୍ରସ୍ତୁତି, ସର୍ଭେଲାନ୍ସ, ପ୍ରତିରୋଧ ଏବଂ ଜନସାଧାରଣଙ୍କ ଭାଗିଦାରୀ ବୃଦ୍ଧି କରିବା ପାଇଁ ଆଲୋଚନା କରାଯାଇଥିଲା। ମ୍ୟାଲେରିଆ, ଡେଙ୍ଗୁ, ଚିକନ୍‌ଗୁନିଆ ଭଳି ମଶାବାହକ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ, ସହଯୋଗୀ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଠିକ୍ ସମୟରେ ସର୍ବେକ୍ଷଣ, ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା, ପରିବେଶ ପରିଷ୍କାର-ପରିଚ୍ଛନ୍ନତା, ମଶା ବଂଶବୃଦ୍ଧି ରୋକିବା ଏବଂ ନିରନ୍ତର ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ମିଳିତ ଭାବେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏକ ସୁସ୍ଥ ଓ ନିରାପଦ ପରିବେଶ ଗଢ଼ିତୋଳିବା ପାଇଁ ସଙ୍କଳ୍ପ ନେଇଥିଲେ।

# କର୍ମଚାରୀଙ୍କୁ ସୁରକ୍ଷା ଦାବିରେ କଲମଛାଡ଼ ଆନ୍ଦୋଳନ

ଢେଙ୍କାନାଳ,୪।୮ (ସମିସ)




ସଦର ବ୍ଲକ ଅନ୍ତର୍ଗତ କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମରେ ମହିଳା ପିଇଓ ଏବଂ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ନେଇ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଥିବାର ଜଣାପଡିଛି । ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଦାବୀକୁ ନେଇ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ଏହି ଧାରଣା ଦେଇ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଧାରଣା ଅବ୍ୟାହତ ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ କେତେକ ଦଳୀୟ କର୍ମଚାରୀଙ୍କ ସମେତ ଅନ୍ୟ କର୍ମୀମାନେ ମହିଳା ପିଇଓ ଏବଂ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ନେଇ ଏହି କଲମଛାଡ ଆନ୍ଦୋଳନ ଜାରି ରଖିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ସରକାରୀ କର୍ମଚାରୀମାନଙ୍କ ସୁରକ୍ଷା, ଦୁର୍ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, କର୍ମକ୍ଷେତ୍ରରେ ରାଜନୈତିକ ଚାପର ଦୁରିକରଣ, ମିଥ୍ୟା ଆରୋପ ବିରୁଦ୍ଧରେ ସଠିକ ତଦନ୍ତ, ମହିଳା ପିଇଓଙ୍କୁ ଅସମ୍ମାନ କରିଥିବା ଦଳୀୟ କର୍ମୀଙ୍କ କ୍ଷମାପ୍ରାର୍ଥନା ଦାବୀରେ ସଦର ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ଜିଆରଏସ କର୍ମଚାରୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ସର୍ବସମ୍ମୁଖରେ ବିଡିଓଙ୍କୁ ବଦଳି କରିବା ଏବଂ ଜଣେ ମହିଳା ପିଇଓଙ୍କୁ ଚୁପ ବୋଲି କହିବାର ଭିଡିଓ ବେଶ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

## ପାଣି ଆସିଲା ପରେ ବି ସରିଲାନି କେନାଲ ସଫେଇ କାମ

# ଅଧା କାମ କରି ଠିକାଦାର ଛୁ, କେନାଲ ମୁହଁରେ ମାଟି

ପଞ୍ଚୁପାଣ୍ଡବ,୪।୮ (ସମିସ)



ରାଜ୍ୟ ସାରା ଚାଷ କରିବା ପାଇଁ ଚାଷୀ ତତ୍ପର ହେବା ସହ ବିଭିନ୍ନ କେନାଲରେ ପାଣି ଆସିଥିବା ଦେଖିବାକୁ ମିଳୁଛି। ପାଣି ଆସିବା ପୂର୍ବରୁ କେନାଲ ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ କେତେକ ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ପାଇଁ ଚାଷୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଏହା ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ପଞ୍ଚୁପାଣ୍ଡବ ଛକଠାରୁ ସଦାନନ୍ଦପୁର ୮ ନମ୍ବର କେନାଲ କ୍ଷେତ୍ରରେ ଦେଖିବାକୁ ମିଳୁଛି। କଟକ ଜିଲ୍ଲା ଅଧୀନରେ ଥିବା ଅଚ୍ୟୁତପୁର ସେକ୍ସନର କେନ୍ଦୁପାଟଣାଠାରୁ ଡେରାବିଶ ବ୍ଲକ ଛତା ସେକ୍ସନର ସଦାନନ୍ଦପୁର ପର୍ଯ୍ୟନ୍ତ ୮ ନମ୍ବର କେନାଲରେ ପ୍ରତିବର୍ଷ ନିମ୍ନମାନର କାମ କରାଯାଉଥିବାବେଳେ ଏବେ ଏହି କେନାଲରେ ଠିକାଦାର ମଝିରୁ କେନାଲ ସଫା କରୁଥିବାବେଳେ ସଦାନନ୍ଦପୁର ଦେଇଯାଇଥିବା କେନାଲକୁ ଠିକାଦାର ଅଧା ସଫେଇ କରି କେତେକ ଜାଗାରେ ଛାଡ଼ିଦେଇଥିବା ଅଭିଯୋଗ ହେଉଛି। ପଞ୍ଚୁପାଣ୍ଡବ ଛକ ନିକଟରେ ରାଜପଥ ବ୍ରିଜ ତଳେ ଯାଇଥିବା କେନାଲ ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚର ମାଟି ଥିବାବେଳେ କେନାଲ ମୁହଁରୁ ବର୍ଷ କାଳ ହେବ ମାଟି ରହିଥିବା ଦେଖିବାକୁ ମିଳୁଛି। ରଜପଥ କାମ ପରେ ବ୍ରିଜ ନିର୍ମାଣ ହୋଇ ସରିଥିବାବେଳେ ଏ ପର୍ଯ୍ୟନ୍ତ କେନାଲ ଭିତରେ ଥିବା ମାଟି ଉଠିନାହିଁ। ଏହି କେନାଲରେ ମାଟି ପକାଇ କେତେକ ଲୋକେ ଯାତାୟାତ କରୁଥିବାବେଳେ କେତେକ ଲୋକ ମନଇଚ୍ଛା ପୋଲ ନିର୍ମାଣ କରିଥିବାରୁ ପାଣି ଯିବା ପାଇଁ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏ ବିଷୟରେ ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଠିକାଦାର ଓ ଜଳ ସମ୍ପଦ ବିଭାଗକୁ ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାର ସମାଧାନ କରୁନାହାନ୍ତି। ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ କାର୍ଯ୍ୟ କରିବା ସହ ସମସ୍ୟାର ସମାଧାନ କରାଯିବ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯେତେ ଶୀଘ୍ର ଅଧୁରା କେନାଲ ସଫେଇ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସମୀକ୍ଷା ବୈଠକ



ପଟ୍ଟାମୁଣ୍ଡାଇ,୪।୮ (ସମିସ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କେନ୍ଦ୍ରାପଡ଼ା ଶାଖା ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ମଣ୍ଡଳରୁ ଆସିଥିବା କର୍ମକର୍ତ୍ତା ଯୋଗଦେଇ ଗତବର୍ଷ ପାଳିତ ହୋଇଥିବା ସଂସ୍କୃତ ଦିବସର ସମୀକ୍ଷା କରିବା ସହିତ ଆୟବ୍ୟୟ ତାଲିକା ସମ୍ପାଦକ ପଣ୍ଡିତ ଭଗବାନ ସାହୁ ଉପସ୍ଥାପନ କରିବା ପରେ ସମସ୍ତଙ୍କ ସହମତିରେ ଗୃହୀତ ହୋଇଥିଲା। ଆଗାମୀ ଦିନରେ ମଣ୍ଡଳସ୍ତରୀୟ ବୈଠକ କରାଯାଇ ସଂଗଠନକୁ ସୁଦୃଢ଼ କରିବାକୁ ସଭାପତି ମତ ଦେବା ସହିତ ବକେୟା ସଭ୍ୟ ଚାନ୍ଦା ଗ୍ରହଣ କରିବାକୁ ପ୍ରତ୍ୟେକ ମଣ୍ଡଳ ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ସଂସ୍କୃତ ଦିବସ ପାଳନକୁ ସଫଳତାର ସହ ଆୟୋଜନ ପାଇଁ ଚଳିତ ବର୍ଷ ନୂତନ କର୍ମକର୍ତ୍ତା ଚୟନ ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଜୟନ୍ତ ପଣ୍ଡା, ପ୍ୟାରୀମୋହନ ସ୍ୱାଇଁ, ଶିବପ୍ରସାଦ ରଥ, ଶ୍ରୀବାସ ତ୍ରିପାଠୀ, ଅମୀୟ କର, ସରୋଜ ସାହୁ, ରଞ୍ଜନ ଜେନା, ସରୋଜ ଦାଶ ପ୍ରମୁଖ ବହୁ ସଂସ୍କୃତ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପଣ୍ଡିତ ଶ୍ରୀନାଥ ମିଶ୍ର ବେଦ ପାଠ କରିଥିବାବେଳେ ହାଡ଼ିବନ୍ଧୁ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ୭ଟି ପଞ୍ଚାୟତରେ ଧାନ ତଳି ନଷ୍ଟ ଆଶଙ୍କା

# ପାଣି ନିଷ୍କାସନ କରାନଗଲେ, ଆନ୍ଦୋଳନ କରିବେ ଚାଷୀ

ରାଜନଗର,୪।୮ (ସମିସ)

ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକ୍‌ର ଗୁପ୍ତି ନିକଟରେ ଚେକ୍‌ଡ୍ୟାମ୍ ନିର୍ମାଣ ସରିଥିଲେ ମଧ ଦୀର୍ଘ ୬ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇନି। ଫଳରେ ୭ଟି ପଞ୍ଚାୟତର ଚାଷୀଙ୍କ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ହା ହୁତାସରେ କାଳ କାଟୁଛନ୍ତି। ବନ୍ୟା ଓ ଲଗାଣ ବର୍ଷା ସମୟରେ ଧାନ ତଳି ପାଣିରେ ବୁଡ଼ି ରହିଛି। ରାଜନଗର-ଗୋପାଳପୁର ତଟବନ୍ଧ ରାସ୍ତାରେ ଥିବା ୨/୩ଟି ସ୍ଲୁଇସରେ ପାଣି ନିଷ୍କାସନ ହେଉଛି। ଯାହା ଯଥେଷ୍ଟ ନୁହେଁ। ଏବେ ମଧ ତଳି କ୍ଷେତ ଆଣ୍ଠୁଏରୁ ଅଧିକ ପାଣିରେ ବୁଡ଼ି ରହିଛି। ଏ ନେଇ ୭ଟି ପଞ୍ଚାୟତର ଚାଷୀ ରାଜନଗର ତହସିଲଦାରଙ୍କୁ ଜୁଲାଇ ୩୧ତାରିଖରେ ଭେଟି ଗୁପ୍ତି ଚେକ୍‌ଡ୍ୟାମ୍ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କାଟି ଜଳ ନିଷ୍କାସନ ପଥ ପରିଷ୍କାର କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଡ୍ରେନେଜ୍ ଡିଭିଜନ ପକ୍ଷରୁ ଚେକଡ୍ୟାମ୍ ନିର୍ମାଣ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସଂଯୋଗ କରିବା ପାଇଁ ଆପ୍ରୋଚ୍ ରୋଡ ନିର୍ମାଣ ସରିଛି। ବନ୍ୟା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଗ୍ରାମ୍ୟ ଉନ୍ନୟନ ରାସ୍ତା କଟାଗଲେ ପାଣି ନିଷ୍କାସନ ହୋଇପାରିବା ସହ ଯାତାୟାତରେ କୌଣସି ଅସୁବିଧା ହେବନାହିଁ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗୁପ୍ତି, ଡେରା, କୁରୁଣ୍ଡି, ହାତିନା, ଭିତରଗଡ, କଣ୍ଡିରା, ଚାନ୍ଦି ବାଉଁଶମୂଳ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ପାଇଁ ତଳି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଚେକ୍‌ଡ୍ୟାମ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତ, କଣ୍ଡିରା ସରପଞ୍ଚ ହେମଲତା ମାହୁଁନ୍ତ, ଗୁପ୍ତି ସରପଞ୍ଚ ଶାଢିଲତା ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କାଳନ୍ଦୀଚରଣ ରାଉତରାୟ, ସମିତି ସଭ୍ୟା ପ୍ରତୀମା ସାହାଣୀ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଗିରିଶ ନାୟକଙ୍କ ସମେତ ବହୁ ଚାଷୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଚାଷୀଙ୍କ ଦାବିକୁ ପ୍ରଶାସନ ତୁରନ୍ତ କାର୍ଯ୍ୟକାରୀ ନ କଲେ, ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀ

## ବିଦ୍ୟାଳୟରରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବିପତ୍ର




ରାଜନଗର,୪।୮ (ସମିସ): ରାଜନଗର ସଦର ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟରରେ ଶିଶୁ ବାଟିକାଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀରେ ୨୪୪ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ୩୦ ଜଣ ଛାତ୍ରଛାତ୍ରୀରେ ଜଣେ ଶିକ୍ଷକ ରହିବା କଥା। ତେବେ ଏହି ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଯାହା ପିଲାଙ୍କୁ ପଢାଇବାରେ ଅସୁବିଧା ହେଉଛି। ୮ ଜଣ ଶିକ୍ଷକ ସ୍ଥାନରେ ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାରୁ ଆଜି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତୁରନ୍ତ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ମାନିନୀ ସେଠୀ, ପ୍ରତୀମା ସେଠୀ, ମମତା ସେଠୀ, ମନ୍ମଥ ମଲିକ, ବାସୁଦେବ ସାହୁ, ଉମେଶ ଦାସ, ସଙ୍ଗୀତା ସାହୁ, ପ୍ରଭାତ ମଲିକ, ପଦ୍ମିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଖାଉଟି କେନ୍ଦ୍ରରେ ଚାଉଳ ପାଇଁ ହିତାଧିକାରୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୪।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ସରକାରୀ ଖାଉଟି କେନ୍ଦ୍ରରେ ସରକାରୀ ଚାଉଳ ପାଇଁ ହିତାଧିକାରୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ମାସକୁ ମୁଣ୍ଡପିଛା ପାଞ୍ଚ କେଜି ମାଗଣା ଚାଉଳ ମିଳୁଥିଲା। କିନ୍ତୁ ରାଜ୍ୟ ସରକାର ଆଉଏକ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ପାଞ୍ଚ କେଜି ମାଗଣା ଚାଉଳ ଦେବେ ବୋଲି କହିଛନ୍ତି। କିନ୍ତୁ ଦୁଇ ମାସର ଚାଉଳ ଦେଇ ଆଉ ଥରକୁ ଦେଲା ବେଳକୁ ଭଉା ପାଇଁ ହନ୍ତସନ୍ତ ଘଟଣା ଭଳି ଚାଉଳ ଦଶା ଖାଉଟିଙ୍କୁ ଭୋଗିବାକୁ ପଡ଼ିଛି। ଏବେ କିଛିଦିନ ତଳେ ଚାଉଳ ବଣ୍ଟନ କରାଯାଇଥିଲା। କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ବଣ୍ଟନ ପାଇଁ ଡିଲରମାନେ କିଛି ହିତାଧିକାରୀଙ୍କୁ ଦେଲା ବେଳକୁ ଅନ୍ୟ ଖାଉଟି ଫେରିଯାଇଥିଲେ। ବେଣୀପୁର, ଛୋଟି, ରଘୁଦେଇପୁର, ମଙ୍ଗଳପୁର ଓ ବିଭିନ୍ନ ପଞ୍ଚାୟତରେ ଥିବା ଖାଉଟି କେନ୍ଦ୍ରରୁ ଚାଉଳ ପାଇଁ ଫେରୁଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ଡିଲରଙ୍କୁ ପଚାରିବାରୁ ସେ କହିଛନ୍ତି, ସଫ୍ଟୱେର କାମ ଚାଲୁଥିବାରୁ ଏବେ ଚାଉଳ ଦେଇ ହେବନାହିଁ। ଏବେ ଚାଉଳ ମିଳିବ କି ନାହିଁ ଲୋକେ ସରକାରଙ୍କ ପାରିବାପଣିଆକୁ ନେଇ ଆଲୋଚନା କରୁଛନ୍ତି। ଅନ୍ୟଜଣେ ଡିଲରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା କେବଳ ଡେରାବିଶ ବ୍ଲକର ସମସ୍ୟା ନୁହେଁ, ରାଜ୍ୟସାରା ଏହି ସମସ୍ୟା ହୋଇଥିବା କହିଛନ୍ତି।

## ଭାମଣ୍ଡା-ବଟରପଡ଼ା ରାସ୍ତା ପାଲଟିଛି ମରଣଯନ୍ତା

ରାଜକନିକା,୪।୮ (ସମିସ)



ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ଭାମଣ୍ଡା-ବଟରପଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ସରିଥିବା ଏହି ରାସ୍ତା ଦୁଇବର୍ଷ ଭିତରେ ଖରାପ ହୋଇ ଗମନାଗମନ ବ୍ୟାହତ ହେବା ନେଇ ବିଭାଗର ନିର୍ମାଣ ନିଷ୍ଠାକୁ ପଦାରେ ପକାଇଛି। ରାସ୍ତାର ଦୁରବସ୍ଥା ନେଇ ଜନଅସନ୍ତୋଷ ବଢୁଥିବାବେଳେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଅଞ୍ଚଳବାସୀ। ରାଜକନିକାର ସିହୋପଡାଠାରୁ ହାଟସାହି ଭାୟା ବଟରପଡା ଦେଇ ଦୀର୍ଘ ୬ କିଲୋମିଟର ଏହି ରାସ୍ତା ଉପରେ ଦୈନନ୍ଦିନ ହଜାର ହଜାର ଲୋକ ନିର୍ଭର କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଥିବାବେଳେ ଗତ ଦୁଇବର୍ଷ ପୂର୍ବରୁ ରାସ୍ତା ନିର୍ମାଣ ହୋଇଥିଲା। ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଥିବାରୁ ଏବେ ଅନେକ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ପିଚୁ ଉଠିଗଲାଣି। ଫଳରେ ଯାତ।ୟତରେ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ସହ ଗାଡ଼ି ଚାଳକ ହାତ ଗୋଡ଼ ଭାଙ୍ଗି ଘରେ ପଡ଼ିଥିବା ସୂଚନା ରହିଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନିୟମ ମୁତାବକ ପାଞ୍ଚବର୍ଷ ଯାଏ ସମ୍ପୃକ୍ତ ଠିକାଦାର ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ନେବା କଥା। କିନ୍ତୁ ଠିକାଦାରଙ୍କ ମନମୁଖୀ କାମ ସହ ବିଭାଗର ଦାୟିତ୍ୱହୀନତା ଯୋଗୁ ହତାଶ ହେଉଛନ୍ତି ଅଞ୍ଚଳର ଲୋକ। ବାରମ୍ବାର ଅଭିଯୋଗ ପରେ ବି ରାସ୍ତା ମରାମତି କରିବାକୁ ଠିକାଦାର ଆଦୌ ଗୁରୁତ୍ୱ ନ ଦେବା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏକ ଜନଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

## ଚାନ୍ଦୋଳ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଡେରାବିଶ, ୪।୮ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଦୟାନିଧି ପାଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ବିଭୂତି ଭୂଷଣ ସାମଲ, ଶ୍ରୀନିବାସ ଭୂୟାଁ ଓ ଡକ୍ଟର ମିହିର କୁମାର ସାହୁ, ଶିକ୍ଷାବିତ୍ ଉର୍ମିଳା ରାଉତ ଯୋଗଦେଇ ମହାବିଦ୍ୟାଳୟର ଇତିହାସ ଓ ଏହି ଅନୁଷ୍ଠାନ ଗଠନରେ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଗ୍ରନ୍ଥାଗାରିକ ସରୋଜ ଭଦ୍ର, ପୂର୍ବତନ ଅଧ୍ୟାପକ ସଞ୍ଜୟ ବରାଳ, ପୂର୍ବତନ କ୍ରୀଡ଼ା ପ୍ରଶିକ୍ଷକ ସରୋଜ କର, ପୂର୍ବତନ କର୍ମଚାରୀ ବାସୁଦେବ ପତି, ଦିବାକର ଲେଙ୍କା ପ୍ରମୁଖ ଯୋଗଦେଇ ସେମାନଙ୍କର ମହାବିଦ୍ୟାଳୟର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ +୨ ଓ +୩ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପରିଷଦର ସମ୍ପାଦିକା ଅଧାପିକା ସୁକନ୍ୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ଅଧାପକ ଶଶୀଭୂଷଣ ଜେନା, ବରଦା ଜେନା, ପ୍ରଭାକର ଦାସ, ଦିବ୍ୟକୁମାର ଦାସ, ଅଧାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଧସିବ ମନ୍ତପଡ଼ା କଲଭର୍ଟ, ଆଶଙ୍କାରେ ଲୋକେ

ରାଜକନିକା, ୪।୮ (ସମିସ): ବନ୍ୟାବନ୍ଧର କଲଭର୍ଟ ପାଖରେ ବିରାଟ ଗାତ। ଦିନକୁ ଦିନ ଏହି ଗାଡ଼୍ ବଢ଼ିବାରେ ଲାଗିଛି। କେତେବେଳେ ଯେ ଭୁଶୁଡି ପଡିବ, ତାହା କହିବା ମୁସ୍କିଲ। ବରାଡ଼ିଆ ଉପୁଳାଇ ବନ୍ୟାବନ୍ଧର ମନ୍ତପଡ଼ା ଗାଁ ପାଖ କଲଭର୍ଟ ଏମିତି ସଙ୍ଗୀନ ଅବସ୍ଥାରେ ରହିଛି। ବନ୍ୟାବନ୍ଧ ହୋଇଥିଲେ ବି ଏହି ବାଟ ଦେଇ ଦୈନିକ ବରାଡ଼ିଆ, ଜୟନଗର ପଞ୍ଚାୟତର ଲୋକେ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ବହୁ ଭାରୀଯାନ ଚଳପ୍ରଚଳ କରୁଥିବାବେଳେ ପୂର୍ବ କନିକାର ତ୍ରୈଲୋକ୍ୟପୁର, ଆଖୁଳିପଡା, ଜୟନଗର, କୋଇଲିପୁର, କୋରନ୍ଦ ଆଦି ପଞ୍ଚାୟତର ଚାଷଜମିରୁ ବାହାରୁଥିବା ବଳକା ପାଣି ନଦୀକୁ ନିଷ୍କାସନ ହେବାକୁ ଏହି ବାଟ ଏକମାତ୍ର ଭରସା ଥିବାବେଳେ ଏହି କଲଭର୍ଟ ଦେଇ ବୈତରଣୀ ନଦୀକୁ ବାହାରିଯାଏ। ବର୍ଷସାରା ଚାଷଜମିକୁ ପାଣି ପଶିବା ହେଉ କି ବାହାରିବା ସବୁ ଏହି କଲଭର୍ଟ ଦେଇ ହେଉଥିବାବେଳେ ଏହାର କବାଟ ମଧ୍ୟ ଉଠାଇବା ପକାଇବା କରାଯାଇଥାଏ। ତେବେ ବର୍ଷ ବର୍ଷ ଧରି ଚାଷୀଙ୍କ ଭରସା ପାଲଟିଥିବା ମନ୍ତପଡାର ଏହି କଲଭର୍ଟ ମରାମତି ହେଉ ନ ଥିବାରୁ ଏହାର ରାସ୍ତା ପଟରୁ ମାଟି ଧସିବାରେ ଲାଗିଛି। ବଢ଼ି ଚାଲିଥିବା ଗାଡ଼୍ ପ୍ରତି ବାଟୋଇଙ୍କ ନଜର ପଡ଼ିବା ଲାଗି ଏହି ଗାଡ଼୍‌ରେ କେହି ସହୃଦୟ ବ୍ୟକ୍ତି କିଛି ଝଟା ପକାଇ ମହତ କାମ କରିଥିବାରୁ ଦୁର୍ଘଟଣାକୁ ଏଡାଇ ଦେଇ ହେଉଛି। ବର୍ଷାଦିନେ ଏହି କଲଭର୍ଟର ସ୍ଥିତି ଦୋହଲିବାକୁ ଯାଉଥିବାବେଳେ କନିକା ତଟବନ୍ଧ ଉପଖଣ୍ଡ ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

## ନିର୍ମାଣ ଶ୍ରମିକଙ୍କ ପରଲୋକରେ ଶୋକସଭା

ଡେରାବିଶ, ୪।୮ (ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଆଳି ବ୍ଲକ ଅଞ୍ଚଳର ସଂଘର ଜଣେ ବରିଷ୍ଠ ସଦସ୍ୟ ତଥା ଶ୍ରମିକ ସଂଗଠକ ସତ୍ୟରଞ୍ଜନ ରାୟଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ନାରାୟଣ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ରାୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ, ଅକ୍ଷୟ ଲେଙ୍କା, ବାହାଲି ଟୁଡୁ, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ମହେଶ୍ୱର ନାୟକ, କାର୍ତ୍ତିକ ବେହେରା, ମହେଶ୍ୱର ସାହୁ, ମନୋଜ ପରିଡ଼ା, ଅନିରୁଦ୍ଧ ପୃଷ୍ଟି, ଧୀରେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକସ୍ତରୀୟ ସମ୍ମିଳନୀ

ରାଜନଗର,୪।୮ (ସମିସ)



ରାଜନଗର ବ୍ଲକ ଅନ୍ତର୍ଗତ ଶ୍ରୀନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିର ବ୍ଲକ ସମ୍ପାଦକ ତଥା ଆବାହକ ସମିରଣ ମଣ୍ଡଳଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ସଭାପତି ମାନସ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ନେତା ମହେଶ୍ୱର ରାଉତ, ସର୍ବେଶ୍ୱର ମହାନ୍ତି, ବିଜୟ ଜେନା, ବିଜୟ ପାତ୍ର, ରାଜ୍ୟ ଓଷ୍ଟା ଉପସଭାପତି ସୁଶାନ୍ତ ପ୍ରଧାନ ଓ ବ୍ଲକ ସମ୍ପାଦକ ଚିତ୍ତରଞ୍ଜନ ସାହୁ ଯୋଗଦେଇ ଆଗାମୀ ବ୍ଲକସ୍ତରୀୟ ବିକ୍ଷୋଭ, ଜିଲ୍ଲାସ୍ତରୀୟ ବିକ୍ଷୋଭ ଓ ୧୬ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକ୍ଷୋଭରେ ସାମିଲ ହେଇ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ୧୯୪ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପୂର୍ଣ୍ଣ ପେନସନ ପ୍ରଦାନ, ୨୦୦୪ରୁ ୨୦୧୪ ଯାଏ ଏନପିଏସ ବର୍ଗର ଶିକ୍ଷକଙ୍କୁ ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ସହିତ ସମସ୍ତଙ୍କ ପାଇଁ ଅବିକଳ ପୁରୁଣା ପେନସନ ପ୍ରଚଳନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପୂର୍ବ ମିଳନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

ରାଜନଗର,୪।୮ (ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ଆନୁକୂଲ୍ୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା ଅଧ୍ୟକ୍ଷତା କରିବା ସହିତ ସାମ୍ପ୍ରତିକ ସମୟରେ ଅସାମାଜିକ ବ୍ୟକ୍ତିଙ୍କଠାରୁ ସୁରକ୍ଷା ପାଇବାକୁ ପ୍ରତ୍ୟେକ ନାରୀ ମାନସିକ, ଶାରୀରିକ ସ୍ତରରେ ସଶକ୍ତ ହେବା ଆବଶ୍ୟକ ବୋଲି କହିଥିଲେ। ଶକ୍ତିଶ୍ରୀ ସେଲ୍ ସଂଯୋଜିକା ଅଧାପିକା ଭଗବତୀ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ନାରୀ ସଶକ୍ତ ହେବାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ ଉପସ୍ଥିତ ଛାତ୍ରୀଙ୍କୁ ନିଜ ସୁରକ୍ଷା ନିଜେ ନେବାକୁ ହେଲେ ଏହି ତାଲିମ ନେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶକ୍ତିଶ୍ରୀ ସାଥୀ ସ୍ମୃତିଝରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିବାବେଳେ ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଡେରାବିଶ, ୪।୮ (ସମିସ): କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଘିଲୋବାବନପୁର ମାରୁତି ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ବିଚିତ୍ର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ରେଣୁବାଳା ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ୍ ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର ଓ ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର, ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ ମଲିକ, ପ୍ରାକ୍ତନ ସାଧନ କର୍ମୀ ରାମଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷାବିତ ପ୍ରମୋଦ ବେହେରା ଓ ଏସଏମସି ସଭାପତି ମନୋରଞ୍ଜନ ରାଉତ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଓ ଛାତ୍ର ବତ୍ସଳତା ସମ୍ପର୍କରେ ମତ ରଖିଥିଲେ। ଏ ଅବସରରେ ଶିକ୍ଷାବିତ୍ ଈଶ୍ୱର ପୃଷ୍ଟିଙ୍କ ସଂଯୋଜନାରେ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋରଞ୍ଜନ ସାମଲ, ଅମରଜ୍ୟୋତି ବେହେରା, କ୍ଷେତ୍ରମୋହନ ସାହୁ, କରୁଣାକର ସ୍ୱାଇଁ, ନରହରି ନାଥଶର୍ମା, ହୃଷିକେଶ ସ୍ୱାଇଁ, ବୈକୁଣ୍ଠ ମହାନ୍ତି, ରେଖାଞ୍ଜଳି ବେହେରା ଓ ବାନାମ୍ବର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



## ରକ୍ଷଣାବେକ୍ଷଣ ଅଭାବ

# କାମରେ ଲାଗୁନି ଯାତ୍ରୀ ବିଶ୍ରାମଗାର

ରାଜକନିକା, ୪।୮ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନରେ ୨୦୧୫ରେ ଓଡ଼ିଶା ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଯାଉଥିବା ହଜାର ହଜାର ଯାତ୍ରୀଙ୍କ ପାଇଁ ବୈତରଣୀ ନଦୀ ତୁଠର ଦୁଇଶହ ମିଟର ପୂର୍ବରୁ ଆରଡି ବିଭାଗ ଦ୍ୱାରା ଏକ ଯାତ୍ରୀ ନିବାସ ନିର୍ମାଣ ହୋଇଥିଲା। ନିର୍ମାଣ ପରେ ବିଭାଗ କିଛିଦିନ ଏହାର ରକ୍ଷଣାବେକ୍ଷଣ କରିଥିଲେ। ପ୍ରାୟ ଆଠବର୍ଷ ହେବ ଏହି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ବିଶ୍ରାମ ସ୍ଥଳଟି ପରିତ୍ୟକ୍ତ ହୋଇପଡ଼ିଛି।

ଭଦ୍ରକ ଜିଲ୍ଲା ଆରଡିର ପ୍ରସିଦ୍ଧ ଶୈବକ୍ଷେତ୍ରକୁ ଦୈନିକ ହଜାର ହଜାର ଲୋକ ଏଠାରେ ଥିବା ନଦୀ ଘାଟ ପାର ହୋଇଯାଇଥା'ନ୍ତି। ବିଶେଷକରି ଦୂରଦୁରାନ୍ତରୁ ଶୈବ ଦର୍ଶାନାଭିଳାଷୀ ରାଜକନିକା ସଦର ମହକୁମା ଦେଇ ପେଗରପଡ଼ା ମାନପୁର ରାସ୍ତା ଉପରେ ନିର୍ଭର କରନ୍ତି। ଡଙ୍ଗା ପାର ହେବାକୁ ପଡୁଥିବାରୁ ଯାତ୍ରୀ ଘଣ୍ଟା ଘଣ୍ଟା ଗଛ ମୂଳେ ଆଶ୍ରୟ ନେଇ ବହୁ ଅସୁବିଧାରେ ପଡୁଥିବା ଜଣାପଡିବା ପରେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ଅନୁରୋଧ ପରେ ତତ୍କାଳୀନ ଆରଡିର ନିର୍ବାହୀ ଯନ୍ତ୍ରୀ ନଳିନୀ ସେନାପତି କନିକା ଉପଖଣ୍ଡକୁ ଏକ ରେଷ୍ଟସେଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ଘାଟରେ ଏକ ରେଷ୍ଟ ସେଡ ସମ୍ଭବ ହୋଇଥିଲା। ଏହା କିଛିବର୍ଷ ହେବ ବିଭାଗୀୟ ଦାୟିତ୍ୱହୀନତା ଓ ରାଜନୈତିକ ଅପାରଗତା ଯୋଗୁଁ ଏହି ବିଶ୍ରାମସ୍ଥଳୀଟି ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଛି। ଏବେ ଶ୍ରାବଣ ମାସ ଚାଲିଥିବାରୁ ରାଜ୍ୟବ୍ୟାପୀ ବୋଲବମ ଶ୍ରଦ୍ଧାଳୁ ଏହି ବାଟେ ଆରଡି ଶୈବପୀଠକୁ ଜଳଲାଗି କରିବାକୁ ଧାଇଁଛନ୍ତି। ଏବେ ଏହି ଘାଟ କୂଳରେ ଶହ ଶହ ସଂଖ୍ୟାରେ ବୋଲବମ ଶ୍ରଦ୍ଧାଳୁ ଆତଯାତ କରୁଥିବାବେଳେ ଏଠାରେ ଥିବା ରେଷ୍ଟ ସେଡ ଭୂତକୋଠିରେ ପରିଣତ ହୋଇଛି। ଏହି ବିଶ୍ରାମଗୃହ ନିକଟରେ ସରକାରୀ ଜାଗା ଥିଲେ ବି ଏଠାରେ ନିହାତି ଗୋଟିଏ ଶୌଚାଳୟ କରିବାକୁ ଅନେକ ଥର ଦାବି ହୋଇଥିଲେ ବି ପ୍ରଶାସନ ଏହାକୁ ନଜର ଆନ୍ଦାଜ କରିଛି। ଭକ୍ତଙ୍କ ଶୌଚ ହେବାକୁ କୌଣସି ସାଧନ ନାହିଁ। ବର୍ତ୍ତମାନ ଗୁରୁତ୍ୱ ରଖୁଥିବା ଏହି ବିଶ୍ରାମ ଗୃହକୁ ସଫା କରି ଆଲୋକୀକରଣ ବ୍ୟବସ୍ଥା ସହ ଚୋରି ହୋଇଯାଇଥିବା ଗ୍ରିଲ ପୁନଶ୍ଚ ଲଗାଇବାକୁ ଦାବି ହେଉଛି। ଏହି ଗୃହକୁ ସ୍ଥାନୀୟ ପଞ୍ଚାୟତ ଅଧୀନକୁ ନିଆଯାଇ ଏହାର ଦେଖାଶୁଣା କରିବାକୁ କହିବା ସହ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସ୍ଥାନୀୟ ବ୍ଲକ ପ୍ରଶାସନ ଏଠାରେ ଶୌଚାଳୟ ନିର୍ମାଣ କରିବାକୁ ଦାବି ହେଉଛି।

■ ମହିଳାଙ୍କୁ ଯୌନ ନିର୍ଯାତନା ମାମଲା

# କ୍ରାଇମବ୍ରାଞ୍ଚରେ ହାଜର ହେଲେ ଶରଣକୁଳ ଆଇଆଇସି

ନୟାଗଡ଼/ଭୁବନେଶ୍ୱର/କଟକ,୪।୮(ସମିସ): ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାଶ ଆଜି କ୍ରାଇମବ୍ରାଞ୍ଚରେ

**ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ**

ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁଜିତ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ନିକଟରେ ହାଜର ହୋଇଛନ୍ତି। ଯୌନ ନିର୍ଯାତନା ଅଭିଯୋଗରେ ସୁଜିତଙ୍କ ନାମରେ କ୍ରାଇମ ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପୂର୍ବରୁ ସୁଜିତଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ହେଲେ ମାମଲାର ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୁଜିତଙ୍କୁ କ୍ରାଇମ ବ୍ରାଞ୍ଚ ଅଧିକାରୀ ଜେରା



କରୁଥିବା ବେଳେ ତାଙ୍କର ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ କରାଯାଇଛି। ତଦନ୍ତକାରୀ ଟିମର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୭ ରେ ହେବାକୁ ଥିବା ଶୁଣାଣି ପାଇଁ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ଏବେ ଯୋଗାଡ ଚାଲିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ କୋର୍ଟରେ ଦାଖଲ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ନୟାଗଡ଼ ସହରରେ ଥିବା ଏକ ହୋଟେଲ ତାଙ୍କୁ ସୁଜିତ ରଖିଥିଲେ। ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସକୁ ନେଇ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲେ। ଗୁରୁତର ଆଚରଣଗତ ତ୍ରୁଟି ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଥିଲେ। ମାମଲାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ। ଗିରଫଦାରୀ ଏଡାଇବାକୁ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। କୋର୍ଟ ତାଙ୍କୁ କ୍ରାଇମବ୍ରାଞ୍ଚରେ ହାଜର ହୋଇ ଚାଲୁରହିଥିବା ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ-୨୫୦ ବ୍ୟକ୍ତି ସମ୍ପୃକ୍ତ: କ୍ରାଇମବ୍ରାଞ୍ଚ ଡିଜି

ଭୁବନେଶ୍ୱର,୪।୮(ସମିସ): ସ୍କୁଲ ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ ୨୫୦ ଜଣଙ୍କ ଭୂମିକା ରହିଛି। ସମସ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଚିହ୍ନଟ କରିସାରିଛି। ତେବେ ଏହି ମାମଲାରେ ସମସ୍ତଙ୍କ ଭୂମିକା କଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସେମାନଙ୍କର ଜେରା କରାଯାଉଛି। ଆଗାମୀ ଦିନରେ ଚିହ୍ନଟ ହୋଇଥିବା ଲୋକମାନଙ୍କୁ ଆହୁରି ପଚରାଉଚରା କରାଯିବ। ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରଯାଇଛି। ସେମାନେ ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ତଦନ୍ତ ଜାରି ରଖିଛନ୍ତି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକର ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା (ନଂ.୦୮/୨୦୨୬) ରୁଜୁ କରାଯାଇଥିଲା। ଏହି ମାମଲା ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଦାୟର କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତାମିଲନାଡୁ ବିରୋଧୀ..

ସନ୍ଧ୍ୟାରେ ଷ୍ଟାଲିନଙ୍କୁ ଛାଡ଼ି ଦିଆଯାଇଛି। ଏହି ମାମଲାରେ ଷ୍ଟାଲିନଙ୍କୁ ପଚରାଉଚରା ପରେ ପୁଲିସ ମୁକ୍ତ କରିଛି। ତ୍ରିଶା ମୁଖ୍ୟମନ୍ତ୍ରୀ ବିଜୟଙ୍କ ବାନ୍ଧବୀ ବୋଲି କୁହାଯାଉଛି।

ଅନ୍ୟପଟେ, ଡିଏମକେ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି। ଡିଏମକେ ସାଂସଦ କାନିମୋଝି କହିଛନ୍ତି ଯେ ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ଗିରଫ କରିବା ସରକାରଙ୍କ କାପୁରୁଷତାକୁ ଦର୍ଶାଉଛି। ଷ୍ଟାଲିନ୍ ନିଜ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି ଯେ ସେ କୌଣସି ଭୁଲ କରିନାହାନ୍ତି। ତେବେ ମାଡ୍ରାସ ହାଇକୋର୍ଟରେ ଏହି ମାମଲାର ଶୁଣାଣି ପରେ, ରାଜ୍ୟ ସରକାର ତାଙ୍କୁ ଆଜି ହିଁ ପଚରାଉଚରା ପରେ ଷ୍ଟେସନ ବେଲ୍‌ରେ ମୁକ୍ତ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସରକାରୀ ଓକିଲ କୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ ଆଜି ହିଁ ତାଙ୍କୁ ଛାଡ଼ି ଦିଆଯିବ।

### ଇ-୨୦ ପେଟ୍ରୋଲରେ...

ଇ-୨୦ ପେଟ୍ରୋଲ ପ୍ରଚଳନ ପରଠାରୁ ଇନ୍ଧନ ଇଞ୍ଜେକ୍ଟର, ଇନ୍ଧନ ପମ୍ପ, ଇଜିଆର୍ ଭାଲ୍‌ଭ ଏବଂ ଏଗଜଷ୍ଟ ସିଷ୍ଟମରେ କ୍ଷୟ ଏବଂ ଅଂଶଗୁଡ଼ିକର ଦ୍ରୁତ ଅବକ୍ଷୟ ନେଇ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି।

### ଇ-୨୦ ପେଟ୍ରୋଲକୁ...

ଯେକୌଣସି ଗୋଟିଏକୁ ବାଛିବାର ବିକଳ୍ପ ରହିବା ଆବଶ୍ୟକ, ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ ହ୍ରାସ କରାଯାଉ ଆଦି ଦାବି କେଜ୍ରିୱାଲ ଉପସ୍ଥାପନ କରିଛନ୍ତି। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସାଂସଦ ତରୁଣ ଚୁଘ୍ ଏହାକୁ ଏକ ଅର୍ଥହୀନ ଅଭିଯାନ ବୋଲି କହିବା ସହ ଏହା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ପଦଯାତ୍ରା କରିଥିଲେ ଏବଂ ସେଠା।ରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜିର ପଦଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି।

### ଓଡ୍ରାଫ୍ ହେବ...

କରିବରେ ଗୁରୁତ୍ୱ ଦେଇ ଆସିଥିଲେ। ଓଡ୍ରାଫ୍ ଜବାନମାନେ ଅଗ୍ନିଶମ ସେବା, ଜଳ ଉଦ୍ଧାର, ଭଙ୍ଗା କୋଠାରୁ ଲୋକଙ୍କୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉନ୍ନତ ପ୍ରଶିକ୍ଷଣ ପାଇଆସୁଛନ୍ତି। ଫଳସ୍ୱରୂପ ବାତ୍ୟା, ବନ୍ୟା, ଭୂସ୍ଖଳନ, ସଡ଼କ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ବଡ଼ ବିପର୍ଯ୍ୟୟରେ ଓଡ୍ରାଫ୍ ପ୍ରମୁଖ ବାହିନୀ ଭାବେ ସେଠାରେ ପହଞ୍ଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରି ଆସୁଛି। ବିଶେଷ କରି ଫାଇଲିନ୍ (୨୦୧୩), ହୁଡହୁଡ୍ (୨୦୧୪), ଫନି (୨୦୧୯), ୟାସ୍ (୨୦୨୧) ଏବଂ ବିଭିନ୍ନ ବନ୍ୟା ପରିସ୍ଥିତିରେ ଓଡ୍ରାଫ୍‌ର ଦକ୍ଷତା ଓ ସାହସ ପ୍ରଶଂସିତ ହୋଇଛି। ଆଜି ଓଡ୍ରାଫ୍ କେବଳ ଓଡ଼ିଶାରେ ନୁହେଁ, ଆବଶ୍ୟକ ପଡ଼ିଲେ ଅନ୍ୟ ରାଜ୍ୟରେ ମଧ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛି। ଆଧୁନିକ ଉପକରଣ, ନିୟମିତ ପ୍ରଶିକ୍ଷଣ ଏବଂ ଉଚ୍ଚମାନର ପ୍ରସ୍ତୁତି ଯୋଗୁଁ ଓଡ୍ରାଫ୍ ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଭାବେ ପରିଚୟ ଲାଭ କରିଛି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏଭଳି ପରିକଳ୍ପନା ପରେ କେନ୍ଦ୍ର ସରକାର ମଧ ଓଡ୍ରାଫ୍ ଢାଞ୍ଚାରେ ଏନ୍‌ଡିଆର୍‌ଏଫ୍ ଗଠନ କରିଛନ୍ତି।

ତେବେ ରାଜ୍ୟ ସରକାର ଏହି ବାହିନୀର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆରମ୍ଭ ହୋଇଛି। ସରକାର କହିଛନ୍ତି, ଚଳିତ ବନ୍ୟାରେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛି। ତେବେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସ୍‌ଡିଆର୍‌ଏଫ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି।

ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍‌ଡିଆର୍‌ଏଫ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବନ୍ଦହେବ ଜଳ...

ଜଳସ୍ତର ନିର୍ଦ୍ଧାରିତ ସୀମାଠାରୁ କମ୍ ଥାଏ, ତେବେ ତୁରନ୍ତ ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରଗୁଡ଼ିକ ଉପରେ ୨୪ ଘଣ୍ଟିଆ ନଜର ରଖିବା ସହ ଲାଇଭ୍ ଷ୍ଟୋରେଜ୍ ସ୍ତର, ଜଳ ପ୍ରବେଶ ଓ ହ୍ରାସ ହାରର ଦୈନିକ ହିସାବ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜଳ ସ୍ତର କ୍ରିଟିକାଲ୍ସ ବେସାଲ୍ଲ ତଳକୁ ଖସିଲେ ବିନା କୌଣସି ଅତିରିକ୍ତ ଅନୁମୋଦନ ପାଇଁ ଅପେକ୍ଷା ନକରି ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି। ଯାହାଫଳରେ ପାନୀୟ ଜଳ ତଥା କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ ହେବ ନାହିଁ ବୋଲି ରାଜ୍ୟ ସରକାର ବିଚାର କରୁଛନ୍ତି।

ସୂଚନାଯୋଗ୍ୟ ଯେ ଏଯାବତ୍ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ତେବେ ଆଗାମୀ ଦିନରେ ବର୍ଷାର ପରିମାଣ କମିବା ନେଇ କେତେକ ପାଣିପାଗ ତଥା କୃଷି ବିଜ୍ଞାନୀ ଆକଳନ କରୁଥିବାରୁ ରାଜ୍ୟ ସରକାର ଏନେଇ ଆଗୁଆ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ଧାରା ଶ୍ରାବଣରେ...

ରହୁଛି। ଏଭଳି ସ୍ଥିତି ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଏହା ପରେ ଏକ ଲଘୁଚାପ ଆଶଙ୍କା ରହିଥିବାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପୂର୍ବାନୁମାନ କରାଯାଇଛି।

ଜୁନ୍ ୧ରୁ ଅଗଷ୍ଟ ୪ ମଧ୍ୟରେ ୭୫୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୬୦୦ ମିଲିମିଟ ତୁଳନାରେ ବର୍ତ୍ତମାନ ସୁଧା ବର୍ଷାର ପରିମାଣ ୨୬ ପ୍ରତିଶତ ଅଧିକ ରହିଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।

### ରାଜ୍ୟରେ କମୁଛି...

ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ପିସିପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକ ସାମିଲ କରି ସମନ୍ୱୟ ଦ୍ୱାରା ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯିବା ଉପରେ ବୋର୍ଡ ଗୁରୁତ୍ୱାରୋପ କରିଛି। ରାଜ୍ୟରେ ଅଲ୍‌ଟ୍ରାସାଉଣ୍ଡ ସୁବିଧାର ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନ୍‌ଲାଇନ୍ ଫର୍ମ-ଏଫ୍ ରିପୋର୍ଟ, ପଞ୍ଜୀକୃତ ଡାକ୍ତରୀ ପ୍ରାକ୍ଟିସନର ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମ୍‌ଆର) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ଅଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିବା ସହ ସ୍ୱଚ୍ଛତା ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା ଆଲୋଚନା ହୋଇଥିଲା। ବୈଠକରେ ବିଧାୟିକା ଉପାସନା ମହାପାତ୍ର, ସଞ୍ଜଳି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନସଚିବ ତଥା କମିଶନର ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡି ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଡାକ ସର୍କଲରେ ପ୍ରସ୍ତାବିତ ପୁନର୍ଗଠନ ପ୍ରସ୍ତାବ**

# ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଯିବ ମୟୂରଭଞ୍ଜ ଓ ରାଇରଙ୍ଗପୁର ମଣ୍ଡଳ

**ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘର ବିରୋଧ**

ବାରିପଦା, ୪।୮(ସମିସ): ଓଡ଼ିଶା ଡାକ ସର୍କଲରେ ଅଞ୍ଚଳ, ଡିଭିଜନ ଓ ସବ୍‌ଡିଭିଜନର ପ୍ରସ୍ତାବିତ ପୁନର୍ଗଠନକୁ ନେଇ ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘ ବିରୋଧ କରୁଛି। ଏହି ପ୍ରସ୍ତାବକୁ ବିଲମ୍ବିତ ରଖି ବ୍ୟାପକ ସମୀକ୍ଷା କରିବାକୁ ଆବେଦନ କରାଯାଇଛି। ପୁରୀରୁ ୩ ଅଗଷ୍ଟ ୨୦୨୬ ତାରିଖରେ ଜାରି ହୋଇଥିବା ଏକ ଚିଠିରେ ଆରଜେସିଏମ କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ସପନ କୁମାର ମହାନ୍ତି ଓ ନେତା ରାଜେଶ ଚନ୍ଦ୍ର ବୋହିଦାର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂଙ୍କୁ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁନର୍ଗଠନ ପ୍ରସ୍ତାବ ଅନୁଯାୟୀ, ମୟୂରଭଞ୍ଜ ଡାକ ମଣ୍ଡଳ ଓ ରାଇରଙ୍ଗପୁର ଡାକମଣ୍ଡଳକୁ ମୁଖ୍ୟାଳୟ (ଭୁବନେଶ୍ୱର) ପରିମଣ୍ଡଳରୁ ସମ୍ବଲପୁର ପରିମଣ୍ଡଳକୁ ସ୍ଥାନାନ୍ତର କରାଯିବ। ସେହିପରି ନୟାଗଡ଼ ମଣ୍ଡଳକୁ ମଧ ଭୁବନେଶ୍ୱରରୁ ବ୍ରହ୍ମପୁର ପରିମଣ୍ଡଳକୁ ନିଆଯିବ। ଆରଏମଏସ ବିଜି ମଣ୍ଡଳ ଓ ଆରଏମଏସ ଏନ ମଣ୍ଡଳକୁ ମିଶାଇ ଦିଆଯିବ। କଟକ ସିଟି ମଣ୍ଡଳର ଗୋଟିଏ ପୋଷ୍ଟାଲ ସବ୍‌ଡିଭିଜନକୁ କଟକ ସାଉଥ ମଣ୍ଡଳକୁ ସ୍ଥାନାନ୍ତର କରାଯିବ। କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ପରିବର୍ତ୍ତନ ଫଳରେ ପ୍ରଶାସନିକ, କାର୍ଯ୍ୟକାରୀ ଓ ମାନବ ସମ୍ପଦ ସମସ୍ୟା ସୃଷ୍ଟି ହେବ ଓ ଦକ୍ଷତାରେ କୌଣସି ଉଲ୍ଲେଖନୀୟ ଉନ୍ନତି ହେବନାହିଁ। ବିଶେଷ ଭାବେ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ କ୍ଷେତ୍ରରେ ବର୍ତ୍ତମାନ ହେଡକ୍ୱାର୍ଟର ରିଜନାଲ ଅଫିସରୁ ଦୂରତା ପ୍ରାୟ ୨୫୦/୩୦୦ କିଲୋମିଟର। ପ୍ରସ୍ତାବିତ ବ୍ୟବସ୍ଥାରେ ଏହା ସମ୍ବଲପୁରରୁ ପ୍ରାୟ ୩୦୦/୩୮୦ କିଲୋମିଟର ହୋଇଯିବ। ଫଳରେ ୧୨୦/୨୦୦ କିଲୋମିଟରରୁ ଅଧିକ ଦୂରତା ବଢ଼ିବ।



ସେହିପରି ନୟାଗଡ଼ ଡିଭିଜନ କ୍ଷେତ୍ରରେ ମଧ ପ୍ରଶାସନିକ ଦୂରତା ବଢ଼ିବ। ଏହି ଦୂରତା ବୃଦ୍ଧି ଫଳରେ ନିରୀକ୍ଷଣ, ସମୀକ୍ଷା ବୈଠକ, ତଦନ୍ତ, ଶୃଙ୍ଖଳା କାର୍ଯ୍ୟବାହୀ ଆଦିରେ ବିଳମ୍ବ ହେବ। ଖର୍ଚ୍ଚ ବଢ଼ିବ ଓ କ୍ଷେତ୍ରସ୍ତରୀୟ ତଦାରଖ କମିଯିବ ବୋଲି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

ଆରଏମଏସ ମଣ୍ଡଳ (ଡିଭିଜନ) ମିଶ୍ରଣ ଓ କଟକର ସବ୍‌ଡିଭିଜନ ସ୍ଥାନାନ୍ତର ବିଷୟରେ ମଧ ବିସ୍ତୃତ ଅଧ୍ୟୟନ ବିନା ନିଷ୍ପତ୍ତି ନେବାକୁ ସେମାନେ ବିରୋଧ କରିଛନ୍ତି। କର୍ମଚାରୀମାନଙ୍କୁ ଅଧିକ ଦୂରତା ଯାତ୍ରା କରିବାକୁ ପଡ଼ିବ, ଯାହାଫଳରେ କାର୍ଯ୍ୟକ୍ଷମ ସମୟ ହ୍ରାସ ପାଇବ ଓ ଶାରୀରିକ କ୍ଲାନ୍ତି ବଢ଼ିବ। ଏଭଳି ବଡ଼ ପରିବର୍ତ୍ତନ ପୂର୍ବରୁ ଭୌଗୋଳିକ ଅଭିଗମ୍ୟତା, କାର୍ଯ୍ୟଭାର, ଆର୍ଥିକ ପ୍ରଭାବ, ଜନସାଧାରଣର ସୁବିଧା ଓ ସମସ୍ତ ଷ୍ଟେକହୋଲ୍ଡରଙ୍କ ମତାମତକୁ ବିଚାରକୁ ନେଇ ବ୍ୟାପକ ଅଧ୍ୟୟନ କରାଯିବା ଉଚିତ। ଏହାପୂର୍ବରୁ ଆରଜେସିଏମ ମାଧ୍ୟମରେ ଆଲୋଚନା କରାଯିବା ଆବଶ୍ୟକ। ଏଥିପାଇଁ ପ୍ରସ୍ତାବିତ ପୁନର୍ଗଠନକୁ ବିଲମ୍ବିତ ରଖି ସମୀକ୍ଷା କରିବା ଓ କର୍ମଚାରୀଙ୍କ ସହିତ ଆଲୋଚନା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକମଣ୍ଡଳ (ଡିଭିଜନ) ସମ୍ବଲପୁର ପରିମଣ୍ଡଳ (ରିଜିଓନ) ଅଧୀନକୁ ଯିବାକୁ ଘୋର ବିରୋଧ କରିଛନ୍ତି। ସେ ଗୁରୁବାର ଭୁବନେଶ୍ୱରରେ ଡାକ ବିଭାଗର ରାଜ୍ୟ ମୁଖ୍ୟଙ୍କୁ ଭେଟି ପ୍ରତିବାଦ ପତ୍ର ପ୍ରଦାନ କରିବେ। ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଭଞ୍ଜସେନା ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବୃହତ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ବାରିପଦା, ରାଇରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଡାକମଣ୍ଡଳକୁ ନେଇ ଉତ୍ତର ଓଡିଶା ଡାକମଣ୍ଡଳ ଗଠନ କରାଯାଇ ମୟୂରଭଞ୍ଜରେ ଏହାର ମୁଖ୍ୟାଳୟ କରିବାକୁ ଶ୍ରୀ ଜେନା ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କୁ ଏକ୍ସ ଯୋଗେ ଟ୍ୱିଟ କରି ଅନୁରୋଧ ଜଣାଇଛନ୍ତି।

# କାକଟପୁର ମା' ମଙ୍ଗଳା ପୀଠର ହେବ ଉନ୍ନତିକରଣ

ଭୁବନେଶ୍ୱର,୪।୮(ସମିସ): ପୁରୀ ଜିଲ୍ଲା କାକଟପୁର ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ,



■ ଚିଲିକା, କାଳିଜାଈ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଗୁରୁତ୍ୱ

■ ଇକୋ-ଟୁରିଜିମ୍ ସହ ଦୁଃସାହସିକ କ୍ରୀଡା, ୱାଟର ସ୍ପୋର୍ଟସ୍, ଟ୍ରେକିଂର ମଜାନେବେ ପର୍ଯ୍ୟଟକ

ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ସେହିପରି ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଚିଲିକା ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ କରାଯିବ। ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବ। ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଈ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏନେଇ ଚିଲିକା ହ୍ରଦର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଆଲୋଚନା ହୋଇଥିଲା।

ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା। ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଞ୍ଚଳର ବିକାଶ ସହ ଓଡିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଆଲୋଚନା ହୋଇଥିଲା। ଏହାସହ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍‌ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ଉପସ୍ଥିତ ଥିଲେ।

## ଚୁକ୍ତିଭିତ୍ତିକ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟଙ୍କ ଚାକିରି ସମାପ୍ତି ନିର୍ଦ୍ଦେଶ ରଦ୍ଦ

କଟକ,୪।୮(ସମିସ): ସମସ୍ତ ଜିଲ୍ଲାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଅଫିସରେ କାର୍ଯ୍ୟରତ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ (ଡିପିଏ)ଙ୍କ ଚାକିରି ସମାପ୍ତ ପାଇଁ ରାଜ୍ୟ ସରକାରଙ୍କ ୨୦୧୯ ଜୁନ୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଙ୍ଗୀତା ହୋତା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଉପରେ ସରକାର ବିଚାର କରି ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି।

ଆବେଦନକାରୀମାନେ ୨୦୧୪-୧୫ରୁ ଚୁକ୍ତିଭିତ୍ତିକ ଭାବେ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ପଦରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଆର୍ଥିକ ସହାୟତାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟ ପରିଚାଳନା ପାଇଁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୨୦୧୭ରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିଦେବା ପରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କିଛି ଦିନ ସେବା ବୃଦ୍ଧି କରିଥିଲେ। ୨୦୧୯ରେ ସେମାନଙ୍କ ସେବା ସମାପ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଗୁଡ଼ିକ ସ୍ଥାୟୀ ଓ ମଞ୍ଜୁରୀପ୍ରାପ୍ତ ପଦ ନଥିଲା ଏବଂ କେନ୍ଦ୍ରୀୟ ଅନୁଦାନ ବନ୍ଦ ହୋଇଯାଇଥିବାରୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ସେବା ସମାପ୍ତ କରାଯାଇଛି। ତେବେ ଆବେଦନକାରୀ ଦର୍ଶାଇଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଡିପିଏ ନିଯୁକ୍ତି ନିତାନ୍ତ ଜରୁରୀ ବୋଲି ବାରମ୍ବାର ସୁପାରିସ କରିଥିଲେ। ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ଓ ଭାଇଟାଲ ଷ୍ଟାଟିଷ୍ଟିକ୍ସ କ୍ଲର୍କ (ଭିଏସସି)ଙ୍କ କାର୍ଯ୍ୟାବଳୀ ଓ ଦାୟିତ୍ୱ ପ୍ରାୟ ସମାନ। ସରକାର ଡିପିଏଙ୍କୁ ନିୟମିତ ନ କରି ଭିଏସସି ପଦ ପାଇଁ ନୂତନ ବିଜ୍ଞାପନ ପ୍ରକାଶ କରିବା ଅନ୍ୟାୟ ଓ ସମ୍ବିଧାନର ଧାରା ୧୪, ୧୬ ଓ ୨୧ର ଉଲ୍ଲଂଘନ ଅଟେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

**ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ଅନୁଦାନ ପ୍ରସଙ୍ଗରେ ବର୍ଷିଲା ବିଜେଡି**

# କେନ୍ଦ୍ରୀୟ ଅନୁଦାନ ହ୍ରାସ ଲୁଚାଇବାକୁ ବନ୍ୟା ସହାୟତା ପ୍ରଚାର

ଭୁବନେଶ୍ୱର,୪।୮(ସମିସ): ରାଜ୍ୟରେ ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ପକ୍ଷରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। ମାତ୍ର ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ। ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି। ରାଜ୍ୟର ବିଜେପି ନେତାମାନେ ବାସ୍ତବ ଚିତ୍ରକୁ ଲୁଚାଇବା ଉଦ୍ଦେଶ୍ୟରେ ବନ୍ୟା ମୁକାବିଲା ପାଇଁ ମିଳିଥିବା ସହାୟତାକୁ ପ୍ରଚାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଡ. ମହାନ୍ତି କହିଥିଲେ ଯେ ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି । ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି । ଏହା କେବଳ ଏକ ଅର୍ଥନୈତିକ ହିସାବ ନୁହେଁ; ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି । ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି। ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତା'ର ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି ଡଃ ମହାନ୍ତି କହିଛନ୍ତି।

■ ଦୁଇ ବର୍ଷରେ ପ୍ରମୁଖ ବିକାଶ ଯୋଜନାରେ ୪,୫୦୦ କୋଟି ହ୍ରାସ

■ ଆବାସ, ପାନୀୟ ଜଳ, ଗ୍ରାମୀଣ ସଡ଼କ ଓ କୃଷି ଯୋଜନା ପ୍ରଭାବିତ

ଅନୁରୂପ ଭାବେ ଜଳ ଜୀବନ ମିଶନରେ ମଧ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧,୫୮୧ କୋଟିରୁ ୩୬୮ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୧,୨୦୦ କୋଟିରୁ ଅଧିକ ହ୍ରାସ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବାର ଲକ୍ଷ୍ୟ ଥିବାବେଳେ ଅନୁଦାନରେ ଏଭଳି ବଡ଼ ହ୍ରାସ କାହିଁକି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାର ଅନୁଦାନ ୧,୨୬୨ କୋଟିରୁ ୭୧୨ କୋଟିକୁ ହ୍ରାସ ପାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ରେ ଓଡ଼ିଶା ୨୨୩ କୋଟି ପାଇଥିବା ବେଳେ ୨୦୨୪-୨୫ରେ ଅନୁଦାନ ଶୂନ୍ୟ ହୋଇଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଅନୁଦାନ ୧୪୬ କୋଟିରୁ ୩୨ କୋଟିକୁ ହ୍ରାସ ପାଇଥିବା ବେଳେ ଅମୃତ ଭାରତ ରେଳ ଷ୍ଟେସନ୍ ବିକାଶ ପ୍ରକଳ୍ପରେ ଓଡ଼ିଶାକୁ ଦେଶର ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରଖାଯାଇଛି। ସେହିପରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଆବଣ୍ଟନରେ ଓଡ଼ିଶା ଦେଶର ୧୪ତମ ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟ ବୋଲି ତଥ୍ୟରୁ ଜଣାପଡୁଛି। ନିର୍ବାଚନ ପୂର୍ବରୁ ବିଜେପି ଡବଲ୍ ଇଞ୍ଜିନ୍ ସରକାର ଡବଲ ବିକାଶ ନାରା ଦେଇଥିଲା। କିନ୍ତୁ ଉପଲବ୍ଧ ତଥ୍ୟ ଅନୁସାରେ ଗରିବଙ୍କ ଘର, ପାନୀୟ ଜଳ, ଗ୍ରାମୀଣ ସଡ଼କ, କୃଷି ଓ ଜଳସେଚନ ଭଳି ମୌଳିକ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହାକୁ ଲୁଚାଇ ରାଜ୍ୟ ବିଜେପି ସରକାର ବନ୍ୟା ମୁକାବିଲା ପାଇଁ ମିଳିଥିବା ୫୦୦ କୋଟି ଟଙ୍କାକୁ ନେଇ ପ୍ରଚାର କରୁଛି। ଅନୁଦାନ ହ୍ରାସ ସମ୍ପର୍କରେ ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ଦେବାକୁ ଡ. ମହାନ୍ତି ଆହ୍ୱାନ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପରିବାର ସହିତ ହସ ଖୁସିର ସମୟ ବିତାଇବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ଯୋଜନା ମୁତାବକ କାମ କରିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିପାରନ୍ତି। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ଅଚାନକ ଖୁସି ଖବର ମିଳିପାରେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୭୫-ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩-ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# 'ରାମାୟଣ' ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହି ଫିଲ୍ମ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଛି। ଏଥିରେ ରଣବୀର କପୁର ରାମ ଭୂମିକାରେ, ଯଶ୍ ରାବଣ, ସାଇପଲ୍ଲବୀ ସୀତା ଓ ରବି ଦୁବେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ତେବେ ସାଇପଲ୍ଲବୀଙ୍କୁ ଏହି ଫିଲ୍ମ ପାଇଁ ତାଙ୍କ କ୍ୟାରିୟରର ସବୁଠୁ ଅଧିକ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମ ପାଇଁ ସେ ୧୨ କୋଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ତାଙ୍କୁ ଗୋଟିଏ ଫିଲ୍ମ ପାଇଁ ୨ରୁ ୩ କୋଟି ମିଳୁଥିଲା। 'ଅଣ୍ଡେଲ' ଫିଲ୍ମ ପାଇଁ ସେ ସର୍ବାଧିକ ୫ କୋଟି ନେଇଥିଲେ। ଏହା ତାଙ୍କ କ୍ୟାରିୟରର ଏଯାବତ୍ ସବୁଠୁ ଅଧିକ ଫି ଥିଲା। ଏବେ 'ରାମାୟଣ' ତାଙ୍କର ଏହି ରେକର୍ଡକୁ କାଟିଛି। ସାଇ କେବଳ ଅଭିନୟ ପାଇଁ ନୁହେଁ ତାଙ୍କ ବିଚାରଧାରାକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି। ସେ ଦର୍ଶକଙ୍କୁ ଭ୍ରମିତ ନ କରିବା ପାଇଁ କୋଟି କୋଟି ଟଙ୍କାର ଏକ ଫେୟାରନେସ୍ କ୍ରିମ୍‌ର ବିଜ୍ଞାପନକୁ ପ୍ରତ୍ୟାଖ୍ୟାନ କରି ଚର୍ଚ୍ଚାକୁ ଆସିଥିଲେ। ସାଇ ନିକଟରେ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହ 'ଏକ ଦିନ' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ହେଲେ 'ରାମାୟଣ'ରେ ଅଭିନୟ କରିବା ପରେ ଏବେ ସେ ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି।

# ୪୨ ବର୍ଷ ଧରି ଟିଭି ସାମ୍ନାରେ ମହିଳା



ଦୁନିଆରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି, ଯାହା ଦୀର୍ଘ ବର୍ଷ ପରେ ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏମିତି ଏକ ଘଟଣା କ୍ରୋଏସିଆର ରାଜଧାନୀ ଜାଗ୍ରେବରେ ଘଟିଥିଲା। ଏଠାରେ ଜଣେ ମହିଳାଙ୍କ ଶବ ପ୍ରାୟ ୪୨ ବର୍ଷ ପରେ ତାଙ୍କ ଫ୍ଲାଟ୍‌ରୁ ମିଳିଥିଲା। ଏହି ମାମଲା ହେଡଭିଗା ଗୋଲିକ୍ ନାମକ ଜଣେ ମହିଳାଙ୍କ ସହ ଜଡ଼ିତ, ଯାହାଙ୍କ କାହାଣୀ ଆଜି ବି ଦୁନିଆର ସବୁଠାରୁ ରହସ୍ୟମୟ ଘଟଣାଗୁଡ଼ିକ ମଧ୍ୟରେ ଗଣାଯାଏ। ହେଡଭିଗା ଗୋଲିକ୍‌ଙ୍କ ଜନ୍ମ ୧୯୨୪ ମସିହାରେ ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଶେଷ ଥର ପାଇଁ ୧୯୬୬ ମସିହାରେ ଦେଖିଥିଲେ। ଏହାପରେ ପଡ଼ୋଶୀମାନେ ଭାବିନେଲେ ଯେ, ସେ ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ହେଲେ ସେ ସେହି ଫ୍ଲାଟ୍ ଭିତରେ ହିଁ ମୃତ ଅବସ୍ଥାରେ ପଡ଼ି ରହିଥିବେ ବୋଲି କେହି କଳ୍ପନା ସୁଦ୍ଧା କରି ନ ଥିଲେ। ୨୦୦୮ ରେ କିଛି ସରକାରୀ ଅଧିକାରୀ ଫ୍ଲାଟ୍‌ର ମାଲିକାନା ସହ ଜଡ଼ିତ ଏକ ମାମଲାର ଯାଞ୍ଚ ସମୟରେ କବାଟ ଖୋଲାଇଥିଲେ। ଯେତେବେଳେ ପୁଲିସ୍ ଉପସ୍ଥିତିରେ ସରକାରୀ ଅଧିକାରୀମାନେ ଭିତରକୁ ଗଲେ, ସେତେବେଳେ ସେମାନଙ୍କ ସାମ୍ନାରେ ଏମିତି ଏକ ଦୃଶ୍ୟ ଥିଲା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ, ରୁମ୍‌ରେ ଏକ ପୁରୁଣା ଟେଲିଭିଜନ, ଆସବାବପତ୍ର ଏବଂ ଚା' କପ୍ ଠିକ୍ ସେମିତି ହିଁ ରଖାଯାଇଥିଲା। ଚେୟାର୍ ପାଖରେ କମ୍ବଳରେ ଗୁଡ଼ା ହୋଇଥିବା ମହିଳାଙ୍କର ଏକ ମମି ଭଳି ହୋଇଯାଇଥିବା ଶବ ମିଳିଥିଲା। ରୁମ୍‌ରେ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ପ୍ରାୟ ନିଜ ସ୍ଥାନରେ ହିଁ ରହିଥିଲା, ସେଥିପାଇଁ ଏହି ଘଟଣାକୁ ଅନେକ ରିପୋର୍ଟରେ "ଫ୍ରୋଜନ୍ ଇନ୍ ଟାଇମ୍" ଅର୍ଥାତ୍ ସମୟ ଅଟକି ଯାଇଥିବା ଦୃଶ୍ୟ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଘଟଣାକୁ କିଛି ରିପୋର୍ଟରେ କୁହାଯାଇଥିଲା ଯେ, ହେଡଭିଗା ଚା' ପ୍ରସ୍ତୁତ କରି ଚେୟାରରେ ଟିଭି ଦେଖିବାକୁ ବସିଥିଲେ। ଏହା ପରେ କୌଣସି ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ପଡ଼ୋଶୀମାନେ ବର୍ଷ ବର୍ଷ ଧରି ଭାବୁଥିଲେ ଯେ ହେଡଭିଗା ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଡଭିଗାଙ୍କ ମୃତ ଶରୀର ଦୀର୍ଘ ୪୨ ବର୍ଷ ଧରି ସେହି ଘରେ ଥିଲେ ସୁଦ୍ଧା ତାଙ୍କ ପଡ଼ୋଶୀମାନେ ଏବିଷୟରେ ଟେର୍ ପାଇ ନଥିଲେ।

# ୧୦ ହଜାରରେ ଫ୍ଲାଟ୍ ଲୋକଙ୍କୁ କିଣିବା ପାଇଁ ଅନୁରୋଧ

ଆଜିର ସମୟରେ ଲୋକଙ୍କ ପକ୍ଷେ ନିଜର ଘରଟିଏ କିଣିବା ଆଦୌ ସହଜ ନୁହେଁ। କାରଣ ଦିନକୁ ଦିନ ଜମି ସହ ଫ୍ଲାଟ୍‌ଗୁଡ଼ିକର ଦାମ୍ ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଏଭଳି ସ୍ଥିତିରେ ରୁଷର ଆର୍କଟିକ ସହରରେ ଲୋକଙ୍କୁ ଫ୍ଲାଟ୍ କିଣିବା ପାଇଁ ଅନୁରୋଧ କରାଯାଉଛି। ଏଠାରେ ହଜାର ହଜାର ସଂଖ୍ୟକ ଆପାର୍ଟମେଣ୍ଟ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ଏପରିକି କିଛି ଆପାର୍ଟମେଣ୍ଟ ୧୦ ହଜାର ଟଙ୍କାରେ ବି ଉପଲବ୍ଧ। କେବଳ ସେତିକି ନୁହେଁ, ଫ୍ଲାଟ୍‌ର ଦାମ୍ ଖୁବ୍ ଶସ୍ତା ହୋଇଥିବା ବେଳେ ରହିବା ଲାଗି ଆବଶ୍ୟକ ଜିନିଷ ବି ମହଜୁଦ ଅଛି। ଏହା ସତ୍ତ୍ୱେ ଲୋକେ ଫ୍ଲାଟ୍ କାହିଁକି କିଣୁ ନାହାନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବଡ଼ କାରଣ ହେଉଛି ସେହି ଅଞ୍ଚଳର ପାଣିପାଗ। ରୁଷର ଆର୍କଟିକ୍ ଅଞ୍ଚଳରେ ଶୀତ ଦିନେ ତାପମାତ୍ରା ଅନେକ ସମୟରେ ଶୂନରୁ ମାଇନସ୍ ୧୨ ଡିଗ୍ରୀ ତଳକୁ ଚାଲିଯାଏ। ଏଣୁ ଦୀର୍ଘ ସମୟ ଧରି ଏଭଳି ହାଡ଼ ଭଙ୍ଗା ଥଣ୍ଡାରେ ରହିବା ଆହ୍ୱାନପୂର୍ଣ୍ଣ ହୋଇଯାଏ। ଏହାସହ ଏଭଳି ପାଣିପାଗରେ ଘରକୁ ରହିବା ଯୋଗ୍ୟ ଉଷ୍ମ ରଖିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏନେଇ କିଛି ଲୋକଙ୍କ କହିବା କଥା, ଫ୍ଲାଟ୍ କିଣିବାଠୁ ଅଧିକ ମହଙ୍ଗା ଏହାକୁ ବର୍ଷ ତମାମ ରହିବାଯୋଗ୍ୟ କରି ରଖିବା। ଆର୍କଟିକ୍ ଅଞ୍ଚଳରେ ଘର ଭିତରେ ଲଗାତାର ହିଟିଂ ସିଷ୍ଟମ ଚଳାଇବାକୁ ପଡ଼ିଥାଏ। ଯଦି ଏଭଳି କରା ନ ଯାଏ, ତେବେ ତାପମାତ୍ରା ଖୁବ୍ କମ୍ ହୋଇପାରେ। ଏହି କାରଣ ଯୋଗୁ ବିଜୁଳି, ଇନ୍ଧନ ଏବଂ ହିଟିଂ ସହ ଜଡ଼ିତ ଖର୍ଚ୍ଚ ଖୁବ୍ ବଢ଼ିଯାଏ। ଅନେକ ଲୋକଙ୍କ କହିବା କଥା, କମ୍ ଟଙ୍କାରେ ଫ୍ଲାଟ୍ କିଣିବା ସହଜ ହୋଇଥିଲେ ହେଁ ଘରକୁ ଗରମ ରଖିବା ପାଇଁ ପ୍ରତି ମାସରେ ଆସୁଥିବା ବିଜୁଳି ଖର୍ଚ୍ଚ ସେମାନଙ୍କ କ୍ଷମତାରୁ ବାହାରେ ହୋଇପାରେ। ଏକଦା ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପ ଯୋଗୁଁ ଏଠାରେ ଜନସଂଖ୍ୟା ଅଧିକ ଥିଲା, ହେଲେ ସମୟ ସହିତ ରୋଜଗାର ଅବସର ହ୍ରାସ ପାଇବାରେ ଲାଗିଲା। ଫଳରେ ଲୋକେ ରୋଜଗାର ଏବଂ ଅନୁକୂଳ ପାଣିପାଗ ସନ୍ଧାନରେ ଅନ୍ୟ ସହରକୁ ଯିବାକୁ ଲାଗିଲେ। ଯଦ୍ଦ୍ୱାରା ଅନେକ ଆବାସିକ କୋଠା ଖାଲି ପଡ଼ିଲା ଏବଂ ସମ୍ପତ୍ତିର ଚାହିଦା ଦ୍ରୁତ ଗତିରେ ହ୍ରାସ ପାଇଲା। ଅନ୍ୟପଟେ କିଛି ଫ୍ଲାଟ୍‌ରେ ଖଟ, ସୋଫା, ଆଲମାରି, ଟେବୁଲ, ଚୌକି, ରୋଷେଇ ଲାଗି ବାସନକୁସନ ବି ଅଛି। ସାଧାରଣତଃ ନୂଆ ଘର କିଣିବା ପରେ ଲୋକଙ୍କୁ ଆସବାବପତ୍ର କିଣିବାକୁ ପଡ଼େ, ହେଲେ ଏଠାରେ ଏହି ସୁବିଧା ପୂର୍ବରୁ ଥିଲେ ହେଁ ଫ୍ଲାଟ୍ କିଣିବା ଲାଗି ଲୋକ ମିଳୁ ନାହାନ୍ତି।




# ସମ୍ଭାବନା



## ପ୍ରଡକ୍ଟ ଡିଜାଇନ୍‌ରେ କ୍ୟାରିୟର

**ବର୍ତ୍ତମାନ ସମୟରେ କମ୍ପାନି ଏମିତି ଲୋକଙ୍କୁ ଚାହୁଁଛି, ଯିଏ କି ଏମିତି ପ୍ରଡକ୍ଟ ଡିଜାଇନ କରିପାରୁ ଥିବେ, ଯାହା କେବଳ ଆକର୍ଷଣୀୟ ଲାଗୁ ନ ଥିବ, ବରଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରି ପାରୁଥିବେ। ଏହି କାମ ହିଁ ଜଣେ ପ୍ରଡକ୍ଟ ଡିଜାଇନର କରିଥାନ୍ତି। ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଲାଗି ଏହା ଏକ ସୁନ୍ଦର କ୍ୟାରିୟର୍।**



ପ୍ରଡକ୍ଟ ଡିଜାଇନ୍‌ରେ କୌଣସି ଉତ୍ପାଦର ବିଚାରଧାରା, ଉପଯୋଗିତା, ଡିଜାଇନ, ନିର୍ମାଣ, ଏବଂ ବ୍ୟବହାରକାରୀଙ୍କ ଅନୁଭୂତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ। ଏହାର ଉଦ୍ଦେଶ୍ୟ କେବଳ କୌଣସି ଉତ୍ପାଦକୁ ସୁନ୍ଦର କରିବା ନୁହେଁ, ବରଂ ଏହାକୁ ଅଧିକ ଉପଯୋଗୀ, ସୁରକ୍ଷିତ ଓ ସୁବିଧାଜନକ କରିବା। ଜଣେ ପ୍ରଡକ୍ଟ ଡିଜାଇନର ଗ୍ରାହକଙ୍କ ଆବଶ୍ୟକତାକୁ ବୁଝି ଏମିତି ଉତ୍ପାଦ ପ୍ରସ୍ତୁତ କରନ୍ତି, ଯାହାକି ବ୍ୟବହାର କରିବାରେ ସହଜ ହୋଇଥାଏ। ତା'ସହ ଏହା ଯେଭଳି ବଜାରର ଆବଶ୍ୟକତାକୁ ପୂରଣ କରିପାରୁଥିବ, ସେ ଦିଗରେ ଦୃଷ୍ଟି ଦେବା ଦରକାର। ଏ ଲାଗି ଗବେଷଣା ସହ ସ୍କେଚ୍ ଏବଂ ଥ୍ରୀଡି ମଡେଲ ପ୍ରସ୍ତୁତ କରାଯାଏ। ପ୍ରଡକ୍ଟ ଡିଜାଇନର ଇଞ୍ଜିନିୟର ଏବଂ ମାର୍କେଟିଂ ଟିମ୍ ସହିତ ମିଶି କାମ କରନ୍ତି ଏବଂ ପ୍ରୋଟୋଟାଇପ୍ ତିଆରି କରି ତାହାର ପରୀକ୍ଷା କରିଥାନ୍ତି। ସେହିପରି ସ୍କେଚିଂ, ଡିଜାଇନିଂ, ଟେକ୍ନୋଲୋଜି ଏବଂ ସମସ୍ୟା ସମାଧାନରେ ରୁଚି ଥିଲେ ଏହା ଏକ ଉତ୍ତମ କ୍ଷେତ୍ର ହୋଇପାରିବ। ମ୍ୟାନୁଫାକଚରିଂ କମ୍ପାନି, ଅଟୋମୋବାଇଲ ଇଣ୍ଡଷ୍ଟ୍ରି, ଇଲେକଟ୍ରୋନିକ୍ ସେକ୍ଟର, ଫର୍ଣ୍ଣିଚର ଓ ହୋମ ପ୍ରଡକ୍ଟ କମ୍ପାନି, ହେଲଥ କେୟାର ଉପକରଣ ନିର୍ମାତା, ଷ୍ଟାର୍ଟଅପ୍, ଡିଜାଇନ କନସଲଟେନ୍ସିରେ ଚାକିରି ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ଷକୁ ୪ରୁ ୮ ଲକ୍ଷ ପ୍ୟାକେଜ୍ ମିଳେ। ଅଭିଜ୍ଞତା ବଢ଼ିଲେ ଏହା ବର୍ଷକୁ ୧୫-୩୦ରେ ପହଞ୍ଚେ।

## ସାହାଯ୍ୟରୁ ସକାରାତ୍ମକ ପରିବର୍ତ୍ତନ

**ଅନେକ ଲୋକ ସ୍ୱ ଇଚ୍ଛାରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ଆଉ କିଛି ଏଭଳି ବି ଥାନ୍ତି, ଯେଉଁମାନେ ସାହାଯ୍ୟ କରିବା ପାଇଁ କୁଣ୍ଠାବୋଧ ପ୍ରକାଶ କରନ୍ତି। ତେବେ ସାହାଯ୍ୟ କରିବାର ଗୁଣ ପିଲାବେଳୁ ପ୍ରତ୍ୟେକଙ୍କ ପାଖରେ ରହିବା ଭଲ। ପିଲାବେଳୁ ସାହାଯ୍ୟ ମନୋଭାବ ରହିଲେ, ଏହା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ।**



- ଅନ୍ୟ ପ୍ରତି ଭଲ ମନୋଭାବନା ରଖିଲେ, ହାପି ହର୍ମୋନ କ୍ଷରଣ ହୁଏ। ଏଭଳି ସ୍ଥିତିରେ ନିଜକୁ ନେଇ ଓ ଅନ୍ୟକୁ ନେଇ ଭଲ ଅନୁଭବ ହୁଏ। ଏପରିକି ସମାଜ ପ୍ରତି ଭଲ ଚିନ୍ତାଧାରା ରହେ।
- କଠିନ ସମୟରେ ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ମନ ହାଲୁକା ଲାଗେ। ଗବେଷଣା ଅନୁସାରେ, ଅନ୍ୟ ପାଇଁ ଭଲ ପ୍ରଦର୍ଶନ ଓ ସାହାଯ୍ୟ କରୁଥିବା ଲୋକ ଅବସାଦରୁ ଶୀଘ୍ର ମୁକ୍ତି ପାଇଥାନ୍ତି। କଠିନ ପରିସ୍ଥିତିରେ ସେମାନଙ୍କ ସାମ୍ନାରେ ଅନେକ ବାଟ ଖୋଲି ଥାଏ।
- ଲଗାତାର ଭଲ ରାସ୍ତାରେ ଚାଲିଲେ ଓ ପରୋପକାର କାର୍ଯ୍ୟରୁ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଭଲ ରାସ୍ତାରେ ତଥା ଅନ୍ୟକୁ ସାହାଯ୍ୟ କରିବାର ପ୍ରଭାବ ସମ୍ପର୍କ ଉପରେ ପଡ଼ିଥାଏ। ଅନ୍ୟ ପ୍ରତି ଭଲ ଭାବନା ପ୍ରଦର୍ଶନ କରିବା ଦ୍ୱାରା ବ୍ୟକ୍ତିଗତ, ବୃତ୍ତିଗତ ଏବଂ ସାମାଜିକ ସମ୍ପର୍କ ମଜଭୁତ ହୁଏ। ଏଭଳି ଲୋକ କେବେ ବି ଏକାକୀତ୍ୱ ଅନୁଭବ କରି ନ ଥାନ୍ତି।

## କୋ-ୱାର୍କର୍ ଡେଟିଂ

**ଆଜିର ସମୟରେ ଅନେକ ଲୋକ ପାର୍ଟନରକୁ ଅଫିସ୍‌ରେ ପାଉଛନ୍ତି। ଯାହାକୁ 'କୋ-ୱାର୍କର୍' ଡେଟ୍ ବୋଲି କୁହାଯାଉଛି। ଏହା ଜେନ୍ ଜେଡ୍‌ଙ୍କ କ୍ଷେତ୍ରରେ ଏବେ ଅଧିକ ଦେଖିବାକୁ ମିଳୁଛି।**



ଡେଟିଂ କୋଚ୍‌ଙ୍କ ମତରେ, ଅଫିସ୍‌ରେ କାହାକୁ ଡେଟ୍ କରିବାର ଫାଇଦା ହେଉଛି ସେହି ବ୍ୟକ୍ତିଙ୍କୁ ଜଣେ ଭଲରେ ଜାଣିଥାଏ। ପ୍ରତିଦିନ ଜଣେ ନିଜ କାମକୁ କିଭଳି ଦାୟିତ୍ୱର ସହ କରନ୍ତି, ଏହା ଜଣେ ଜାଣିପାରେ। କଠିନ ପରିସ୍ଥିତିରେ ସେହି କର୍ମଚାରୀଙ୍କ ବ୍ୟବହାର, ଅନ୍ୟ ସହିତ କିଭଳି କଥାବାର୍ତ୍ତା ଓ କାମକୁ କେତେ ଗୁରୁତ୍ୱ ଦିଅନ୍ତି, ସବୁ କଥା ଉପରେ ଜଣକର ନଜରରେ ରହେ। ଏହା ଦ୍ୱାରା ଜଣକ ସ୍ୱଭାବକୁ ବୁଝିବା ସହଜ ହୁଏ। ସେହିପରି ଅଫିସ୍‌ରେ ସମ୍ପର୍କ ଧୀରେ ଧୀରେ ଆଗକୁ ବଢ଼ିଥାଏ। ଏପରିକି ଅଫିସ୍‌ରେ ପରସ୍ପର ସହିତ କଥା ହେବା ଓ ପରସ୍ପରକୁ ବୁଝିବା ଲାଗି ବି ସମୟ ମିଳିଥାଏ। ଅନ୍ୟପଟେ କୋ-ୱାର୍କର ଡେଟିଂ ଧାରାର ନକାରାତ୍ମକ ଦିଗ ବି ଅଛି।

କୌଣସି କାରଣ ପାଇଁ ଯଦି ସମ୍ପର୍କ ଭାଙ୍ଗିଯାଏ, ତା'ପରେ ପ୍ରତିଦିନ ସେହି ବ୍ୟକ୍ତିଙ୍କ ସହ କାମ କରିବା ସହଜ ହୋଇ ନ ଥାଏ। ଏହା ଦ୍ୱାରା ଉଭୟଙ୍କୁ ଅସହଜ ଲାଗେ। ସେହିପରି ଅନେକ ସମୟରେ ଏହାର ପ୍ରଭାବ କାମ, ଅଫିସ୍ ପରିବେଶ ଓ କ୍ୟାରିୟର ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ କୋ-ୱାର୍କର ଡେଟିଂର ଉଭୟ ଭଲ ଓ ଖରାପ ଦିଗ ଥିବା ଡେଟିଂ କୋଚ୍ କହନ୍ତି। ଯଦିଓ ଲୋକେ ନିଜର ଅଧିକାଂଶ ସମୟ ଅଫିସ୍ ସହକର୍ମୀଙ୍କ ସହ ଅତିବାହିତ କରନ୍ତି, ତେଣୁ କୋ-ୱାର୍କର ସହିତ ଡେଟ୍ ଦେଖା ଦିଏ। ତେବେ ଏଭଳି ସ୍ଥିତିରେ ଜଣକ ସହ ନିଜକୁ ସୀମିତ ନ ରଖି ନିଜ ପାଇଁ କ'ଣ ଠିକ୍ ଓ ଭୁଲ ଆହୁରି ଜାଣିବା ପାଇଁ ଅଫିସ୍‌ରେ ବନ୍ଧୁତା ବଢ଼ାଇବା ଦରକାର। ଏହା ଦ୍ୱାରା ନୂଆ ଲୋକଙ୍କ ସହିତ ଭେଟ ହୁଏ ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

## ସାମାଜିକ ଗଣମାଧ୍ୟମରେ କ'ଣ ପୋଷ୍ଟ କରିବେ ନାହିଁ



**ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ, ଲିଙ୍କଡ୍‌ଇନ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲୋକଙ୍କ ନିତିଦିନ ଜୀବନର ଅଂଶ ପାଲଟିଛି। ଲୋକ ନିଜ ଫଟୋ, ଚିନ୍ତାଧାରା, କାମ ସମ୍ପର୍କିତ ଅଭିଜ୍ଞତା ଆଦି ଏଥିରେ ସେୟାର୍ କରନ୍ତି। ତେବେ କର୍ମଜୀବୀମାନେ ସାମାଜିକ ଗଣମାଧ୍ୟମରେ କେଉଁ ସବୁ ଜିନିଷ ପୋଷ୍ଟ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

- ଅଫିସ୍ ଦସ୍ତାବିଜ୍, କ୍ଲାଏଣ୍ଟ ତଥ୍ୟ, ନୂଆ ପ୍ରୋଜେକ୍ଟ ପାସ୍‌ୱାର୍ଡ, ମିଟିଂ ନୋଟ୍ ନୂଆ ପ୍ରଡକ୍ଟ ସମ୍ପର୍କିତ ତଥ୍ୟ ସୋସିଆଲ ମିଡିଆରେ ସେୟାର୍ କରିବା ଭଲ ନୁହେଁ। କମ୍ପାନି ଏହାକୁ ଗୋପନୀୟର ଉଲ୍ଲଙ୍ଘନ ବୋଲି ବିଚାର କରେ।
- ସୋସିଆଲ ମିଡିଆରେ କମ୍ପାନି ତଥା ମ୍ୟାନେଜର ବିରୋଧରେ ଅପମାନଜନକ ପୋଷ୍ଟ କରିବା ବୃତ୍ତିଗତ ଜୀବନକୁ କ୍ଷତି ପହଞ୍ଚାଏ।
- ଅଫିସ୍‌ରେ କୌଣସି କର୍ମଚାରୀ, କ୍ଲାଏଣ୍ଟ, ଗ୍ରାହକଙ୍କ ଫଟୋ ଓ ଭିଡିଓକୁ ବିନା ଅନୁମତିରେ ପୋଷ୍ଟ କରିବା ଅନୁଚିତ।
- ଅନେକ ସମୟରେ କର୍ମଚାରୀ ଉତ୍ସାହରେ ଅଫିସ୍, ଫ୍ୟାକ୍ଟ୍ରି, ଲ୍ୟାବ୍, କଂଟ୍ରୋଲ ରୁମ୍, ମିଟିଂ ଫଟୋ ଓ ଭିଡିଓ ପୋଷ୍ଟ କରିଥାନ୍ତି। ସେଥିରେ ସମ୍ବେଦନଶୀଳ ତଥ୍ୟ, ସ୍କ୍ରିନ, ଦସ୍ତାବିଜ, ସୁରକ୍ଷା ବ୍ୟବସ୍ଥା ଥାଏ। ତେଣୁ ଏସବୁ ପୋଷ୍ଟ କରିବା କମ୍ପାନିର ନୀତି ବିରୋଧ ହୋଇପାରେ।
- ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ନେଉଥିଲେ ଏହି ସମୟରେ ପାର୍ଟି, ଯାତ୍ରାର ଫଟୋ ସୋସିଆଲ ମିଡିଆରେ ସେୟାର୍ କରନ୍ତୁ ନାହିଁ। କମ୍ପାନିର ଭରସା ପ୍ରଭାବିତ ହୋଇପାରେ।
- କମ୍ପାନି ଲୋଗୋ, ବ୍ରାଣ୍ଡ ତଥା ନାଁ ବ୍ୟବହାର କରିବା ସମୟରେ ସୋସିଆଲ ମିଡ଼ିଆ ପଲିସି ଉପରେ ଦୃଷ୍ଟି ଦେବା ଆବଶ୍ୟକ।
- ଅଫିସ୍‌ରେ ଖରାପ ଦିନ ପରେ ତୁରନ୍ତ ସୋସିଆଲ ମିଡିଆରେ ଭାବନାତ୍ମକ ପୋଷ୍ଟ କରିବା ବନ୍ଦ କରନ୍ତୁ। ଏହା ଅଫିସ୍ ଛବି ଉପରେ ପ୍ରଭାବ ପକାଇପାରେ।

# ଶ୍ରୀଲଙ୍କା ନିକଟରୁ ସିରିଜ୍ ହାରିଲେ ପାକିସ୍ତାନୀ ମହିଳା




ଦାମ୍ବୁଲା,୪।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ପାକିସ୍ତାନ ମହିଳା ଟିମ୍ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି । ଶେଷ ମ୍ୟାଚ୍‌ରେ ହାରିଥିଲେ ମଧ୍ୟ ଏହି ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଶ୍ରୀଲଙ୍କା ୨-୧ରେ ଜିତିନେଇଛି । ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ମଧ୍ୟ ଶ୍ରୀଲଙ୍କା ୨-୧ରେ ଜିତିଥିଲା । ଏଠାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ୱିକେଟରେ ୧୧୩ ରନ୍ କରିଥିଲା । ଜବାବରେ ପାକିସ୍ତାନ ୧୮.୨ ଓଭରରେ ୬ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଯାଇଥିଲା । ପାକିସ୍ତାନ ପକ୍ଷରୁ ୩୯ ରନ୍ କରିଥିବା ଆୟେଶା ଜାଫର ଓ ସ୍ପିନର ମାନେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

● ୱେଷ୍ଟଇଣ୍ଡିଜ୍-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

## ସଫିକ୍‌ଙ୍କ ଶତକ; ପାକିସ୍ତାନ ଅଗ୍ରଣୀ

ପୋର୍ଟ ଅଫ୍ ସ୍ପେନ୍,୪।୮ (ଏଜେନ୍ସି): ଅବଦୁଲ୍ଲା ସଫିକ୍ ଓ ବାବର ଆଜମଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି । ଜଷ୍ଟିନ୍ ଗ୍ରିଭସ (୭୩) ଓ ଅଧିନାୟକ ରୋଷ୍ଟୋନ ଚେଜ୍ (୭୦)ଙ୍କ ଅର୍ଦ୍ଧଶତକ ବଳରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୩୪୪ ରନ୍ କରିଥିଲା । ଜବାବରେ ତୃତୀୟ ଦିନ ଶେଷ ଖବର ସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ୬ ୱିକେଟରେ ୩୬୭ ରନ୍ କରିଥିଲା । ଏହି ସମୟରେ ସଫିକ ୧୫୩ ରନ୍‌ରେ ଅପରାଜିତ ଥିଲାବେଳେ ବାବର ଆଜମ ୮୮ ରନ୍ କରିଥିଲେ । ଦଳର ଓପନର ଆଜନ ଆୱେସ ୫୫ ଓ ଇମାମ-ଉଲ-ହକ୍ ୧୪ ରନ୍ କରି ଆଉଟ ହୋଇଥିଲେ । ଏଭଳି ନିର୍ଜୀବ ପିଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବା କଷ୍ଟକର ହୋଇପଡ଼ିଥିଲା । ଜୋମେଲ ୱାରିକାନ ୩ ଜଣ ଓ ସମର ଯୋଶେଫ୍ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ୱେଷ୍ଟଇଣ୍ଡିଜ୍ ଇନିଂସରେ ସ୍ପିନର ସାଜିଦ୍ ଖାନ୍‌ଙ୍କୁ ୪ଟି ୱିକେଟ ମିଳିଥିଲା ।

## ଚେନ୍ନଇ ଓପନକୁ ୧୦ କୋଟି




ଚେନ୍ନଇ,୪।୮ (ଏଜେନ୍ସି): ଡବ୍ଲ୍ୟୁଟିଏ-୨୫୦ ଚେନ୍ନଇ ଓପନ ଆୟୋଜନ ଲାଗି ଯେଉଁ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ତାମିଲନାଡୁ ଟେନିସ ସଂଘ ପକ୍ଷରୁ ସଭାପତି ବିଜୟ ଅମୃତରାଜ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ । କିନ୍ତୁ ଏତେ ଅର୍ଥ ରାଶି ସଂଘ ନିକଟରେ ନ ଥିଲା । ଏଣୁ ସେ ସରକାରଙ୍କ ସହାୟତା ଲୋଡିଥିଲେ । ନୂଆ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ବ୍ୟୟ ଅଟକଳର ଅଧା ବା ୧୦ କୋଟି ଟଙ୍କା ଦେବାକୁ ରାଜି ହେବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ ବୋଲି ଅମୃତରାଜ କହିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ନଭେମ୍ବର ୨ରୁ ଆରମ୍ଭ ହୋଇ ୮ରେ ଶେଷ ହେବ । ଏଥିରେ ଏକକ ବିଭାଗରେ ୩୨ଜଣ ଓ ଡବଲ୍ସରେ ୧୬ ଯୋଡି ଖେଳାଳି ଅଂଶଗ୍ରହଣ କରିବେ । ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଅର୍ଥାଭାବ ଯୋଗୁଁ ୨୦୨୩ ଓ ୨୦୨୪ରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇ ନ ଥିଲା ।

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସିନ୍ଧୁ ୯ମ, ସାତ୍ୱିକ-ଚିରାଗ ୫ମ ସିଡ୍



ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ରେ ଅଗଷ୍ଟ ୧୭ରୁ ୨୩ ଯାଏ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତା ଲାଗି ସୁପରଷ୍ଟାପିଭି ସିନ୍ଧୁଙ୍କୁ ବାଳିକା ଏକକ ବିଭାଗରେ ୮ମ ସିଡ୍ ମାନ୍ୟତା ମିଳିଛି । ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ । ପ୍ରତ୍ୟେକ କାଟେଗୋରୀରେ ୨ ଜଣ ଲେଖାଏଁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି । ପୁରୁଷ ଏକକରେ ଲକ୍ଷ୍ୟ ସେନ୍‌ଙ୍କୁ ୧୪ତମ ସିଡ୍, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା ଓ ତନିସା କ୍ରାଷ୍ଟୋଙ୍କୁ ୧୫ତମ ସିଡ ମିଳିଛି । ଚଳିତବର୍ଷ ଏପ୍ରିଲ ୨୮ ତାରିଖର ମାନ୍ୟତା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ । ସେହିପରି ଚଳିତବର୍ଷ ଜୁଲାଇ ୨୮ ସୁଦ୍ଧା ବିଶ୍ୱ ର୍‌ୟାଙ୍କିଂ ଅନୁଯାୟୀ ଟୁର୍ଣ୍ଣାମେଣ୍ଟର ସିଡ୍ ସ୍ଥିର ହୋଇଛି ।

# ଅଗଷ୍ଟ ୧୫ରୁ ଟେଷ୍ଟ ସିରିଜ୍

# ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ

ମୁମ୍ବଇ,୪।୮ (ଏଜେନ୍ସି)

ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ ଆରମ୍ଭ ହୋଇଛି । ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଆଜି କଲମ୍ବୋ ଅଭିମୁଖେ ଯାତ୍ରା କରିଛି । ଅଗଷ୍ଟ ୧୫ରୁ ଏହି ଟେଷ୍ଟ ସିରିଜ୍ ଆରମ୍ଭ ହେବ । ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଅଗଷ୍ଟ ୭ରୁ ୯ ତାରିଖ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ । ଏଥିରୁ ଶ୍ରୀଲଙ୍କାକୁ ଭାରତ କିପରି ସମ୍ମାନ ଦେଉଛି ତାହା ସ୍ପଷ୍ଟ ଜଣାପଡୁଛି । ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରି ଦେଶ ଗସ୍ତରେ ଯାଇଥିବା ଭାରତ ଗତ କିଛି ବର୍ଷରେ ଅଭ୍ୟାସ ମ୍ୟାଚ୍ ଖେଳି ନାହିଁ । ଶ୍ରୀଲଙ୍କାର ସ୍ପିନରଙ୍କୁ ମୁକାବିଲା କରିବା ଏହି ଫଟାଫଟ କ୍ରିକେଟରଙ୍କ ଲାଗି ମୁସ୍କିଲ ହେଉଛି । ଏଥିଲାଗି ଏହି ଅଭ୍ୟାସ ମ୍ୟାଚ୍‌ର ବ୍ୟବସ୍ଥା କରାଯାଇଛି । ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଓ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପିଚ୍‌ରେ ସ୍ପିନରମାନେ ବେଶ ପ୍ରଭାବ ବିସ୍ତାର କରିଥାନ୍ତି । ଏଣୁ ସେମାନଙ୍କୁ କିପରି ମୁକାବିଲା କରାଯାଇପାରିବ ତାହା ଭାରତରୁ ଖେଳାଳିମାନେ ପ୍ରସ୍ତୁତି କରିଛନ୍ତି । ଶ୍ରୀଲଙ୍କା ଯିବା ପୂର୍ବରୁ ମୁମ୍ବଇରେ ଦୁଇ ଓପନର ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ବେଶ କିଛି ଦିନ ହେଲା ସ୍ପିନରଙ୍କ ବିପକ୍ଷରେ ଅଭ୍ୟାସ ଚଳାଇଛନ୍ତି ।



### ସୁଦର୍ଶନଙ୍କ ଫିଟ୍‌ନେସ୍‌କୁ ଅପେକ୍ଷା

ଭାରତୀୟ ଟେଷ୍ଟ ଦଳ ଘୋଷଣାବେଳେ ଦୁଇଜଣ ଆହତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଯଶପ୍ରୀତ୍ ବୁମ୍‌ରା ଫିଟ୍ ନ ହେବାରୁ ତାଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି ଓ ତାଙ୍କ ସ୍ଥାନରେ ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀର ଦଳର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି । ଅନ୍ୟତମ ଆହତ ଖେଳାଳି ସାଇ ସୁଦର୍ଶନ ଟିମ୍ ସହ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଫିଟନେସ୍ ପାଇବା ଲାଗି ସଂଘର୍ଷ କରୁଛନ୍ତି । ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଫିଟ୍ କରାଇବ ବୋଲି ଆଶା ରହିଛି । ଦଳ ସହ ସେ ଯାଇ ନ ଥିଲେ ମଧ୍ୟ ଅଗଷ୍ଟ ୭ରେ ଭାରତ ଖେଳିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ରେ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ମେଡିକାଲ ଟିମ୍ ରହିଛି । ସେ ଏବେ ପୂରା ଫିଟ୍ ହୋଇଯାଇଛନ୍ତି ଓ ଆସନ୍ତାକାଲିଠାରୁ ବ୍ୟାଟିଂ ଅଭ୍ୟାସ କରିବେ ବୋଲି ଆଶା କରାଯାଉଛି ।

### ଚୂଡାନ୍ତ ଏକାଦଶରେ ୨ ପେସ୍, ୩ ସ୍ପିନର

ଶ୍ରୀଲଙ୍କାରେ ଭାରତ ୨ ଜଣିଆ ପେସ୍ ବୋଲରଙ୍କୁ ଖେଳାଇବାର ସମ୍ଭାବନା ଅଧିକ । ଏପରି ହେଲେ ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ରଥମ ପସନ୍ଦର ବୋଲର ଭାବେ ନିଆଯିବ । ଏମାନଙ୍କ ମଧ୍ୟରୁ ଯଦି କେହି ଆହତ ହୁଅନ୍ତି, ତେବେ ଗୁରନୁର ବ୍ରାରଙ୍କୁ ସୁଯୋଗ ମିଳିବ । ଭାରତ ଦଳରେ ୪ଜଣ ସ୍ପିନରଙ୍କୁ ସାମିଲ କରିଥିଲାବେଳେ ୩ଜଣ ନିଶ୍ଚିତ ଖେଳାଇବ । ଦୁଇ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଓ ମାନବ ସୂତାରଙ୍କୁ ସହ ଅଫ୍ ସ୍ପିନର ସାରାଂଶ ଜୈନ ଡେବ୍ୟୁ କରିପାରନ୍ତି । କୁଲଦୀପ ଯାଦବଙ୍କୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ ।

### ଟେଷ୍ଟ ସିରିଜ୍ ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୭ରୁ୦୯।୮ | ଅଭ୍ୟାସ ମ୍ୟାଚ୍ | ଏସ୍ଏସ୍‌ସି |
| ୧୫ରୁ୧୯।୮ | ପ୍ରଥମ ଟେଷ୍ଟ | ଗଲ୍ |
| ୨୩ରୁ୨୭।୮ | ଦ୍ୱିତୀୟ ଟେଷ୍ଟ | ଏସ୍ଏସ୍‌ସି |

ବିଦ୍ର: ଏସ୍ଏସ୍‌ସି- ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍, କଲମ୍ବୋ ।

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ସୋନି ଲିଭ୍ ।

### ଭାରତ ସପକ୍ଷରେ ରେକର୍ଡ

ଶ୍ରୀଲଙ୍କାରେ ଭାରତ ଶେଷଥର ଲାଗି ୨୦୧୭ରେ ଟେଷ୍ଟ ସିରିଜ୍ ଖେଳିଥିଲା । ଏହା ପରେ ଦୁଇଟି ଟେଷ୍ଟ ସିରିଜ୍ ଆୟୋଜିତ ହୋଇଥିଲାବେଳେ ଉଭୟ ଭାରତରେ ଖେଳାଯାଇଥିଲା । ୨୦୧୭ରେ ଭାରତ ୩-୦ରେ ଟେଷ୍ଟ ସିରିଜ୍ ଜିତିଥିଲା । ଭାରତ ବିପକ୍ଷରେ ଶ୍ରୀଲଙ୍କା ଶେଷଥର ଲାଗି ୨୦୦୮ରେ ଟେଷ୍ଟ ସିରିଜ୍ ଜିତିଥିଲା । ଘରୋଇ ଦଳ ୨-୧ରେ ଏହାକୁ କବ୍‌ଜା କରିଥିଲା । ଏହା ମଧ୍ୟରେ ୧୯୮୨ରୁ ଏଯାଏ ଦୁଇ ଦେଶ ମଧ୍ୟରେ ୪୬ଟି ଟେଷ୍ଟ ଆୟୋଜିତ ହୋଇସାରିଛି । ଏଥିରେ ଭାରତ ୨୨ଟି ଓ ଶ୍ରୀଲଙ୍କା ୭ଟିରେ ଜିତିଛି । ଭାରତରେ ଖେଳାଯାଇଥିବା ଟେଷ୍ଟରେ ଏଯାଏ ଶ୍ରୀଲଙ୍କା ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍‌ରେ ଜିତନାହିଁ । କିନ୍ତୁ ଶ୍ରୀଲଙ୍କାରେ ଖେଳାଯାଇଥିବା ୨୪ ଟେଷ୍ଟ ମଧ୍ୟରୁ ଭାରତ ୯ଟିରେ ଓ ଶ୍ରୀଲଙ୍କା ୭ଟିରେ ବିଜୟୀ ହୋଇଛି । ୨୦୧୫ରେ ଶେଷଥର ଲାଗି ଶ୍ରୀଲଙ୍କା ନିକଟରୁ ଭାରତ ଟେଷ୍ଟ ମ୍ୟାଚରେ ପରାଜିତ ହୋଇଥିଲା ।

### ୪ ଜଣ ସ୍ପିନର ନେଟ୍ ବୋଲର

ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କୁ ନେଟ ବୋଲର ଭାବେ ନିଆଯାଇଛି । ସେମାନେ ହେଲେ ଅଫ୍ ସ୍ପିନର ତନୁସ କୋଟିଆନ୍, ବାହମତୀ ରିଷ୍ଟ ସ୍ପିନର ଶିବାଙ୍ଗ କୁମାର, ଲେଗ୍ ସ୍ପିନର ବିପରାଜ ନିଗମ ଓ ବାମହାତୀ ଅର୍ଥୋଡକ୍ସ ବୋଲର ହର୍ଷ ଦୁବେ ।

**ଭାରତୀୟ ଦଳ** : ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍, ଋଷଭ ପନ୍ତ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଆକ୍ୱିବ ନବି, କୁଲଦୀପ ଯାଦବ, ଦେବଦତ୍ତ ପାଡିକଲ ।

## ମହିଳା ଏସିଆ କପ୍ ୟୁଏଇରେ

ଦୁବାଇ,୪।୮ (ଏଜେନ୍ସି): ମହିଳା ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଥର ୟୁଏଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହାର ଭେନ୍ୟୁ ଓ ତାରିଖ ଏସିଆନ୍ କ୍ରିକେଟ କାଉନ୍ସିଲ ପକ୍ଷରୁ ଘୋଷଣା କରାଯାଇ ନ ଥିଲାବେଳେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଅଂଶଗ୍ରହଣକାରୀ ଟିମ୍ ଗୁଡିକୁ ସୂଚନା ଦେବା ସହ ଓ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ମାଲେସିଆ, ଥାଇଲାଣ୍ଡ ଓ ମାଲେସିଆ ଅଂଶଗ୍ରହଣ କରିବେ । ଟୁର୍ଣ୍ଣାମେଣ୍ଟ ଭେନ୍ୟୁ ଘୋଷଣା କରାଯାଇ ନ ଥିବାରୁ ଟିମ୍ ଗୁଡିକ ଅଡୁଆରେ ପଡ଼ିଛନ୍ତି । ସେହିପରି ଏସିଆ କପ୍ ପରେ ସେପ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନର ନାଗୋୟାଠାରେ ଏସିଆନ୍ ଗେମ୍ସ ଖେଳାଯିବ । ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ହୋଇ ରହିଛି ।

## ଲୌସାନେରେ ନୀରଜ-ଅର୍ସାଦ-ରୁମେଶ ଲଢ଼େଇ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍କଟଲାଣ୍ଡରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ନୀରଜ ଚୋପ୍ରା, ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଅର୍ସାଦ୍ ନଦୀମ ଓ ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥିରାଗେଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା । ଏହି ଚାମ୍ପିଅନଙ୍କୁ ପଛରେ ପକାଇ ରୁମେଶ ଏଠାରେ ଚାମ୍ପିଅନ ହୋଇଥିଲେ । ଏସିଆ ମହାଦେଶର ଏହି ୩ ଜାଭେଲିନ୍ ଫିଙ୍ଗାଳି ବିଶ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି । ଏହି ୩ ଜାଭେଲିନ୍ ଫିଙ୍ଗାଳିଙ୍କ ସହ ବିଶ୍ୱଚାମ୍ପିଅନ କେଶରନ ୱାଲକଟ, ପୂର୍ବ ବିଶ୍ୱଚାମ୍ପିଅନ ଆଣ୍ଡରସନ ପିଟର୍ସ, ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ ଥୋମାସ ରୋହେଲର ପ୍ରମୁଖ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ଡାଇମଣ୍ଡ ଲିଗ୍‌ରେ ଭାଗନେବେ । ଏହା ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାଭେଲିନ୍ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି । ଚଳିତ ସିଜନରେ ରୁମେଶ ଶ୍ରେଷ୍ଠ ସଫଳତା ପାଇଛନ୍ତି ।

# ବିବିଏଲ୍‌ର ସବୁଠାରୁ ଦାମୀ ଖେଳାଳି ହେବେ ଷ୍ଟୋକ୍‌ସ



ସିଡ୍‌ନୀ, ୪।୮ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍‌ସ ବିଗ୍ ବାସ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରନ୍ତି । ବିବିଏଲ୍‌ର ୨୦୨୬-୨୭ ସଂସ୍କରଣ ପୂର୍ବରୁ ଅଲରାଉଣ୍ଡର ଷ୍ଟୋକ୍‌ସଙ୍କୁ କିଣିବା ଦୌଡ଼ର ସର୍ବାଗ୍ରେ ରହିଛି ସିଡ୍‌ନୀ ସିକ୍ସର୍ସ । କିଛି ସପ୍ତାହ ତଳେ ୩୫ ବର୍ଷ ବୟସ୍କ ବେନ୍ ଷ୍ଟୋକ୍‌ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ । ଫଳରେ ଷ୍ଟୋକ୍‌ସ ସାରାବିଶ୍ୱରେ ଫ୍ରାଞ୍ଚାଇଜି କ୍ରିକେଟ୍ ଖେଳିବା ପାଇଁ ଯଥେଷ୍ଟ ସମୟ ପାଇବେ । ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରିକେଟ୍ ଅଷ୍ଟ୍ରେଲିଆ ବିବିଏଲ୍‌ର ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି । ଏହା ଅନୁସାରେ, ବିଦେଶୀ ଖେଳାଳିଙ୍କ ତାଲିକାରୁ ନୁହେଁ; ଏକ ଫ୍ରାଞ୍ଚାଇଜି ନିଜ ଆଡ଼କୁ ଜଣେ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ କରି ତାଙ୍କ ସହ ଦଳର ପ୍ରମୁଖ ଖେଳାଳି ଭାବେ ଚୁକ୍ତି କରିପାରିବ । ଏକ ରିପୋର୍ଟ ଅନୁସାରେ, ବେନ୍ ଷ୍ଟୋକ୍‌ସଙ୍କୁ କିଣିବା ପାଇଁ ସିଡ୍‌ନୀ ସିକ୍ସର୍ସ ୬ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫ କୋଟି ୭୨ ଲକ୍ଷ ଟଙ୍କା) ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି । ଏପରି ହେଲେ ଷ୍ଟୋକ୍‌ସ ବିବିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବେ । ସିଡ୍‌ନୀ ସିକ୍ସର୍ସ ଦଳ ଷ୍ଟୋକ୍‌ସଙ୍କୁ ନେବା ପାଇଁ ଯୋଜନା କରିଥିବା ବେଳେ ହୋବାର୍ଟ ହରିକେନ୍‌ସ ମଧ୍ୟ ତାଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଛି । ଏହାସହ ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନର ଫିନ୍ ଆଲେନ୍‌ଙ୍କୁ ନେବା ପାଇଁ ବିବିଏଲ୍‌ର ଏକାଧିକ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି । ଗତବର୍ଷ ପର୍ଥ ସ୍କର୍ଚର୍ସ ପାଇଁ ଖେଳି ଫିନ୍ ଆଲେନ୍ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ସର୍ବାଧିକ ୪୬୬ ରନ୍ କରିଥିଲେ । ପୁଣି ଏକ ସଂସ୍କରଣରେ ଆଲେନ୍ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ । ଫଳରେ ପର୍ଥ ସ୍କର୍ଚର୍ସ ୬ଷ୍ଠ ଥର ବିବିଏଲ୍ ଚାମ୍ପିଅନ୍ ହୋଇଥିଲା । ଏବେ ଇଂଲଣ୍ଡରେ ଚାଲିଥିବା ଦିନିକିଆ କପ୍‌ରେ ଷ୍ଟୋକ୍‌ସ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି । ତାଙ୍କର ଫର୍ମ ଓ ଅଭିଜ୍ଞତା ଯୋଗୁଁ ଷ୍ଟୋକ୍‌ସଙ୍କୁ ନେବା ପାଇଁ ବିବିଏଲ୍ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି । ୨୦୧୪-୧୫ରେ ଷ୍ଟୋକ୍‌ସ ମେଲ୍‌ବୋର୍ଣ୍ଣ ରେନେଗେଡ୍‌ସ ପାଇଁ ବିବିଏଲ୍ ଖେଳିଥିଲେ ହେଁ ଭଲ ପ୍ରଦର୍ଶନ କରି ପାରିନଥିଲେ ।

# ରିୟାନ୍, ଦିଲୀପଙ୍କୁ ଧନ୍ୟବାଦ ଦେଲା ବିସିସିଆଇ





ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଜିମ୍ବାୱେ ଗସ୍ତ ପରେ ଭାରତୀୟ କ୍ରିକେଟ୍ ଦଳର ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍ଡିଂ ପ୍ରଶିକ୍ଷକ ଟି. ଦିଲୀପଙ୍କ ଚୁକ୍ତି ଅବଧି ବଢ଼ାଇନାହିଁ ବିସିସିଆଇ । ନେଦରଲାଣ୍ଡସର ଡୋସ୍କାଟେ ଆଇପିଏଲ୍ ଦଳ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଥିବା ବେଳେ ଦିଲୀପଙ୍କ ସ୍ଥାନରେ ଶୁଭଦୀପ ଘୋଷ ଫିଲ୍ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଦୁଇ ବିଦାୟୀ ପ୍ରଶିକ୍ଷକ ଡୋସ୍କାଟେ ଓ ଦିଲୀପଙ୍କୁ ଭାରତୀୟ ଦଳ ପାଇଁ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଛି ବିସିସିଆଇ । ତା'ର ଏକ୍ସ ପୃଷ୍ଠାରେ ବିସିସିଆଇ ଲେଖିଛି- ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍ଡିଂ ପ୍ରଶିକ୍ଷକ ଟି. ଦିଲୀପଙ୍କୁ ଧନ୍ୟବାଦ । ତୁମର ନିଷ୍ଠା, ପେସାଦାର ମନୋବୃତ୍ତି ଓ ଅକ୍ଳାନ୍ତ ପ୍ରଚେଷ୍ଟା ଦଳର ଯାତ୍ରା ଓ ସଫଳତାରେ ବଡ଼ ଭୂମିକା ଥିଲା । ତୁମ ଜୀବନର ପରବର୍ତ୍ତୀ ଅଧ୍ୟାୟ ପାଇଁ ଉଭୟଙ୍କ ସଫଳତା କାମନା କରୁଛୁ । ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଥିଲେ । ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା । ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇ ନଥିଲା । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ, ପେସ୍ ବୋଲିଂ ପ୍ରଶିକ୍ଷକ ମର୍ନେ ମର୍କେଲ ଓ ସ୍ପିନ୍ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ସ୍ଥାନ ବଜାୟ ରଖିଛନ୍ତି ।

# ମହମ୍ମଦ ସାମିଙ୍କୁ ଅଗରକରଙ୍କ ସ୍ପଷ୍ଟ ବାର୍ତ୍ତା

# ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ଦଳରେ ସ୍ଥାନ ନାହିଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି)





ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆହତ ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରା ବାଦ୍ ପଡ଼ିଛନ୍ତି । ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ମନୋନୟନ କମିଟି ବୁମ୍‌ରାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେ ସାମିଲ କରିଛି । ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରଥମଥର ଜାମ୍ମୁ-କାଶ୍ମୀରକୁ ରଣଜୀ ଟ୍ରଫି ଆମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆକ୍ୱିବ୍ ନବି ପୁରସ୍କୃତ ହେବାକୁ ସମସ୍ତେ ପ୍ରଶଂସା କରିଛନ୍ତି । ତେବେ ଏହି ନିଷ୍ପତ୍ତି ବରିଷ୍ଠ ଭାରତୀୟ ଫାଷ୍ଟବୋଲର ମହମ୍ମଦ ସାମିଙ୍କ ବର୍ତ୍ତମାନର ସ୍ଥିତିର କଠୋର ବାସ୍ତବତାକୁ ମଧ୍ୟ ଦର୍ଶାଉଛି । ୨୦୨୫ରେ ସାମି ଶେଷଥର ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ । ତେବେ ୨୦୨୩ ପରଠାରୁ ମହମ୍ମଦ ସାମି ଜାତୀୟ ଦଳ ପାଇଁ କୌଣସି ଟେଷ୍ଟ ଖେଳିନାହାଁନ୍ତି । ଭାରତ ପାଇଁ ସାମି ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ । ଆରମ୍ଭରୁ ଖରାପ ଫିଟ୍‌ନେସ୍ ଯୋଗୁଁ ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନଥିଲା । ତେବେ ଗତବର୍ଷ ଘରୋଇ କ୍ରିକେଟ୍‌ରେ ନିୟମିତ ଭଲ ପ୍ରଦର୍ଶନ ମଧ୍ୟ ତାଙ୍କୁ ଭାରତୀୟ ଦଳକୁ ଫେରାଇ ଆଣି ପାରିନଥିଲା । ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଅଜିତ ଅଗରକରଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଛି । ଜବାବରେ ଆଗରକର କହି ଆସୁଛନ୍ତି ଯେ ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ଆବଶ୍ୟକ ଫିଟ୍‌ନେସ ସାମିଙ୍କର ନାହିଁ । ତେବେ ସାମି ଗତବର୍ଷ ବଙ୍ଗଳା ପାଇଁ ଗତ ୭ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳି ୧,୩୮୩ଟି ବଲ୍ ପକାଇଛନ୍ତି ଏବଂ ୧୬.୭୨ ଆଭ୍‌ରେଜରେ ୩୭ଟି ୱିକେଟ୍ ନେଇଛନ୍ତି । ଏହି ସମୟରେ ମହମ୍ମଦ ସାମି ୫୦ଟି ମେଡେନ୍ ଓଭର ପକାଇଛନ୍ତି ଏବଂ ୩ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଛନ୍ତି । ୯୦ ରନ୍‌ରେ ୮ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସେହି ରଣଜୀ ଟ୍ରଫିରେ ଆକିବ୍ ନବି ଦେଶର ସମସ୍ତ ଫାଷ୍ଟବୋଲରଙ୍କୁ ପଛରେ ପକାଇ ଦେଇଥିଲେ । ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ । ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ଏବଂ ୭ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଥିଲେ । ତେଣୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଆକିବ୍ ନବି ହକ୍‌ଦାର ଥିଲେ । ପରୋକ୍ଷରେ ହେଉ ପଛେ; ମହମ୍ମଦ ସାମିଙ୍କ ପାଇଁ ଅଗରକରଙ୍କ ବାର୍ତ୍ତା ବହୁତ ସ୍ପଷ୍ଟ । ଯଦି ଏହି ଭେଟେରାନ୍ ଫାଷ୍ଟବୋଲର ଭାରତୀୟ ଟେଷ୍ଟ ଦଳକୁ ଫେରିବାକୁ ଚାହାନ୍ତି; ତେବେ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରହି ନିୟମିତ ପ୍ରଥମଶ୍ରେଣୀ (ରଣଜୀ ଓ ଦୁଲିପ ଟ୍ରଫି) ମ୍ୟାଚ୍ ଖେଳିବାକୁ ପଡ଼ିବ ଏବଂ ଘରୋଇ କ୍ରିକେଟ୍‌ର ଅନ୍ୟ ଫାଷ୍ଟବୋଲରଙ୍କଠାରୁ ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ । କାରଣ ଆନ୍ତର୍ଜାତିକ କ୍ରିକେଟ୍ ଖେଳିନଥିବା ପେସ୍ ବୋଲର ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ନିୟମିତ ଭାବେ ୱିକେଟ୍ ନେଇ ଦଳକୁ ଜିତାଉଛନ୍ତି । ଏପରି କରି ସେମାନେ ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ଦାବିଦାର ହେଉଛନ୍ତି । ତେଣୁ ଟେଷ୍ଟ ଦଳକୁ ଫେରିବାକୁ ହେଲେ ଏପରି ପେସ୍ ବୋଲରଙ୍କ ତୁଳନାରେ ସାମିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ ।

## ଫାଓ ଲିଗ୍‌ରେ ମୁସ୍ତାକିମ୍‌ଙ୍କ ହ୍ୟାଟ୍ରିକ୍

# ଚୌଦ୍ୱାରର ବୃହତ୍ ବିଜୟ



ଭୁବନେଶ୍ୱର,୪।୮ (ସମିସ): କଟକରେ ଚାଲିଥିବା ଫାଓ ଲିଗ୍‌ର ଆଜିର ମୁକାବିଲାରେ ଚୌଦ୍ୱାରର ୱାଇଏ ଫୁଟବଲ କ୍ଲବ୍ ୭-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବ୍‌କୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ବିଜୟୀ ଚୌଦ୍ୱାର ଦଳ ପକ୍ଷରୁ ମୁସ୍ତାକିମ୍ ଖାନ୍ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ । ରାଜେଶ କୁମାର ବେହେରା ୨ଟି ଓ ତ୍ରିଦେବ ମୁଖୀ ଗୋଟିଏ ଗୋଲ ଦେଇଥିଲେ । ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଚୌଦ୍ୱାର ଟିମ୍ ୫-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା । ପରାଜିତ ଚାଉଳିଆଗଞ୍ଜ କ୍ଲବ୍ ପକ୍ଷରୁ କେହି ଗୋଲ ସ୍କୋର କରି ପାରି ନ ଥିଲେ । ଏହି ବିଜୟ ଫଳରେ ଚୌଦ୍ୱାର ପୂରା ପଏଣ୍ଟ ପାଇ ଟେବଲର ଉପରକୁ ଉଠିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS